# ରଥକନା କାମ ଅନୁକୂଳ

ପୁରୀ ଅଫିସ,୧୯।୬

ପାରମ୍ପରିକ ଭାବେ ପଟିଦିଅଁ ପୂଜାର ଗୋଟିଏ ଦିନ ପରେ ଅର୍ଥାତ୍ ବୁଧବାର ରଥକନା କାମ ଅନୁକୂଳ ହୋଇଛି ବୋଲି ଦରଜି ସର୍ଦ୍ଦାର ପ୍ରକାଶ ମହାପାତ୍ର କହିଛନ୍ତି। ପ୍ରକାଶଙ୍କ ନେତୃତ୍ୱରେ ୧୨ଜଣ ଦରଜି ଏହି କାର୍ଯ୍ୟରେ ଲାଗିଛନ୍ତି। ପ୍ରଥମ ଦିନରେ ରଥର ବତା, ଦୁଆରବେଢା ଓ ଅଲାଁଶ୍ରୀ କାମ ଅନୁକୂଳ ହୋଇଛି। ତାଙ୍କ ସୂଚନା ଅନୁଯାୟୀ, ମୋଟ ୧୨୫୦ମିଟର କନା ଲାଗିଥାଏ। ସେଥିରୁ ନନ୍ଦିଘୋଷ ଓ ତାଳଧ୍ୱଜ ରଥରେ ୪୨୫ମି ଏବଂ ଦର୍ପଦଳନ ରଥରେ ୪ଶହ ମିଟର କପଡ଼ା ଲାଗେ। ନନ୍ଦିଘୋଷର ହଳଦିଆ ଓ ନାଲି କନା, ତାଳଧ୍ୱଜ ରଥର ନାଲି ଓ ସବୁଜ ଏବଂ ଦର୍ପଦଳନ ରଥ ପାଇଁ ନାଲି ଓ କଳା କନା ଆସିଛି। ନିର୍ଦ୍ଧାରିତ ସମୟରେ ତିନିରଥର କପଡ଼ା କାମ ଶେଷ କରାଯିବ।



ରଥ ପାଇଁ କନା ପ୍ରସ୍ତୁତ କରାଯାଉଛି।

ରଥଖଳାରୁ...



# ଚାଲିଛି ଛନ୍ଦା ଗୟଲ ମୋଡ଼ା

ପୁରୀ ଅଫିସ,୧୯।୬

ଶ୍ରୀନଅର ସମ୍ମୁଖ ରଥଖଳାରେ ଚାଲିଛି ରଥ ନିର୍ମାଣ। ଦେବସ୍ନାନ ପୂର୍ଣ୍ଣମୀରେ ତିନିରଥର ଚାରି ନାହାକ ଉଠିବା ପରେ ଛନ୍ଦା ଗୟଲ ମୋଡ଼ା ଚାଲିଛି। ତିନି ରଥରେ ୬ଟି ଲେଖାଏ ଗୟଲ ଲାଗିଥାଏ। ବୁଧବାର ତିନିରଥର ୪ଟି ଲେଖାଏ ଛନ୍ଦାଗୟଲ ମୋଡ଼ାଯାଇଛି। ସେଥିରେ ଗୟଲ କଣ୍ଟା ପିଟି ସାଇଜ କରାଯାଉଛି। ବଳକା ୬ଟି ଛନ୍ଦା ଗୟଲ ଚଉପଟ ଚାଲିଛି। ସେହିପରି ବୁଧବାରଠାରୁ ଯୋଖା କାଠ ହଣା ଆରମ୍ଭ ହୋଇଛି। ତାଳଧ୍ୱଜ ଓ ନନ୍ଦିଘୋଷର ୧୬ଟି ଲେଖାଏ ଏବଂ ଦର୍ପଦଳନ ରଥର ୧୨ଟି ଯୋଖା ରହିଥାଏ ବୋଲି ରଥ ଅମିନ ଲକ୍ଷ୍ମଣ ମହାରଣା କହିଛନ୍ତି। ପ୍ରଥମ ପର୍ଯ୍ୟାୟରେ ପ୍ରତି ରଥର ୫ଟି ଲେଖାଏଁ ଯୋଖା କାଠ ଦିଆଯାଇଛି। ସେପଟେ ରଥରେ ରୂପକାର ସେବକମାନେ ପଟାଗୁଜରେ ନରବିରାଳ, ସିଂହବିରାଳ ଓ ଗଜବିରାଳ ଖୋଦେଇ କରୁଛନ୍ତି। ନନ୍ଦିଘୋଷ ରଥର ରୂପକାର ସେବକ କାହ୍ନୁ ମହାପାତ୍ର କହିଛନ୍ତି, ପ୍ରଥମେ ଖଡ଼ିରେ ଚିତ୍ର ଅଙ୍କନ କରାଯାଏ। ପରେ ତାହାକୁ ଖୋଦେଇ କରାଯାଏ। ଗୋଟିଏ ଖୋଦେଇ ସମ୍ପର୍ଣ୍ଣ ଲାଗି ୨/୩ ଦିନ ଲାଗେ। ଦୋଳବେଦିରେ କମାର ସେବକମାନେ ଗୟଲ, ଯୋଖା କଣ୍ଟା ପ୍ରସ୍ତୁତ କରୁଛନ୍ତି।

# 'ରଥଖଳା ହେଉଛି ମହାପ୍ରଭୁଙ୍କ ସେବାସ୍ଥଳ'

ଦର୍ପଦଳନ ରଥର ମୁଖ୍ୟ ବିଶ୍ୱକର୍ମା କୃଷ୍ଣଚନ୍ଦ୍ର ମହାରଣା (୮୦)। ରଥଖଳାରେ କାର୍ଯ୍ୟରତ ସେବକମାନଙ୍କ ମଧ୍ୟରୁ ବୟୋଜ୍ୟେଷ୍ଠ। ଏବେ ବି ସେ ବେଶ୍ ଚଳଚଞ୍ଚଳ। ସେ କହିଛନ୍ତି, ୧୦ବର୍ଷ ବୟସରେ ବାପା ରାମ ମହାରଣାଙ୍କ ସହ କାମ କରିବାକୁ ଆସିଥିଲି। ରଥଖଳା ହେଉଛି ମହାପ୍ରଭୁଙ୍କର ଏକ ସେବାସ୍ଥଳ। ରଥରେ ମହାପ୍ରଭୁ ସ୍ୱୟଂ ବିଜେ କରିଥାନ୍ତି। ତେଣୁ ରଥ ନିର୍ମାଣରେ ମନ ନିବେଶ ଲାଗି ବାପା ସବୁବେଳେ ତାଗିଦ୍ କରୁଥିଲେ। ରଥଖଳାର ବିଭିନ୍ନ କାମ ବିଷୟରେ ବାପାଙ୍କଠାରୁ ଜାଣିଥିଲି। ୧୮ବର୍ଷ ବୟସରେ ଶାଢି ବନ୍ଧାଇବା ପରଠୁ ଏହି କାର୍ଯ୍ୟକୁ ଗୁରୁତ୍ୱ ଦେଇଆସିଛି। ଏଠାରେ କାମ କରିବାବେଳେ ଭୋକଶୋଷ ଭୁଲିଯାଏ। ରଥଖଳାକୁ ଆସିବାବେଳେ ମହାପ୍ରଭୁଙ୍କୁ ଗୁହାରି ଜଣାଇଥାଏ। କାମ ଆରମ୍ଭ ଠାରୁ ଶେଷ ପର୍ଯ୍ୟନ୍ତ ତାଙ୍କୁ ସ୍ମରଣ କରିଥାଏ। ତେଣୁ କେବେ କୌଣସି ସମସ୍ୟାର ସମ୍ମୁଖୀନ ହୋଇନାହିଁ। ମୁଖ୍ୟ ବିଶ୍ୱକର୍ମା ଦାୟିତ୍ୱ ସୁଚାରୁ ରୂପେ ତୁଲାଇବା ଲାଗି ମହାପ୍ରଭୁଙ୍କ ନିକଟରେ ସମର୍ପଣ ଓ ନିଷ୍ଠାଭାବ ରହିବା ଜରୁରୀ ବୋଲି ସେ ମତବ୍ୟକ୍ତ କରିଛନ୍ତି।

ମୋ ଅନୁଭୂତିରୁ...



କୃଷ୍ଣଚନ୍ଦ୍ର ମହାରଣା

# ଓଲଟ ଶୁଆଙ୍କ ତାତ୍ତ୍ୱିକ ଭାବ



ପୁରୀ ଅଫିସ, ୧୯।୬

ପରମ କାରୁଣିକ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଘୋଷଯାତ୍ରା ଆଷାଢ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ଅନୁଷ୍ଠିତ ହୋଇଥାଏ। ଭାଇଭଉଣୀଙ୍କୁ ସାଙ୍ଗରେ ନେଇ ମହାପ୍ରଭୁ ନବଦିନାତ୍ମକ ଯାତ୍ରାରେ ଜନ୍ମସ୍ଥାନକୁ ବୁଲି ଯାଇଥାନ୍ତି। ଏଥିନିମନ୍ତେ ଅକ୍ଷୟ ତୃତୀୟାଠାରୁ ରଥଖଳାରେ ତିନିରଥ ନିର୍ମାଣ କରାଯାଇଥାଏ। ଏହି ତିନିରଥରେ ବିଭିନ୍ନ ଅଂଶରେ ଦେବତା ଏବଂ ଅନ୍ୟାନ୍ୟ ଋଷିମାନଙ୍କର ଅବସ୍ଥାନ ଦେଖିବାକୁ ମିଳେ। ସେହିଭଳି ପ୍ରତ୍ୟେକ ରଥର ଊର୍ଦ୍ଧ୍ୱ ଭାଗରେ ୨ଟି ଲେଖାଏ ଶୁଆ ବିପରୀତ ଦିଗକୁ ମୁଖ କରି ରହିଥାନ୍ତି। ଏହାକୁ ଓଲଟ ଶୁଆ କୁହାଯାଏ। ଏହି ଶୁଆ ଶ୍ରଦ୍ଧାଳୁଙ୍କ ଉତ୍କଣ୍ଠା ବଢାଇଥାନ୍ତି। ଏ ସମ୍ପର୍କରେ ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କହିଛନ୍ତି, ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥରେ ଯେଉଁ ଶୁଆ ଦୁଇଟି ରହିଥାନ୍ତି ସେମାନଙ୍କ ନାମ ଜୀବ ଓ ପରମ। ଶ୍ରୀବଳଭଦ୍ରଙ୍କ ତାଳଧ୍ୱଜ ରଥରେ ଯେଉଁ ଶୁକଯୁଗଳ ରହିଥାନ୍ତି ସେମାନଙ୍କର ନାମ ଶ୍ରଦ୍ଧା ଓ ବିଶ୍ୱାସ। ସେହିପରି ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥରେ ବିରାଜିତ ଶୁଆଦ୍ୱୟ ହେଲେ ସୁପର୍ଣ୍ଣ (ସୁନ୍ଦର ପକ୍ଷଯୁକ୍ତ ପକ୍ଷୀ) ଓ ଦ୍ୱାସୁପର୍ଣ୍ଣା।

ନନ୍ଦିଘୋଷ ରଥରେ ବିରାଜିତ ଜୀବ ଓ ପରମ ଦୁହେଁ ପରମବନ୍ଧୁ। ପରମେଶ୍ୱରଙ୍କ ଅଂଶ ଜୀବବ୍ରହ୍ମ। ଜୀବବ୍ରହ୍ମ ଯେବେ ପରମବ୍ରହ୍ମଙ୍କୁ ଜାଣିପାରେ ସେତେବେଳେ ସେ ମୁକ୍ତିଲାଭ କରେ। ଯେ ପର୍ଯ୍ୟନ୍ତ ଜୀବ ପରମର ସାକ୍ଷାତ୍ ନ ହୁଏ ସେ ପର୍ଯ୍ୟନ୍ତ ଜୀବ ବନ୍ଧନରେ ପଡ଼ିଥାଏ ବୋଲି ଏମାନେ ସୂଚାଇ ଦିଅନ୍ତି। ସେହିପରି ଭଗବାନଙ୍କୁ ପାଇବାକୁ ହେଲେ ୨ଟି ବସ୍ତୁର ଆବଶ୍ୟକତା ରହିଛି। ଗୋଟିଏ ଭଗବାନଙ୍କ ପ୍ରତି ଶ୍ରଦ୍ଧା ଓ ଅନ୍ୟଟି ହେଉଛି ବିଶ୍ୱାସ। କଥାରେ ଅଛି 'ବିଶ୍ୱାସେ ମିଳନ୍ତି ହରି ତର୍କେ ବହୁଦୂର'। ଭଗବାନଙ୍କ ପ୍ରତି ଅତୁଟ ଶ୍ରଦ୍ଧା ଓ ବିଶ୍ୱାସ ନ ରହିଲେ ଭଗବତପ୍ରାପ୍ତି ସୁଲଭ ହୋଇ ନ ଥାଏ। ବଳଭଦ୍ରଙ୍କ ରଥରେ ଥିବା ଏହି ଦୁଇଟି ଶୁଆ ବିପରୀତ ମୁଖ ହୋଇ ରହିଥିବା ହେତୁ ଏଥିରୁ ସୂଚନା ମିଳୁଛି ଯେ ପର୍ଯ୍ୟନ୍ତ ଶ୍ରଦ୍ଧା ଓ ବିଶ୍ୱାସ ଦୃଢ ନ ହୋଇଛି ସେ ପର୍ଯ୍ୟନ୍ତ ଭଗବତପ୍ରାପ୍ତି ସମ୍ଭବ ନୁହେଁ। ସେହିପରି ସୁପର୍ଣ୍ଣ ଓ ଦ୍ୱାସୁପର୍ଣ୍ଣା ଶୁକ ଯୁଗଳଙ୍କୁ ଗୋଟିଏ ବୃକ୍ଷର ଦୁଇଟି ପକ୍ଷୀ ଭାବେ କଳ୍ପନା କରାଯାଇଛି। ଶରୀର ରୂପକ ଗୋଟିଏ ବୃକ୍ଷରେ ଜୀବାତ୍ମା ଓ ପରମାତ୍ମା ଦୁଇଟି ପକ୍ଷୀ ବାସ କରୁଛନ୍ତି। ଯେ ପର୍ଯ୍ୟନ୍ତ ଏହି ଦୁଇ ପରସ୍ପରକୁ ଚିହ୍ନି ନ ପାରନ୍ତି ସେ ପର୍ଯ୍ୟନ୍ତ ଦୁଃଖ ରହିଥାଏ। ଯେତେବେଳେ ଜୀବାତ୍ମା ପରମାତ୍ମାକୁ ଚିହ୍ନି ପାରେ ସେତେବେଳେ ସମସ୍ତ ଦୁଃଖ ଲାଘବ ହୁଏ ଏବଂ ଜୀବ ପରମଗତି ଲାଭ କରିଥାଏ ବୋଲି ଡ. ଦାଶ ମତବ୍ୟକ୍ତ କରିଛନ୍ତି।

# ରଥ ନିର୍ମାଣରେ କମାର ସେବା

ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ଚାଲିଛି ରଥ ନିର୍ମାଣ। ତିନି ମୁଖ୍ୟ ବିଶ୍ୱକର୍ମାଙ୍କ ନେତୃତ୍ୱରେ ମହାରଣା, ଭୋଇ, ରୂପକାର, କମାର ଏବଂ କରତି ସେବକମାନେ କାମରେ ବ୍ୟସ୍ତ ରହିଛନ୍ତି। ଦେଳବେଦି କୋଣରେ କମାର ସେବକମାନେ ଲୁହାକଣ୍ଟା ତିଆରିରେ ଲାଗିଛନ୍ତି। ରଥ ନିର୍ମାଣ କ୍ଷେତ୍ରରେ ଏମାନଙ୍କର ମଧ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।

## ଦୋଳବେଦି କମାରଶାଳରେ ହୁଏ କଣ୍ଟା ତିଆରି

ଦୋଳବେଦି କୋଣରେ ଅସ୍ଥାୟୀ କମାରଶାଳ ନିର୍ମାଣ ହୁଏ। ତିନି ରଥ ଲାଗି ଏଠାରେ କମାର ସେବକମାନେ ଲୁହାକଣ୍ଟା ତିଆରି କରନ୍ତି। ତାଳଧ୍ୱଜ ରଥର ଅର୍ଜୁନ ମହାରଣା, ନନ୍ଦିଘୋଷ ରଥର ଦାଶରଥି ମହାରଣା ଏବଂ ଦର୍ପଦଳନ ରଥର କେଦାର ମହାରଣାଙ୍କ ନେତୃତ୍ୱରେ କମାର ସେବକମାନେ କଣ୍ଟା ତିଆରି କରିଥାନ୍ତି। କମାର ସେବକ ଅର୍ଜୁନ ମହାରଣା କହନ୍ତି, ତାଳଧ୍ୱଜ ଓ ନନ୍ଦିଘୋଷ ରଥରେ ୬ଜଣ ଲେଖାଏ ଏବଂ ଦର୍ପଦଳନ ରଥରେ ୫ଜଣଙ୍କୁ ମିଶାଇ ମୋଟ ୧୭ଜଣ କମାର ଏବେ କାମ କରୁଛନ୍ତି। ଅକ୍ଷୟ ତୃତୀୟାରେ ରଥକାଠ ଅନୁକୂଳ ହେବା ପରେ କାମ ଆରମ୍ଭ ହୋଇଥାଏ। ପର୍ଯ୍ୟାୟ କ୍ରମେ ବିଭିନ୍ନ ସାଇଜର କଣ୍ଟା ତିଆରି କରାଯାଏ। ପ୍ରଥମେ ଅରକଣ୍ଟା (୬ଇଞ୍ଚ) ତିଆରି ହୁଏ। ପ୍ରତି ଚକ ପାଇଁ ୩୨କଣ୍ଟା ହିସାବରେ ୪୨ଚକ ଲାଗି ୧୩୪୪ଟି କଣ୍ଟା ତିଆରି କରାଯାଏ। ପରେ ପନ୍ଦରୀ, ବଳା ଓ ପନ୍ଦାରୀ ଚାବି ପ୍ରସ୍ତୁତ କରାଯାଏ। ପନ୍ଦାରୀ ଓ ବଳା ପ୍ରତି ଚକରେ ୨ଟି ଲେଖାଏ ଆବଶ୍ୟକ ହୋଇଥାଏ। ଗୋଟିଏ ଚକରେ ଦୁଇଟି ଲେଖାଏ ଲାଗେ। ଏହାକୁ ତୁମ୍ବ ସାଇଜ ଅନୁସାରେ ତିଆରି କରାଯାଏ। ପନ୍ଦାରୀ ଚାବି (୪ଇଞ୍ଚ) ଗୋଟିଏ ଚକରେ ୪ଟି ହିସାବରେ ତିଆରି ହୋଇଥାଏ। ଦଣ୍ଡା ବିଡ଼ିଆ କଣ୍ଟା (୧୦ରୁ ୧୪ଇଞ୍ଚ) ତାଳଧ୍ୱଜରେ ୩୮, ନନ୍ଦିଘୋଷରେ ୪୦ଟି ଏବଂ ଦର୍ପଦଳନ ରଥରେ ୨୮ଟି ଲାଗେ। ପୋଖରୀଆ କଣ୍ଟା (୧୦ରୁ ୧୨ଇଞ୍ଚ) ତାଳଧ୍ୱଜ ଲାଗି ୪୦, ନନ୍ଦିଘୋଷ ପାଇଁ ୪୮ ଏବଂ ଦର୍ପଦଳନରେ ୩୦ଟି ଲାଗେ। ଗରଗରା କଣ୍ଟା(୧୮ରୁ ୨୨ଇଞ୍ଚ) ପ୍ରତି ରଥରେ ୪ଟି ଲେଖାଏ ଲଗାଯାଏ। ଗୟଲ କଣ୍ଟା ୩ପ୍ରକାର ତିଆରି କରାଯାଏ। ବଡ ଗୟଲ କଣ୍ଟା (୮ରୁ ୧୧ଇଞ୍ଚ) ତିନିରଥ ଲାଗି ୪ଟି ଲେଖାଏ ରହେ। ଛନ୍ଦା ଗୟଲକଣ୍ଟା (୮ରୁ ୧୧ଇଞ୍ଚ) ତାଳଧ୍ୱଜ ଓ ନନ୍ଦିଘୋଷର ୪୪ଟି ଲେଖାଏ ଏବଂ ଦର୍ପଦଳନ ରଥ ୩୨ଟି ଆବଶ୍ୟକ ହୋଇଥାଏ। ଛନ୍ଦାଗୟଲ ସହ ପୋଲ ଗୟଲ କଣ୍ଟା ମଧ ତିଆରି କରାଯାଇଥାଏ। ଯୋଖା କଣ୍ଟା (୮ରୁ ୧୦ଇଞ୍ଚ) ତାଳଧ୍ୱଜ ଓ ନନ୍ଦିଘୋଷର ୧୬ଟି ଲେଖାଏ ଏବଂ ଦର୍ପଦଳନ ରଥରେ ୧୪ଟି ଲଗାଯାଏ। ତିନି ରଥ ଲାଗି ଚଣାକ କଣ୍ଟା (୧୦ରୁ ୧୧ଇଞ୍ଚ) ୮ଟି ଲେଖାଏ କରାଯାଏ। ସେହିପରି ପ୍ରଥମ ଭୂଇଁ କଣ୍ଟା ଓ ଦ୍ୱିତୀୟ ଭୂଇଁ କଣ୍ଟା (୧୦ରୁ ୧୪ଇଞ୍ଚ) ୮ଟି ଲେଖାଏ ଏବଂ ତୃତୀୟ ଭୂଇଁ କଣ୍ଟା (୧୦ରୁ ୧୪ଇଞ୍ଚ) ୪ଟି ଲେଖାଏ ରହେ। କଇଁଚି କଣ୍ଟା ୩ ପ୍ରକାର ତିଆରି ହୁଏ। ମୂଳ କଇଁଚି (୮ରୁ ୧୧ଇଞ୍ଚ) ନନ୍ଦିଘୋଷ ଓ ତାଳଧ୍ୱଜରେ ୧୮ଟି ଲେଖାଏ ଏବଂ ଦର୍ପଦଳନରେ ୮ଟି ଲାଗେ। ମଝି କଇଁଚି (୬ରୁ ୭ଇଞ୍ଚ) ଓ ଅଗ କଇଁଚି (୬ରୁ ୭ଇଞ୍ଚ) ୧୦ଟି ଲେଖାଏ ଏବଂ ଦୁଆର ବେଢା କଣ୍ଟା (୬ରୁ ୭ଇଞ୍ଚ) ୧୧ଟି ଲେଖାଏ ତିଆରି ହୋଇଥାଏ। ପୋଟଲ କଣ୍ଟା (୪.୫ଫୁଟ) ୪ଟି ଲେଖାଏ କରାଯାଏ। ଓଲଟ ଶୁଆ କଣ୍ଟା ଦୁଇ ପ୍ରକାର କରାଯାଏ। ତିନି ରଥର ୬ଟି ଲେଖାଏ ହୋଇଥାଏ। ସେଥିରୁ ବଡ କଣ୍ଟା ୪.୫ ଫୁଟ ଏବଂ ସାନ ଦୁଇଟି କଣ୍ଟା ୬ଇଞ୍ଚ ରହେ। କତରା କଣ୍ଟା (୭ରୁ ୮ଇଞ୍ଚ) ପ୍ରତି ରଥର ୧୬ଟି ଲେଖାଏ ତିଆରି କରାଯାଏ। ଚାର ପରସା କଣ୍ଟା (୧୪ରୁ ୧୫ଇଞ୍ଚ) ୫ଟି ଲେଖାଏଁ ହୋଇଥାଏ। ଚାର ପରସା ଗୁଣ୍ଠି କଣ୍ଟା (୫ରୁ୬ଇଞ୍ଚ) ପ୍ରତି ରଥ ଲାଗି ୧୦ଟି ଲେଖାଏଁ କରାଯାଏ। ଏହାବ୍ୟତୀତ ଅନ୍ୟାନ୍ୟ ଛୋଟବଡ କଣ୍ଟା ମଧ ପ୍ରସ୍ତୁତ କରାଯାଏ।

## ବ୍ୟବହୃତ ସାମଗ୍ରୀ

ଲୁହାକଣ୍ଟା ତିଆରି ଲାଗି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଦୋଳବେଦିରେ ଅସ୍ଥାୟୀ କମାରଶାଳ ନିର୍ମାଣ କରାଯିବା ସହ କୋଇଲା ଯୋଗାଇ ଦିଆଯାଏ। ପ୍ରଥମେ ମାଟିରେ ଭାଟି ତିଆରି ହୁଏ। କୋଇଲା ଜଳିବା ଲାଗି ଏକ ହାତ ବ୍ଲୋର ମେଶିନ, ଷଣ୍ଡୁଆସୀ, ହାତୁଡ଼ି, ହାମର, ମୋଟଲୁହାର ଲାଇନ (କଣ୍ଟା ପିଟିବା ଲାଗି) ଏବଂ ଛେଣି (ଲୁହା କାଟିବା ଲାଗି) ଆଦି ଆବଶ୍ୟକ ହୋଇଥାଏ। ଏହି କାମରେ ଅଧିକ ଶାରୀରିକ ପରିଶ୍ରମ କରିବାକୁ ପଡ଼େ। ସିଂହଦ୍ୱାର ନିକଟରେ ମହାପ୍ରଭୁଙ୍କୁ ପ୍ରଣାମ କରିବା ପରେ ତୁଳସୀ ପାଇ କମାରଶାଳକୁ ଆସିଥାଉ। ତେଣୁ ମହାପ୍ରଭୁଙ୍କ ଆଶୀର୍ବାଦରୁ କେବେ ବି କଷ୍ଟ ଅନୁଭବ ହୋଇ ନ ଥାଏ ବୋଲି ତାଳଧ୍ୱଜ ରଥ କମାରସେବକ ଜଗନ୍ନାଥ ମହାରଣା କହିଛନ୍ତି।



ନନ୍ଦିଘୋଷ ରଥ କଣ୍ଟା ପ୍ରସ୍ତୁତ କରୁଛନ୍ତି କମାର ସେବକ।

# ସ୍ନାନବେଦିରେ ବିଶୃଙ୍ଖଳା ଘଟଣା

# ସିସିଟିଭି ଯାଞ୍ଚ କରିବ ଶ୍ରୀମନ୍ଦିର ପ୍ରଶାସନ



ପୁରୀ ଅଫିସ,୧୯।୬

ସ୍ନାନପୂର୍ଣ୍ଣିମାରେ ମହାପ୍ରଭୁଙ୍କ ସ୍ନାନ ନୀତି ସମ୍ପନ୍ନ ହୋଇଛି। ତେବେ ଶ୍ରୀମନ୍ଦିର ପ୍ରଶାସନର କଟକଣା ସତ୍ତ୍ୱେ ସ୍ନାନବେଦିରେ ବିଶୃଙ୍ଖଳା ହୋଇଛି। ସଂଖ୍ୟାଧିକ ସେବାୟତ ପ୍ରଶାସନର ନୀତିନିୟମକୁ ମାନି ଦାରୁବିଗ୍ରହଙ୍କ ସ୍ନାନନୀତିକୁ ଶୃଙ୍ଖଳିତ କରିଥିବାବେଳେ ଅଳ୍ପ କେତେଜଣ ବ୍ୟବସ୍ଥାବଳୀର ଉଲ୍ଲଂଘନ କରିଛନ୍ତି। ଭକ୍ତଙ୍କଠାରୁ ଫୁଲ ଆଣିବା, ତୁଳସୀ ବାଣ୍ଟିବା ଉପରେ କଟକଣା ଲାଗିଥିଲେ ମଧ କେତେକ ସେବାୟତ ଏହାକୁ ମାନି ନ ଥିଲେ। ଏପରି କି କେତେଜଣ ଠାକୁରଙ୍କୁ ସ୍ପର୍ଶ କରିଥିବା ନେଇ ମଧ ଚର୍ଚ୍ଚା ହେଉଛି। ତେବେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସିସିଟିଭି ଫୁଟେଜ ଯାଞ୍ଚ କରାଯାଇ ବିଶୃଙ୍ଖଳାକାରୀଙ୍କୁ ଚିହ୍ନଟ କରାଯିବ ବୋଲି ସୂଚନା ମିଳିଛି। ଯେଉଁମାନେ ବ୍ୟବସ୍ଥାବଳୀକୁ ଉଲ୍ଲଂଘନ କରିଥିବେ ସେମାନେ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଜଣାପଡ଼ିଛି।

# ଦର୍ଶନୀବନ୍ତରୁ ନୀଳଚକ୍ର ଦର୍ଶନ



**ଐତିହ୍ୟ ପୃଷ୍ଠାରୁ...**

ଗଜପତି ଲାଙ୍ଗୁଳା ନରସିଂହ ଦେବ କୋଣାଦିତ୍ୟ କ୍ଷେତ୍ରରେ ଶ୍ରୀପଦ୍ମକେଶରୀ ମନ୍ଦିର ନିର୍ମାଣ କରାଇବାର ବହୁ ପୂର୍ବରୁ ଓଡ଼ିଶା ସାମରିକ ବାହିନୀର ଏକ ବାଲିଦୁର୍ଗ ଥିଲା ଗୋଲରାଗଡ଼। ସ୍ମରଣଯୋଗ୍ୟ ଯେ, ଓଡ଼ିଶାରେ ବାଲିଦୁର୍ଗ, ଜଳଦୁର୍ଗ, ବନଦୁର୍ଗ ଓ ମାଟିଦୁର୍ଗ ଏହିଭଳି ଭାବରେ ୪ପ୍ରକାର ଦୁର୍ଗ ପ୍ରାଚୀନ କାଳରେ ରହିଥିଲା। ଏହି ବାଲିଦୁର୍ଗଟି କୋଣାର୍କର ପୂର୍ବ ଦିଗକୁ ପାଦଚଲା ରାସ୍ତାରେ ଦେଢକୋଶ ଦୂର। ପୋଥିପତ୍ର କହେ, ଏଇଠି ରହିଥିଲେ ୩୦୦ ମହାରଣା। ଦେଖାରଖା ଦାୟିତ୍ୱରେ ଥିଲେ ଗୋଲରାଗଡ଼ ସାଆନ୍ତ।

ଏହି ବାଲିଦୁର୍ଗର ପାଏ ବାଟ ଦୂରରେ ଜଙ୍ଗଲିଆ ସ୍ଥାନରେ ରହିଛି ଦର୍ଶନୀବନ୍ତ। ସୂର୍ଯ୍ୟଦେବଙ୍କ ନିରାକାର ଉପାସନା କାଳରେ କୋଣାଦିତ୍ୟର ପାଞ୍ଚବନ୍ତ ମଧ୍ୟରୁ ଏହି ବନ୍ତରେ ରହୁଥିଲେ ଯୋଗୀ ଓ ତପସ୍ୱୀ। ବନ୍ତର ଶୀର୍ଷରେ ଠିଆହେଲେ ଦିଶୁଥିଲା ଶ୍ରୀମନ୍ଦିର ନୀଳଚକ୍ର। ଭୋର ବେଳାରେ ଶ୍ରୀନୀଳଚକ୍ରଙ୍କୁ ଦର୍ଶନ କରି ବିଭୋର ହୋଇଯାଉଥିଲେ ସାଧୁସନ୍ଥ। ଅଣାକାର ରହସ୍ୟରେ ସେମାନଙ୍କ ପାଇଁ ଘେନା ହୋଇଥିଲେ ମହାପ୍ରଭୁ। ଅଣାକାରଙ୍କ ପ୍ରତୀକ ଶ୍ରୀସୁଦର୍ଶନ ଚକ୍ରଙ୍କୁ ଦର୍ଶନ କଲା ପରେ ନିରାକାର ଉପାସନାରେ ହଜି ଯାଉଥିଲେ ସଭିଏଁ। ଜନଶ୍ରୁତି ଅଛି ମହାପ୍ରଭୁଙ୍କ ମହାଦୀପ ଦର୍ଶନ ପାଇଁ ଘଣ୍ଟା ଘଣ୍ଟା ଧରି ଏକ-ଗୋଡ଼ିକିଆ ହୋଇ ବାଲିବନ୍ତ ଉପରେ ଛିଡ଼ା ହୋଇରହୁଥିଲେ ସାଧୁ, ସନ୍ଥ। ଆମେ ଜାଣିଛେ ପ୍ରତି ମାସର ଏକାଦଶୀ ତିଥିରେ ଶ୍ରୀମନ୍ଦିର ଉପରକୁ ଜଗତ ମଙ୍ଗଳ କାମନା ପାଇଁ ମହାଦୀପ ଉଠିଥାଏ।

ବର୍ଷକୁ ୨୪ଥର ଭକ୍ତ ଶ୍ରୀମନ୍ଦିର ଚୂଡ଼ାରେ ଅଲଭ୍ୟ ମହାଦୀପଙ୍କୁ ଦର୍ଶନ କରି କୃତାର୍ଥ ହୋଇଥାନ୍ତି।

ଦିନେ ଦେଖାଗଲା ବନ୍ତରୁ ବାଲି ଧୋଇହୋଇଯାଉଛି ବର୍ଷାରେ। ସାମ୍ନାରେ ଗଛସବୁ ବଢି ଚାଲିଛନ୍ତି। ଦୃଶ୍ୟ ହେଲେ ନାହିଁ ସହଜରେ ଶ୍ରୀନୀଳଚକ୍ର। ୧୯୯୯ ମହାବାତ୍ୟା ପରେ ଦର୍ଶନୀବନ୍ତ ପରେ ପୁଣି ଦେଖାଦେଲେ ଚକ୍ରରାଜ। ବାଟଘାଟ ସୁବିଧା ନ ଥିବାବେଳେ ପୁରୁଷୋତ୍ତମକୁ ଆସିପାରୁ ନ ଥିଲେ ସମସ୍ତେ। ମହାପୁରୁଙ୍କ ଯାନିଯାତ୍ରାରେ ସେହିମାନେ ଏକାଠି ହେଉଥିଲେ ବନ୍ତରେ। ଚକ୍ରମଣୋହିରେ ଭୋଗ ଲଗାଉଥିଲେ ଭକ୍ତ। ଆଜି ବି ଚକ୍ରମଣୋହି କରିବା ପାଇଁ ଗହଳି ଲାଗେ ଏଠି। ଭୋଗ ପ୍ରସ୍ତୁତ ହୁଏ। ଚକ୍ରମଣୋହି ହୁଏ। ଏକାଠି ହରିବୋଲ ଦେଇ ପଙ୍ଗତ କରନ୍ତି ଆଖପାଖ ଲୋକେ। ଏହି ହରିବୋଲ ହିଁ ଏକ ସଂହତିର ବାର୍ତ୍ତା, କାହିଁ କେଉଁକାଳରୁ ମହାଦୀପ ପରମ୍ପରାରୁ ସାରା ବିଶ୍ୱକୁ ଏ ବାର୍ତ୍ତା ପ୍ରସାରିତ ହୋଇଆସୁଛି। ସ୍ମରଣଯୋଗ୍ୟ ଯେ, ଦାରୁ (ଦୁଃଖ ଦାରଣ ଯିଏ କରନ୍ତି) ଏବଂ ହରି (ଦୁଃଖ ହରଣ ଯିଏ କରନ୍ତି) ଦୁଇଟିଯାକ ଶବ୍ଦ ଏକାର୍ଥବୋଧକ।

**-ଡ. ସୁରେନ୍ଦ୍ର କୁମାର ମିଶ୍ର**



ଦୋଳବେଦୀ କମାରଶାଳାରେ ଜ୍ୱର ପୀଡ଼ିତ ଶ୍ରୀଜୀଉଙ୍କ ଗୁପ୍ତ ନୀତି ଲାଗି ପ୍ରସ୍ତୁତ ଚାଞ୍ଚରା ଘର।

# ଅଣସର ଘରେ ମହାପ୍ରଭୁଙ୍କ ଉପଚାର ବିଧି

ପୁରୀ ଅଫିସ,୧୯।୬

ମହାପ୍ରଭୁଙ୍କୁ ଜ୍ୱର ହୋଇଛି। ଅଣସର ଘରେ ଚାଲିଛି ଗୁପ୍ତସେବା। ଦଇତାପତି ସେବକମାନେ ଚତୁର୍ଦ୍ଧାବିଗ୍ରହଙ୍କ ସେବାରେ ଲାଗିଛନ୍ତି। ମହାପ୍ରଭୁଙ୍କ ଏହି ୧୫ଦିନ ଉପଚାର ବିଧି ସମ୍ପର୍କରେ ଦଇତାପତି ସେବକ ରାମଚନ୍ଦ୍ର ଦାସମହାପାତ୍ର କହିଛନ୍ତି, ଆଷାଢ କୃଷ୍ଣ ତୃତୀୟାରେ ଠାକୁରଙ୍କ ଓଦା ବସ୍ତ୍ର ଖୋଲାଯାଏ। ଚତୁର୍ଥୀରେ ବର୍ଷସାରା ଲାଗିଥିବା ଚନ୍ଦନ ଓ ବସ୍ତ୍ର ଫିଟା ନୀତି ସମ୍ପନ୍ନ ହୁଏ। ପଞ୍ଚମୀରେ ଓଡ଼ିଆ ମଠ ଏବଂ ମନ୍ଦିର ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଇଥିବା ଫୁଲୁରୀ ତେଲ ଠାକୁରଙ୍କୁ ଲାଗି କରାଯାଏ। ଏହି ତେଲ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଥାଏ। ଷଷ୍ଠୀଠାରୁ ନବମୀ ପର୍ଯ୍ୟନ୍ତ ଠାକୁରଙ୍କୁ ଓଷୁଅ ଲାଗି କରାଯାଇଥାଏ। ଏହି ଓଷୁଅ ଅଣସର ଶୁଦ୍ଧସୁଆରମାନେ ବାଡ଼ ଅନୁଯାୟୀ ଯୋଗାଇଥାନ୍ତି। ଝୁଣା, ରାଶି ତେଲରେ ଏହା ପ୍ରସ୍ତୁତ ହୁଏ। ଦଶମ ଦିନରେ ଶ୍ରୀବିଗ୍ରହଙ୍କ ଚକା ବିଜେ ନୀତି ଅନୁଷ୍ଠିତ ହୋଇଥାଏ। ତିନୋଟି ମୁଗୁନି ପଥରରେ ଚକା ଅଣସର ପିଣ୍ଡିରେ ରଖାଯାଇ ଠାକୁରଙ୍କୁ ଏହା ଉପରକୁ ଦଇତାପତି ସେବକମାନେ ବିଜେ କରାଇଥାନ୍ତି। ଚକା ବିଜେ ପରେ କସ୍ତୁରୀ ଓ କୁଙ୍କୁମର ଏକ ସ୍ୱତନ୍ତ୍ର ଲେପ ଦିଆଯାଏ। ଏହିଦିନ ଚତୁର୍ଦ୍ଧାବିଗ୍ରହ ସାମାନ୍ୟ ଆରୋଗ୍ୟ ଅନୁଭବ କରନ୍ତି। ଏକାଦଶୀ ତିଥିରେ ଖଳି ପ୍ରସାଦ ଲାଗି ହୋଇଥାଏ। ଏହାକୁ ମଧ୍ୟ ଅଣସର ଶୁଦ୍ଧସୁଆର ଯୋଗାଇଥାନ୍ତି। ଅଣସର ଘରେ ପ୍ରବେଶ କରିବାଠାରୁ ଏକାଦଶୀ ପର୍ଯ୍ୟନ୍ତ ଶୁକ୍ଳବସ୍ତ୍ର, ଧଳାଫୁଲ ଓ ବିନା ତୁଳସୀରେ ଠାକୁରଙ୍କ ବେଶ ହୋଇଥାଏ ଏବଂ ଭୋଗ ଲାଗି କରାଯାଇଥାଏ। ଏକାଦଶୀରେ ଦାରୁଦିଅଁଙ୍କ ଶ୍ରୀଅଙ୍ଗରେ ଚନ୍ଦନ ଲାଗି କରାଯାଏ। ରାଜବୈଦ୍ୟଙ୍କ ଘରୁ ଦଶମୀ ଦିନ ଆସିଥିବା ଦଶମୂଳ ମୋଦକ ପତିମହାପାତ୍ର ଲାଗିକରିଥାନ୍ତି। ଏହିଦିନ ଗୀତିଗୋବିନ୍ଦ ଖଣ୍ଡୁଆ, ତୁଳସୀ ଓ ବିଭିନ୍ନ ରଙ୍ଗର ପୁଷ୍ପ ମଧ୍ୟ ପରିଧାନ କରନ୍ତି। ଦଶମୂଳ ସେବନ କରିବା ପରେ ଆରୋଗ୍ୟ ଲାଭ କରନ୍ତି ମହାପ୍ରଭୁ। ଦ୍ୱାଦଶୀରେ ରାଜପ୍ରସାଦ ବିଜେ ଏବଂ ଠାକୁରଙ୍କ ସପ୍ତାବରଣ କାର୍ଯ୍ୟ ଆରମ୍ଭ କରାଯାଏ। ତ୍ରୟୋଦଶୀ ଦିନ ଘଣାଲାଗି ନୀତି ଅନୁଷ୍ଠିତ ହୋଇଥାଏ। ଏହି ଘଣାଲାଗିରେ ଶ୍ରୀବିଗ୍ରହଙ୍କଠାରେ ପାଟଡୋରି ଖଡ଼ି ପ୍ରସାଦ ଓ ଖଳି ପ୍ରସାଦ ଲାଗି କରାଯାଏ। ପରେ ମହାପ୍ରଭୁଙ୍କ ବନକଲାଗି ନୀତି ଅନୁଷ୍ଠିତ ହୋଇଥାଏ। ଚତୁର୍ଦ୍ଦଶୀ ଦିନ ଚାରିଦିଅଁଙ୍କୁ ବଡ଼ସିଂହାର ଭୋଗ ହେବା ପରେ ଅଣସର ଘରେ ପଣା ଓ ଚକଟା ଭୋଗ ହୋଇଥାଏ। ଏହାପରେ ଅଣସର ଘରେ ରହିଥିବା ପ୍ରସାଦ ଏବଂ ଫୁଲ ବାହାର କରାଯିବା ପରେ ଦତ୍ତ ମହାପାତ୍ର ବନକଲାଗି କରିଥାନ୍ତି। ଆଷାଢ ଅମାବାସ୍ୟାରେ ମହାପ୍ରଭୁଙ୍କ ନବଯୌବନ ଦର୍ଶନ ଓ ନେତ୍ରୋତ୍ସବ ଅନୁଷ୍ଠିତ ହୁଏ। ଏହାକୁ ଅତ୍ୟନ୍ତ ପବିତ୍ର ଦିନ ଭାବେ ବିବେଚନା କରାଯାଏ। ୧୪ଦିନ ଧରି ମହାପ୍ରଭୁଙ୍କ ଦର୍ଶନରୁ ବଞ୍ଚିତ ଭକ୍ତମାନେ ମହାପ୍ରଭୁଙ୍କ ଦର୍ଶନ କରିବାର ସୁଯୋଗ ପାଇଥାନ୍ତି। ଏହି ଦୁର୍ଲ୍ଲଭ ଦର୍ଶନ ଲାଗି ଶ୍ରୀକ୍ଷେତ୍ରରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥାଏ ବୋଲି ଦଇତାପତି ସେବକ ଦାସମହାପାତ୍ର କହିଛନ୍ତି।



ଅଣସର ପଣା ପ୍ରସ୍ତୁତ କରୁଛନ୍ତି ଦଇତାପତି ସେବକ।

## ଉତ୍ସବମୁଖର ଅଲାରନାଥଙ୍କ ପୀଠ
# ଦର୍ଶନ କଲେ ୫ ହଜାର ଶ୍ରଦ୍ଧାଳୁ

ବ୍ରହ୍ମଗିରି,୧୯।୬(ଡି.ଏନ.ଏ.)

ସ୍ନାନ ପୂର୍ଣ୍ଣମାରେ ଶ୍ରୀମନ୍ଦିର ସ୍ନାନ ମଣ୍ଡପରେ ଚତୁର୍ଦ୍ଧା ମୂର୍ତ୍ତି ସ୍ନାନ କରିବା ପରେ ହାତୀବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ। ସ୍ନାନ ପରେ ଠାକୁରଙ୍କୁ ଜ୍ୱର ହୋଇଛି। ଉପଚାର ପାଇଁ ଅଣସର ପିଣ୍ଡିରେ ଠାକୁରଙ୍କର ଗୁପ୍ତ ନୀତି ଚାଲିଛି। ମହାପ୍ରଭୁଙ୍କୁ ଦର୍ଶନ କରି ନ ପାରି ଶ୍ରଦ୍ଧାଳୁ ପଟିଦିଅଁଙ୍କୁ ଦର୍ଶନ କରୁଛନ୍ତି। ଏଥିସହ ବ୍ରହ୍ମଗିରିର ଅଲାରନାଥଙ୍କୁ ଦର୍ଶନ କରି ଆତ୍ମସନ୍ତୋଷ ଲାଭ କରୁଛନ୍ତି। ମଙ୍ଗଳବାରଠାରୁ ଅଣସର ଦର୍ଶନ ଆରମ୍ଭ ହୋଇଥିବାରୁ ଅଲାରନାଥ ପୀଠରେ ଉତ୍ସବ ମୁଖରିତ ହୋଇଉଠିଛି। ବୁଧବାର ଦ୍ୱିତୀୟ ଦିନରେ ୫ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଦର୍ଶନ ପରେ ଶ୍ରଦ୍ଧାଳୁମାନେ ଆନନ୍ଦ ବଜାରରେ ଠାକୁରଙ୍କ ପ୍ରସିଦ୍ଧ ଖିରି ଖାଇ ଆତ୍ମବିଭୋର ହୋଇଉଠିଥିଲେ। ଶ୍ରୀମନ୍ଦିର ଆନନ୍ଦ ବଜାରରେ ଅବଢ଼ା ଭଳି ଅଲାରନାଥଙ୍କ ପୀଠରେ ଶ୍ରଦ୍ଧାଳୁମାନେ ଖିରି ଖାଇବାକୁ ଭିଡ଼ ଲଗାନ୍ତି।

ଏ ସମ୍ପର୍କରେ ନୀଳମଣି ସୁଆର କୁହନ୍ତି, ଅଣସର ସମୟରେ ପ୍ରତ୍ୟେକ ଦିନ ପ୍ରାୟ ୪୦ ହଣ୍ଡାରୁ ଊର୍ଦ୍ଧ୍ୱ ଖିରି ପ୍ରସ୍ତୁତ ହୋଇଥାଏ। ଏହି ଖିରି ପ୍ରସ୍ତୁତ ପାଇଁ ୬୦୦ ଲିଟର କ୍ଷୀର, ୩ କୁଇଣ୍ଟାଲ ଚାଉଳ, ୫ କୁଇଣ୍ଟାଲ ଚିନି ଦରକାର ହୋଇଥାଏ। ଏହାକୁ ସ୍ୱାଦଯୁକ୍ତ କରିବା ପାଇଁ ଜାଇଫଳ, ଅଳେଇଚ, ଲବଙ୍ଗ ଖୁଆର ଆବଶ୍ୟକତା ପଡେ। ଏହି ଖିରି ଠାକୁରଙ୍କ ରୋଷଶାଳାରେ ପ୍ରସ୍ତୁତ ହୋଇଥାଏ। ଏହାର ମୂଲ୍ୟ ୧୦ ଟଙ୍କାରୁ ୫୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ଏହି ପ୍ରସାଦକୁ ସାଧାରଣତଃ ମାଟିଓଳିରେ ଦିଆଯାଇଥାଏ।



ନୀଳମଣି ସୁଆର

# ଆସ ଅଲାର ଖାଅ ଖିରି



ଭକ୍ତିରେ ହିଁ ଭଗବାନଙ୍କ ନିକଟତର ହୋଇପାରେ ଭକ୍ତ। ଏହାର ପ୍ରମାଣ ଦେଇ ମହାପ୍ରଭୁ ପାଲଟିଛନ୍ତି ଖିରିଖିଆ ଅଲାରନାଥ। ଏହାର କିମ୍ବଦନ୍ତୀ ଓ କପିଳ ସଂହିତାର ଛବିଶ ଅଧ୍ୟାୟରେ ବର୍ଣ୍ଣିତ ହୋଇଛି। 'ଆସ ଅଲାର ଖାଅ ଖିରି, ବାପା ଯାଇଛନ୍ତି ବାହାର ଗାଁ, ମୁଁ ଜାଣି ନାହିଁ ଦିଅଁଙ୍କ ନା'। ଏହା ଥିଲା ଉପନୟନ ଓ ମନ୍ତ୍ର ଶିକ୍ଷା କରି ନ ଥିବା ୫ ବର୍ଷ ବାଳକର ଅଲାରନାଥଙ୍କ ଉଦ୍ଦେଶ୍ୟରେ ଭକ୍ତିପୂତ ନିବେଦନ। ଏହି ନିବେଦନରେ ସ୍ୱୟଂ ଅଲାରନାଥ ସିଂହାସନରୁ ଓହ୍ଲାଇ ଆସିଥିଲେ। କପିଳ ସଂହିତାର ଛବିଶ ଅଧ୍ୟାୟରେ ବର୍ଣ୍ଣିତ ଅଛି ବିଦ୍ୟାପତି ନୀଳଶୈଳ ଗହ୍ୱରରେ ଶ୍ରୀନୀଳମାଧବଙ୍କୁ ଶବରରାଜା ବିଶ୍ୱାବସୁଙ୍କ ମାଧ୍ୟମରେ ଦର୍ଶନ କଲେ। ଏକଥା ଇନ୍ଦ୍ରଦ୍ୟୁମ୍ନ ମହାରାଜାଙ୍କୁ ଜଣାଇବା ନିମନ୍ତେ ବିଦ୍ୟାପତି ପ୍ରତ୍ୟାବର୍ତ୍ତନ କରିବା ସମୟରେ ନୀଳମାଧବ ନୀଳସୁନ୍ଦରରୁ ଅନ୍ତର୍ଦ୍ଧାନ ହୋଇ ୪ କୋଶ ପଶ୍ଚିମକୁ ଜଣେ ବିଷ୍ଣୁଭକ୍ତ ଆଲାଲ୍ୟ ବ୍ରାହ୍ମଣ ଗୃହରେ ଚତୁର୍ଭୁଜ ନାରାୟଣ ଭାବେ ଅବସ୍ଥାପନ କଲେ। ଏକଦା ଆଲାଲ୍ୟ ବାହାରକୁ ଯାଇଥିବା ବେଳେ ତାଙ୍କ ୫ ବର୍ଷ ପୁଅ ହାତରେ ଠାକୁରଙ୍କ ପୂଜା ଦାୟିତ୍ୱ ଅର୍ପଣ କରିଥିଲେ। ଗରିବ ବ୍ରାହ୍ମଣ ବାଳକଟି ଚାଉଳ ସିଝା (ଖିରି) ନେଇ ଠାକୁରଙ୍କ ସାମ୍ନାରେ ଥୋଇ ଭକ୍ତି ନିବେଦନ କରିଥିଲେ। ନିଜେ ନାରାୟଣ ସିଂହାସନରୁ ଓହ୍ଲାଇ ଆସି ସବୁ ଖିରି ଖାଇ ଦେଇଥିଲେ। ଏକଥା ବ୍ରାହ୍ମଣ ଆସି ଶୁଣି ବିଶ୍ୱାସ କରି ନ ଥିଲେ। ଶେଷରେ ପରଖିବା ପାଇଁ ପୁନର୍ବାର ପୁଅ ହାତରେ ଖିରି ଦେଇ ଦ୍ୱାରର ଜଳା ମଧ୍ୟରେ ଚାହିଁ ରହିଥିଲେ। ସେ ଦେଖିବାକୁ ପାଇଲେ ସ୍ୱୟଂ ମାଧବ ନିଜ ରୂପ ଧରି ଖିରି ଖାଉଛନ୍ତି। ବ୍ରାହ୍ମଣ ଭାବ ବିହ୍ୱଳ ହୋଇ ଦ୍ୱାର ଖୋଲି ଦିଅନ୍ତି ପୁନଶ୍ଚ ମାଧବ ପାଷାଣ ପାଲଟି ଯାଆନ୍ତି। ହେଲେ ଉଚ୍ଛିଷ୍ଟ ଖିରି ଠାକୁରଙ୍କ ଯେଉଁ ଜାଗାରେ ପଡିଥିଲା ତାହା ଫୋଟକାରେ ପରିଣତ ହୋଇଯାଇଥିଲା। ଯାହା ଏବେ ବି ଅଲାରନାଥଙ୍କ ଶରୀରରେ ଦୃଶ୍ୟମାନ ହେଉଛି। ଏକଥା ପ୍ରଘଟ ହେବା ପରେ ମାଧବ ଉକ୍ତ ସ୍ଥାନ ତ୍ୟାଗ କରି ଦାରୁବ୍ରହ୍ମ ଭାବେ ଶ୍ରୀକ୍ଷେତ୍ରରେ ପୂଜା ପାଇଲେ। ଏଠାରେ ଆଲାଲ୍ୟଙ୍କ ଦ୍ୱାରା ପୂଜା ପାଉଥିବାରୁ ମାଧବଙ୍କ ନାମ ଅଲାରନାଥ ନାମରେ ନାମିତ ହେଲା। ସେହିଦିନଠାରୁ ସେହି ବାଳକର ଭକ୍ତିର ନୈବେଦ୍ୟ ଚାଉଳ ସିଝା ବା ଖିରି ଅଲାରନାଥଙ୍କ ପ୍ରିୟଭୋଗ ହୋଇ ରହିଛି।

**-ସ୍ୱାଧୀନ ଚମ୍ପତିରାୟ**

# ପୂର୍ବାଞ୍ଚଳ ବିମାନବନ୍ଦରଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ବୈଠକ

ଭୁବନେଶ୍ୱର,୧୯।୬(ବ୍ୟୁରୋ)

**ଯୋଗଦେଲେ ୮ ବିମାନବନ୍ଦର ନିର୍ଦ୍ଦେଶକ**

ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ(ଏଏଆଇ) ପକ୍ଷରୁ ବୁଧବାର ପୂର୍ବ ଭାରତରେ ଥିବା ବିମାନବନ୍ଦରଗୁଡ଼ିକର ଆଞ୍ଚଳିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ବିମାନବନ୍ଦର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ କୋଲକାତା, ଭୁବନେଶ୍ୱର, ପାଟନା, ରାଞ୍ଚି, ରାୟପୁର, ବଗ୍‌ଡୋଗ୍ରା, ପୋର୍ଟବ୍ଲେୟାର୍ ଓ ଗୟା ବିମାନବନ୍ଦରର କାର୍ଯ୍ୟଧାରା ସମ୍ପର୍କିତ ସମୀକ୍ଷା କରାଯାଇଥିଲା। ଆଇଏଏସ୍ ତଥା ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆର ଚେୟାରମ୍ୟାନ୍ ଜି. ମହାପାତ୍ରଙ୍କ ନେତୃତ୍ୱରେ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ଏହି ଅବସରରେ ବିମାନବନ୍ଦରଗୁଡ଼ିକର କାର୍ଯ୍ୟାବଳୀ ସହ ବିଗତ ବର୍ଷର ରେକର୍ଡକୁ ଯାଞ୍ଚ କରାଯାଇଥିଲା। ଯାତ୍ରୀମାନଙ୍କ ପାଇଁ ଉପଲବ୍ଧ ବିଭିନ୍ନ ସୁବିଧା ସୁଯୋଗ, ବିମାନବନ୍ଦର ଭିତ୍ତିଭୂମିର ବିକାଶ, ରହିଥିବା ସମସ୍ୟା ଏବଂ ଆୟ ତଥା ଲାଭାଂଶ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ବୈଠକରେ ଉପରୋକ୍ତ ସମସ୍ତ ବିମାନବନ୍ଦରର ନିର୍ଦ୍ଦେଶକ ଯୋଗଦେଇ ତଥ୍ୟ ଉପସ୍ଥାପନ କରିଥିଲେ। ଏଏଆଇ ଅଧ୍ୟକ୍ଷଙ୍କ ସହ ଆଞ୍ଚଳିକ ମୁଖ୍ୟ ଏବଂ ବିମାନବନ୍ଦର ନିର୍ଦ୍ଦେଶକମାନେ ବିଭିନ୍ନ ସମସ୍ୟା ଓ ତାହାର ସମାଧାନ ଦିଗରେ ଆଲୋଚନା କରିଥିଲେ।

## ଶ୍ରୀମନ୍ଦିର ମରାମତି କାମ ଅନୁଧାନ କଲେ ଆମିକସ୍ କ୍ୟୁରି
# ହାଇକୋର୍ଟରେ ଦାଖଲ କରିବେ ସତ୍ୟପାଠ

ପୁରୀ ଅଫିସ,୧୯।୬

ଶ୍ରୀମନ୍ଦିର ମରାମତି କାର୍ଯ୍ୟର ତଦାରଖ ପାଇଁ ହାଇକୋର୍ଟଙ୍କ ଦ୍ୱାରା ନିଯୁକ୍ତ ଆମିକସ୍‌କ୍ୟୁରି ଇଂ. ଏନ୍.କେ. ମହାନ୍ତି ବୁଧବାର ଶ୍ରୀମନ୍ଦିରକୁ ଆସି ବିଭିନ୍ନ କାମର ଅନୁଧାନ କରିଛନ୍ତି। ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ଶ୍ରୀମନ୍ଦିରର ମରାମତି କାମ ଏଏସ୍ଆଇ ଶେଷ କରିଛି। ଏହି କାମ କେମିତି ହୋଇଛି ତାହାର ସ୍ଥିତି ପରଖିଛନ୍ତି ଆମିକସ୍‌କ୍ୟୁରି। ଏଥିସହ ନାଟମଣ୍ଡପରେ ଲାଗିଥିବା କ୍ରାକ୍ ମିଟର ଠିକ୍ ଭାବେ ରିଡିଂ କରୁଛି କି ନାହିଁ ତାହା ମଧ୍ୟ ଦେଖିଛନ୍ତି। ଚଳିତ ମାସ ଶେଷ ସୁଦ୍ଧା ସେ ହାଇକୋର୍ଟରେ ସତ୍ୟପାଠ ଦାଖଲ କରିବେ ବୋଲି ଜଣାପଡ଼ିଛି।

ବାତ୍ୟାରେ ଶ୍ରୀମନ୍ଦିରରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ମୁଖ୍ୟମନ୍ଦିରର ୨ଟି ସିଂହ ମୂର୍ତ୍ତି ତଳକୁ ଖସିପଡ଼ିଥିବାବେଳେ ଭୋଗମଣ୍ଡପ କଳସ କ୍ଷତିଗ୍ରସ୍ତ ହୋଇଥିଲା। ସେହିପରି ସିଂହଦ୍ୱାର ପ୍ରବେଶ ପଥରେ ଥିବା ଜୟ ବିଜୟ ମୂର୍ତ୍ତି ମଧ୍ୟରୁ ଜୟ ମୂର୍ତ୍ତି ଭାଙ୍ଗି ଖସିପଡ଼ିଥିଲା। ଏତଦ୍‌ବ୍ୟତୀତ ବେଢା ପରିସର କେତେକ ମନ୍ଦିରରୁ ପ୍ଲାଷ୍ଟର ଖଣ୍ଡ ଛାଡ଼ିଥିଲା ବେଳେ କଳ୍ପବଟ ବି ଭାଙ୍ଗିଥିଲା। ଆଗକୁ ରଥଯାତ୍ରା ଆସୁଥିବାରୁ ଯୁଦ୍ଧକାଳୀନ ଭିତ୍ତିରେ ଏହାର ମରାମତି ଆବଶ୍ୟକ ଥିଲା। ତେଣୁ ମରାମତି କାମକୁ ଜୋର୍‌ଦାର କରିଥିଲା ଏଏସ୍ଆଇ। ମୁଖ୍ୟ ମନ୍ଦିରର ୨ଟି ସିଂହମୂର୍ତ୍ତି, ଭୋଗମଣ୍ଡପ କଳସ ଏବଂ ବେଢା ପରିସର ଅନ୍ୟାନ୍ୟ ମନ୍ଦିରର ଆବଶ୍ୟକ ମରାମତି କାମ ସରିଥିବାବେଳେ ସ୍ନାନପୂର୍ଣ୍ଣିମା ଦିନ ଜୟ, ବିଜୟ ମୂର୍ତ୍ତି ସ୍ଥାପନ ହୋଇଥିଲା। ଏ ସବୁ କାମକୁ ଆମିକସ୍‌କ୍ୟୁରି ବୁଲି ଦେଖିଥିଲେ। ସେହିପରି ନାଟମଣ୍ଡପ ବିମ୍‌ରେ ହୋଇଥିବା ଫାଟ ମେଲୁଛି କି ନାହିଁ ତାହାକୁ ଯାଞ୍ଚ କରିବା ଲାଗି କ୍ରାକ୍ ମିଟର ଲଗାଯାଇଥିଲା। ମାତ୍ର ଏହା ଠିକ୍ ଭାବେ ଲଗାଯାଇ ନ ଥିବାରୁ ଏହାର ମନିଟରିଂ ସିଷ୍ଟମ ଅର୍ଥାତ୍ ରିଡିଂ ଠିକ୍ ହେଉ ନ ଥିଲା। ଏହା ଜଣାପଡ଼ିବା ପରେ ଗତ ୧୪ ତାରିଖରେ ଖଡଗପୁର ଆଇଆଇଟିରୁ ବିଶେଷଜ୍ଞମାନେ ଆସି ଏହାକୁ ମରାମତି କରିଯାଇଛନ୍ତି। ଏହାର ମନିଟରିଂ ସିଷ୍ଟମ ଠିକ୍ ଭାବେ ଚାଲୁଛି କି ନାହିଁ ତାହାକୁ ମଧ୍ୟ ଆମିକସ୍‌କ୍ୟୁରି ଦେଖିଥିଲେ। ଏ ସମ୍ପର୍କରେ ଆମିକସ୍‌କ୍ୟୁରି ଗଣମାଧ୍ୟମକୁ କହିଛନ୍ତି, ବାତ୍ୟାରେ ଶ୍ରୀମନ୍ଦିରରେ ଯାହା କ୍ଷୟକ୍ଷତି ହୋଇଥିଲା ଏଏସ୍ଆଇ ସେସବୁର ମରାମତି କରିଛି। ସତ୍ୟପାଠ ମାଧ୍ୟମରେ ମରାମତି ସମ୍ପର୍କରେ ସେ ହାଇକୋର୍ଟଙ୍କୁ ଅବଗତ କରାଇବେ।




**SHRI JAGANNATH SANSKRIT VISHVAVIDYALAYA, SHRI VIHAR, PURI**

**No. Exam 1432, 2019/S.J.S.V, Puri** **Date: 19.06.19**

It is for the information of all concerned that filling up of forms for the Instant Examination in Upashastri, 2019 shall be conducted as per the programme given below.

| | | |
|---|---|---|
| Availability Forms in University website: www.sjsv.nic.in | : | 20.06.2019 to 24.06.2019 |
| Filling up of Forms & Preparation of Bank Drafts | : | 20.06.2019 to 24.06.2019. |
| Deposit of Forms and Fees in the University | : | 09.07.2019 to 10.07.2019. |
| Date of Examination | : | 25.07.2019. |
| Time of Examination | : | 10 AM to 1.00 PM |

Those regular candidates (Registration batch 2017) who have secured 35% of marks or above in aggregate (i.e. 245 marks or above out of 700) in the Annual Upashastri Examination, 2019 but have got failed in one subject shall be eligible to appear the Instant Examination in the failed subject only. The list of candidates eligible to appear the Instant Examination, 2019 in Upashastri has already been issued to the colleges/ is available in the University office. All the Principals/ H.O.I.s who have not received the list of eligible candidates are requested to collect the same from the University office by 19.06.2019. Candidates desirous of appearing the examination may fill up the forms and deposit the requisite fees in the Colleges as per the programme given above.

The list of examination centres for the instant examination shall be notified in the University website: www.sjsv.nic.in on 19.07.2019.

By order of the Vice-chancellor
**Sd./- Controller of Examinations**



ରାମ ନାମ ପାପୀମାନଙ୍କ ପାଇଁ ପରମ ଔଷଧ। ।
- ମହର୍ଷି ବାଲ୍ମୀକି



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ନୃତ୍ୟାନୁଷ୍ଠାନ ନୃତ୍ୟଶାଳାର ୧୬ତମ ବାର୍ଷିକ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ଲକ୍ଷ୍ମୀ ନାରାୟଣ ରାୟସିଂଙ୍କ ସ୍ମୃତିସଭା, ହୋଟେଲ କେଶରୀ, ସନ୍ଧ୍ୟା ୭ଟା।

**କଟକ**
- କ୍ଷମତା ଏକ୍ସପ୍ରେସ୍‌ର ଉଦ୍‌ଘାଟନ ଉତ୍ସବ, ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ପୂର୍ବାହ୍ନ ୧୦ଟା ୩୦ ।
- ଶିକ୍ଷକ ନେତା, ସାହିତ୍ୟିକ ଡ. ଲକ୍ଷ୍ମୀନାରାୟଣ ରାୟସିଂଙ୍କ ଶ୍ରଦ୍ଧାଞ୍ଜଳି ସଭା, ଓଷ୍ଟା ସମ୍ମିଳନୀ କକ୍ଷ, ନୟାସଡ଼କ, ସନ୍ଧ୍ୟା ୬ଟା ୩୦

**ବାଲିଅନ୍ତା**
- ରଜ ଉପଲକ୍ଷେ ଚଇତାଳି ଘୋଡ଼ା ନାଚ ପରିବେଷଣ, ଭୁବନପୁର, ମା' ଉତ୍ତରମୁଖୀ ପୀଠ, ପୂର୍ବାହ୍ନ ୧୦ଟା।

## ■ କ୍ୟାପିଟାଲ ହସ୍ପିଟାଲ ମର୍ଗ ଫ୍ରିଜର ଅଚଳ

# ମୃତଦେହ ଗନ୍ଧରେ ଫାଟିପଡୁଛି ହସ୍ପିଟାଲ

ଭୁବନେଶ୍ୱର,୧୯।୬(ବ୍ୟୁରୋ)

ରାଜ୍ୟର ପ୍ରମୁଖ ସରକାରୀ ଚିକିତ୍ସାଳୟ କ୍ୟାପିଟାଲ ହସ୍ପିଟାଲର ଶବ ସଂରକ୍ଷଣ ଗୃହ (ମର୍ଗ) ଏବେ ସମ୍ପୂର୍ଣ୍ଣ ଅଚଳ ହୋଇପଡିଛି। ମର୍ଗରେ ଥିବା ଦୁଇଟି ଫ୍ରିଜର ଗୋଟିକ ପରେ ଗୋଟିଏ ଖରାପ ହୋଇପଡିବାରୁ ବ୍ୟବଚ୍ଛେଦ ପାଇଁ ଆସୁଥିବା ମୃତଦେହକୁ ଖୋଲାରେ ରଖାଯାଉଛି। ଫଳରେ ମୃତଦେହର ପଚା ଗନ୍ଧରେ ଫାଟି ପଡୁଛି ହସ୍ପିଟାଲ

- ■ ପ୍ରସୂତି ବିଭାଗରେ ରହି ହେଉନି
- ■ ଖାଦ୍ୟ ଖାଇପାରୁନାହାନ୍ତି ରୋଗୀ
- ■ ବାନ୍ତି କଲେ ପୋଲିସ, ଆମ୍ବୁଲାନ୍ସ ଡ୍ରାଇଭର

ପରିସର। ପଚା ଦୁର୍ଗନ୍ଧରେ ରୋଗୀ ଓ ସମ୍ପର୍କୀୟମାନେ ରହିବା କଷ୍ଟକର ହୋଇପଡୁଛି। ରୋଗୀମାନେ ଖାଦ୍ୟ ଓ ମେଡିସିନ ଠିକ୍ ଭାବେ ଖାଇପାରୁ ନ ଥିବାବେଳେ ଡାକ୍ତର, ନର୍ସ ଓ ଅନ୍ୟ କର୍ମଚାରୀମାନେ ମଧ୍ୟ ଠିକ୍ ଭାବେ ସେବାକାର୍ଯ୍ୟ କରିପାରୁନାହାନ୍ତି। ଏପରିକି ମର୍ଗ ନିକଟରେ ସ୍ତ୍ରୀ ଓ ପ୍ରସୂତି ବିଭାଗ ଥିବାରୁ ସେଠାରେ ଚିକିତ୍ସା ସେବା ବାଧାପ୍ରାପ୍ତ ହୋଇଛି। ସ୍ଥିତି ଏପରି ହୋଇଛି ଏଠାକୁ ଆସୁଥିବା ରୋଗୀ ନାନା ହଟହଟା ହୋଇ ଅନ୍ୟ



ଅଚଳ ହୋଇପଡ଼ିଥିବା ଫ୍ରିଜର।

ହସ୍ପିଟାଲକୁ ଚାଲିଯାଉଥିବା ଦେଖିବାକୁ ମିଳିଛି। ୩ଦିନ ହେବ କ୍ୟାପିଟାଲ ହସ୍ପିଟାଲରେ ଏ ପରିସ୍ଥିତି ଲାଗି ରହିଛି।

ମିଳିଥିବା ସୂଚନାନୁସାରେ, କ୍ୟାପିଟାଲ ହସ୍ପିଟାଲ ମର୍ଗରରେ ୩ଟି ଫ୍ରିଜର ରହିଛି। ପୂର୍ବରୁ ୨ଟି ଖରାପ ହୋଇଯାଇଥିବାବେଳେ ଗତ ୩ଦିନ ତଳେ ଶେଷ ସନ୍ତକଟି ମଧ୍ୟ ଅଚଳ ହୋଇପଡିଛି। ଫଳରେ ବ୍ୟବଚ୍ଛେଦ ପାଇଁ ଆସୁଥିବା ମୃତଦେହକୁ ସେମିତି ଖୋଲାରେ ରଖାଯାଉଛି। ଦିନରେ ମର୍ଗର ଭିତରେ ମରାମତି ଚାଲୁଥିବାରୁ ଆସୁଥିବା ମୃତଦେହକୁ ବାହାରେ ତଳେ ଓ ଗାଡ଼ିରେ ରଖାଯାଉଛି। ଅଧିକାଂଶ ଗଳିତ ହୋଇଥିବାରୁ ହସ୍ପିଟାଲ ପରିସର ପଚାଗନ୍ଧରେ ଫାଟି ପଡୁଛି। ବୁଧବାର ହସ୍ପିଟାଲ ମର୍ଗରକୁ ବିଭିନ୍ନ ଥାନାଞ୍ଚଳରୁ ୬ରୁ ଊର୍ଦ୍ଧ୍ୱ ମୃତଦେହ ବ୍ୟବଚ୍ଛେଦ ପାଇଁ ଆସିଥିଲା। ସେମାନଙ୍କୁ ନେଇ ଆସିଥିବା ପୋଲିସ ଓ ଆମ୍ବୁଲାନ୍ସ ଡ୍ରାଇଭରମାନେ ବାନ୍ତି କରୁଥିବା ଦେଖିବାକୁ ମିଳିଥିଲା।

ହସ୍ପିଟାଲକୁ ରୋଗୀ ନେଇ ଆସିଥିବା କେନ୍ଦ୍ରାପଡାର ଅଜିତ ଦାସ କୁହନ୍ତି, ଏତେ ଗନ୍ଧରେ ରହିବା କଷ୍ଟକର ହୋଇପଡୁଛି। ପ୍ରସୂତି ବିଭାଗରେ ରୋଗୀ ଖାଦ୍ୟ ଖାଇପାରୁ ନାହାନ୍ତି। ମେଡିସିନ ଖାଇବାବେଳେ ମଧ୍ୟ ବାନ୍ତି କରୁଛନ୍ତି। ପଚାଗନ୍ଧରେ କାମ କରିହେଉନି ବୋଲି କହିଛନ୍ତି କେତେଜଣ ନର୍ସ ଓ ଆଟେଣ୍ଡାଣ୍ଟ। ସମସ୍ୟାର ସମାଧାନ ପାଇଁ କେହି ତତ୍ପର ନୁହନ୍ତି। ବଡ଼ ବାବୁମାନେ ଏସି ରୁମରେ ବସୁଥିବାରୁ ସେମାନେ ସମସ୍ୟାକୁ ହୃଦ୍‌ବୋଧ କରିପାରୁ ନାହାନ୍ତି।

ଫ୍ରିଜର ମରାମତି କରୁଥିବା କଲିକତାର ଜଣେ ମିସ୍ତ୍ରି କୁହନ୍ତି, କମ୍ପ୍ରେସର ଖରାପ ହେବା ସହ ଅନ୍ୟ କେତେକ ଯାନ୍ତ୍ରିକ ତ୍ରୁଟି ରହିଛି। ତେବେ କେବେ ଫ୍ରିଜର ମରାମତି ସରିବ ଓ କାର୍ଯ୍ୟକ୍ଷମ ହେବ ସେ ସଂକ୍ରାନ୍ତରେ ମିସ୍ତ୍ରି ଜଣକ ଠିକ୍ ଭାବେ କହିପାରି ନ ଥିଲେ। ଅନ୍ୟପକ୍ଷରେ କ୍ୟାପିଟାଲ ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟ କୁହନ୍ତି, ତିନିଦିନ ହେଲା ଫ୍ରିଜର ଅକାମୀ ହୋଇଯାଇଛି। କଲିକତାରୁ ମିସ୍ତ୍ରି ଆସିବା ପରେ ବୁଧବାରଠାରୁ ମରାମତି କାର୍ଯ୍ୟ ଚାଲିଛି। ଦିନ ତମାମ ବିତିଯାଇଥିଲେ ମଧ୍ୟ ତ୍ରୁଟି ସମାଧାନ ହୋଇପାରିନି। ଶୀଘ୍ର ଠିକ୍ ହୋଇଯିବ ବୋଲି ଆଶା କରାଯାଉଥିବା ସେ କହିଛନ୍ତି।

### ଖାମଖିଆଲି ପାଇଁ ଏ ପରିସ୍ଥିତି

କ୍ୟାପିଟାଲ ହସ୍ପିଟାଲ ମର୍ଗରେ ଥିବା ୩ଟି ଫ୍ରିଜର ମଧ୍ୟରୁ ଗୋଟିଏରେ ୪ଟି ଓ ଅନ୍ୟ ଦୁଇଟି ଫ୍ରିଜରରେ ୨ଟି ଲେଖାଏ ମୋଟ ୮ଟି ମୃତଦେହ ସଂରକ୍ଷିତ କରି ରଖିବାର ବ୍ୟବସ୍ଥା ରହିଛି। ପୂର୍ବରୁ ଛୋଟ ୨ଟି ଫ୍ରିଜର ଖରାପ ହୋଇଯାଇଥିଲା। ଗୋଟିଏ ମାତ୍ର ଫ୍ରିଜର ହିଁ କାମ ଚଳାଉଥିଲା। ଦିନରାତି ଚାର୍ଜ ହୋଇ ରହିବା ଓ ଅତ୍ୟଧିକ ଚାପ ପଡିବା ଯୋଗୁ ତାହା ଖରାପ ହୋଇଗଲା। ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ଖାମଖିଆଲ ନୀତି ଯୋଗୁ ଏ ପରିସ୍ଥିତି ସୃଷ୍ଟି ହୋଇଥିବା କୁହାଯାଉଛି। ସୂଚନାନୁସାରେ, କ୍ୟାପିଟାଲ ହସ୍ପିଟାଲକୁ ବ୍ୟବଚ୍ଛେଦ ପାଇଁ ପ୍ରତିଦିନ ପ୍ରାୟତଃ ୧୦ରୁ ଊର୍ଦ୍ଧ୍ୱ ମୃତଦେହ ଆସୁଛି। ସନ୍ଧ୍ୟା ହୋଇଗଲେ ପରଦିନ ବ୍ୟବଚ୍ଛେଦ ପାଇଁ ମୃତଦେହକୁ ଫ୍ରିଜରରେ ରଖାଯାଉଛି। ପୁଣି ବେଳେବେଳେ ଅଜଣା ମୃତଦେହ ଆସିଲେ ପରିଚୟ ନିୟମ ଅନୁସାରେ ୩ଦିନ ପର୍ଯ୍ୟନ୍ତ ଫ୍ରିଜରରେ ରଖାଯାଉଛି। ଆବଶ୍ୟକ ସଂଖ୍ୟକ ଫ୍ରିଜର ନ ଥିବାରୁ ଗଳିତ ମୃତଦେହକୁ ମର୍ଗର ଚଟାଣରେ ବରଫ ଦିଆଯାଇ ରଖାଯାଉଛି। ଥିବାବେଳେ ମୃତଦେହଗୁଡ଼ିକୁ ଖାଲି ରଖାଯାଉଥିବା ଦେଖିବାକୁ ମିଳୁଛି। ଫଳରେ ମୂଷା ଓ ଅନ୍ୟ ଜନ୍ତୁ ମୃତଦେହ ଖାଉଥିବା ସଂକ୍ରାନ୍ତରେ ଗତ ୭ ତାରିଖରେ 'ଧରିତ୍ରୀ'ରେ ଖବର ପ୍ରକାଶ ପାଇଥିଲା। ଏହାସତ୍ତ୍ୱେ କ୍ୟାପିଟାଲ ହସ୍ପିଟାଲ କର୍ତ୍ତୃପକ୍ଷ ତତ୍ପରତା ପ୍ରକାଶ କରି ନ ଥିଲେ। ଏଥିପ୍ରତି ଗୁରୁତ୍ୱ ଦେଇ ପୂର୍ବରୁ ଅଚଳ ହୋଇପଡିଥିବା ଦୁଇ ଫ୍ରିଜରକୁ ମରାମତି କରାଯାଇଥିଲେ ଅନ୍ୟଟି ଖରାପ ହୋଇ ନ ଥାନ୍ତା କି କ୍ୟାପିଟାଲ ହସ୍ପିଟାଲରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇ ନ ଥାନ୍ତା। ଉନ୍ନତ ସ୍ୱାସ୍ଥ୍ୟ ସେବା କଥା କହୁଥିବା ସରକାର କିଭଳି ରାଜ୍ୟର ଏକ ପ୍ରମୁଖ ଚିକିତ୍ସାଳୟ ପ୍ରତି ଅଣଦେଖା କରୁଛନ୍ତି ତାହାକୁ ନେଇ କ୍ୟାପିଟାଲ ହସ୍ପିଟାଲ ପରିସରରେ ଚର୍ଚ୍ଚା ଚାଲିଛି। ଏଇଥିରୁ ହିଁ ରାଜ୍ୟରେ ସ୍ୱାସ୍ଥ୍ୟ ସେବାର ବାସ୍ତବ ସ୍ଥିତି ବାରି ହୋଇପଡୁଛି।

## ବଡ଼ସିରେଇ ଗ୍ରାମରୁ ହରିଣ ଉଦ୍ଧାର



**କାକଟପୁର,୧୯।୬(ଡି.ଏନ.ଏ.):** ଅସ୍ତରଙ୍ଗ ବ୍ଲକ ବଡ଼ ସିରେଇ ଗ୍ରାମରୁ ବୁଧବାର ମଧ୍ୟାହ୍ନରେ ଅସ୍ତରଙ୍ଗ ବନ ବିଭାଗ ଏକ ହରିଣକୁ ଉଦ୍ଧାର କରି ମୁହାଁଣ ମୁହଁ ଜଙ୍ଗଲରେ ଛାଡ଼ିଥିବା ଜଣାପଡ଼ିଛି। ସୂଚନାନୁଯାୟୀ, ଖାଦ୍ୟ ଓ ପାଣି ଆଶାରେ ମଙ୍ଗଳବାର ରାତିରେ କେତୋଟି ହରିଣ ଜଙ୍ଗଲରୁ ବଡ଼ ସିରେଇ ଗ୍ରାମରେ ପ୍ରବେଶ କରିଥିଲେ। ସେମାନଙ୍କୁ କୁକୁରମାନେ କାମୁଡ଼ିବାକୁ ଗୋଡ଼ାଇବାରୁ ହରିଣମାନେ ଜଙ୍ଗଲକୁ ଦୌଡ଼ି ପଳାଇଥିଲେ। ମାତ୍ର ଗୋଟିଏ ଅଣ୍ଡିରା ହରିଣ ଜଣଙ୍କ ଘରେ ପଶିଯାଇଥିଲା। ପରେ ଗ୍ରାମବାସୀ ତାକୁ ଧରି ବନ ବିଭାଗକୁ ଖବର ଦେଇଥିଲେ। ସ୍ଥାନୀୟ ବନପାଳ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କଠାରୁ ହରିଣକୁ ଉଦ୍ଧାର କରି ନେଇ ଦେବୀ ମୁହାଁଣ ମୁହଁ ଜଙ୍ଗଲରେ ଛାଡ଼ିଥିଲେ। ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ଗ୍ରୀଷ୍ମପ୍ରବାହ ଲାଗି ରହିଥିବାବେଳେ ଅସ୍ତରଙ୍ଗ ଉପକୂଳ ଜଙ୍ଗଲରେ ବନ୍ୟଜନ୍ତୁଙ୍କ ପାଇଁ ଖାଦ୍ୟ ଓ ପାନୀୟର ସୁ-ବ୍ୟବସ୍ଥା କରାଯାଇ ନ ଥିବାରୁ ବିଭିନ୍ନ ସମୟରେ ହରିଣମାନେ ବାଧ ହୋଇ ଗାଁ ମୁହାଁ ହେଉଥିବା ସାମାଜିକ କର୍ମୀ ବିଚିତ୍ରାନନ୍ଦ ବିଶ୍ୱାଳ ପ୍ରକାଶ କରିଛନ୍ତି। ଏଥିପ୍ରତି ଦୃଷ୍ଟିଦେଇ ବନ ବିଭାଗ ପକ୍ଷରୁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି।

## ପୂର୍ବତନ ପ୍ରକଳ୍ପ ପରିଚାଳକ ଦଣ୍ଡିତ

**କଟକ ଅଫିସ, ୧୯।୬:** ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ବୋର୍ଡର ପୂର୍ବତନ ପ୍ରକଳ୍ପ ପରିଚାଳକ ଅରୁଣ ଚରଣ ପରିଡ଼ା ଭିଜିଲାନ୍ସ ଅଦାଲତରେ ଦଣ୍ଡିତ ହୋଇଛନ୍ତି। ତାଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ହୋଇଥିଲା। ଉକ୍ତ ଅଭିଯୋଗକୁ ଆଧାର କରି ଭିଜିଲାନ୍ସ ପକ୍ଷରୁ ୧୯୯୯ ଏପ୍ରିଲ ୨୫ ତାରିଖରେ ପରିଡ଼ାଙ୍କ ବିଭିନ୍ନ ସ୍ଥାନରେ ଥିବା ଘର ଯାଞ୍ଚ କରାଯାଇଥିଲା। ଯାଞ୍ଚରୁ ମୋଟ୍ ୩୦ ଲକ୍ଷ ୭୯ହଜାର ୪୫୦ ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତ୍ତି ଠାବ କରାଯାଇଥିଲା। ଏ ସମ୍ପର୍କରେ ଭିଜିଲାନ୍ସ ପକ୍ଷରୁ ପରିଡାଙ୍କ ବିରୋଧରେ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା(ନଂ.୨୬/୧୯୯୯) ରୁଜୁ କରାଯାଇଥିଲା। ଆଗତ ମାମଲାର ଶୁଣାଣି କରି ଭିଜିଲାନ୍ସ ସ୍ୱତନ୍ତ୍ର କୋର୍ଟ ପକ୍ଷରୁ ପରିଡ଼ାଙ୍କୁ ୨ ବର୍ଷ ୬ ମାସ ଜେଲ୍ ଓ ୧ ଲକ୍ଷ ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରାଯାଇଛି। ଜରିମାନା ଅନାଦାୟ ହେଲେ ଅଭିଯୁକ୍ତଙ୍କୁ ଅଧିକ ୬ ମାସ ଜେଲ୍ ଭୋଗିବାକୁ ପଡ଼ିବ ବୋଲି ଅଦାଲତ ଆଦେଶରେ ସ୍ପଷ୍ଟ କରିଛନ୍ତି। ସୂଚନାଥାଉ କି, ଠାବ ଆୟ ବହିର୍ଭୂତ ସମ୍ପତ୍ତିକୁ ବାଜ୍ୟାପ୍ତ କରିବା ପାଇଁ ଭିଜିଲାନ୍ସ କୋର୍ଟ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ଏ ନେଇ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ପକ୍ଷରୁ ଏକ ମାମଲା(ନଂ.୨/୨୦୧୨) ରୁଜୁ ହୋଇଛି।

## ରେଲୱେ ପକ୍ଷରୁ ଟିକଟ ଯାଞ୍ଚ: ଜରିମାନା ଆଦାୟ

**କଟକ ଅଫିସ, ୧୯।୬:** ବିନା ଟିକଟ ଯାତ୍ରୀଙ୍କୁ ଧରିବା ପାଇଁ ଖୋର୍ଦ୍ଧାରୋଡ ରେଳ ମଣ୍ଡଳ ପକ୍ଷରୁ ମଙ୍ଗଳବାର କଟକ ରେଳଷ୍ଟେଶନ ଓ କଟକ-ପାରାଦୀପ ସେକ୍ସନରେ ଏକ୍ସପ୍ରେସ ଓ ପାସେଞ୍ଜର ଟ୍ରେନଗୁଡ଼ିକରେ ଯାଞ୍ଚ କରାଯାଇଥିଲା। ଖୋର୍ଦ୍ଧାରୋଡ ରେଳ ମଣ୍ଡଳ ସହକାରୀ ବାଣିଜ୍ୟ ପ୍ରବନ୍ଧକ ଦୀନବନ୍ଧୁ ସାହୁଙ୍କ ତତ୍ତ୍ୱାବଧାନ ଏବଂ ବାଣିଜ୍ୟ ନିରୀକ୍ଷକ, ଟିକେଟ ଯାଞ୍ଚ କର୍ମଚାରୀ ଓ ରେଳ ସୁରକ୍ଷା ବଳ ସହାୟତାରେ ଏହି ଯାଞ୍ଚ କରାଯାଇଥିବାବେଳେ ବିନା ଟିକଟରେ ଯାତ୍ରା କରୁଥିବା ୩୦୧ ଜଣ ଯାତ୍ରୀ ଧରାପଡ଼ିଥିଲେ। ସେମାନଙ୍କଠାରୁ ୧ ଲକ୍ଷ ୩୫ହଜାର ୬୫୫ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଆଗାମୀ ଦିନରେ ଖୋର୍ଦ୍ଧାରୋଡ ରେଳ ମଣ୍ଡଳ ତରଫରୁ ଏହି ଯାଞ୍ଚକୁ କଡାକଡି କରାଯିବ। ଉପଯୁକ୍ତ ଯାତ୍ରୀଙ୍କ ସୁରୁଖୁରୁ ଯାତ୍ରା ଓ ରେଲୱେର ରାଜସ୍ୱହାନିକୁ ରୋକିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ବୋଲି ରେଲୱେ ପକ୍ଷରୁ କୁହାଯାଇଛି।



ଆନ୍ତର୍ଜାତିକ ଯୋଗ ଦିବସର ଅବ୍ୟବହିତ ପୂର୍ବରୁ ବୁଧବାର ଭୁବନେଶ୍ୱର ଜନତା ମଇଦାନଠାରେ ଯୋଗ ମହୋତ୍ସବ ସମିତି ପକ୍ଷରୁ ଅଭ୍ୟାସ ଚାଲିଛି।

## ଗ୍ରାମାଞ୍ଚଳ ଏସ୍‌ପିଙ୍କ ନିର୍ଦ୍ଦେଶ ପରେ ତଦନ୍ତ ଆରମ୍ଭ

**ମହୋତ୍ସବ ପଡ଼ିଆ ନିକଟରୁ ଅଚେତ ଅବସ୍ଥାରେ ନାବାଳିକା ଉଦ୍ଧାର ଘଟଣା**

**ବାଙ୍କୀ,୧୯।୬(ବି.ପ୍ର.):** ବାଙ୍କୀ ରଜ ମହୋତ୍ସବ ପଡ଼ିଆ ନିକଟରୁ ସୋମବାର ରାତିରେ ଅଚେତ ଅବସ୍ଥାରେ ଉଦ୍ଧାର ହୋଇଥିବା ନାବାଳିକା ଏବେବି କଟକ ବଡ଼ ମେଡିକାଲର ସେଣ୍ଟ୍ରାଲ୍ ଆଇସିୟୁରେ ଚିକିତ୍ସାଧୀନ ଅଛନ୍ତି। ଘଟଣାର ୩ଦିନ ପରେ ମଧ୍ୟ ତାଙ୍କ ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତି ପରିଲକ୍ଷିତ ହୋଇନାହିଁ। ଅପରପକ୍ଷରେ ଏହି ଘଟଣା ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ବୁଧବାର କଟକ ଗ୍ରାମାଞ୍ଚଳ ଏସ୍‌ପି ରାଧାବିନୋଦ ପାଣିଗ୍ରାହୀ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ନିର୍ଦ୍ଦେଶ ପରେ ବାଙ୍କୀ ଏସ୍‌ଡିପିଓ ପ୍ରସନ୍ନ ବିଶ୍ୱାଳ, ଆଇଆଇସି ସମୀର ପଣ୍ଡା ପ୍ରମୁଖ କଟକ ବଡ଼ ଡାକ୍ତରଖାନା ଗସ୍ତ କରି ନାବାଳିକାଙ୍କୁ ଭେଟିଥିବା ଜଣାପଡ଼ିଛି। ନାବାଳିକା ଜଣକ କୌଣସି ପ୍ରକାର ଅତ୍ୟାଚାରର ଶିକାର ହୋଇନାହାନ୍ତି ବୋଲି ସେ ନିଜେ ପ୍ରକାଶ କରିଥିବା ଏସ୍‌ଡିପିଓ ବିଶ୍ୱାଳ ସୂଚନା ଦେଇଛନ୍ତି। ତେବେ ଏସ୍‌ଡିପିଓଙ୍କ କଥାକୁ ସହଜରେ ଗ୍ରହଣ କରିହେଉ ନାହିଁ। ସେଣ୍ଟ୍ରାଲ ଆଇସିୟୁରେ ନାବାଳିକା ଜଣକ ଚିକିତ୍ସିତ ହେଉଥିବାବେଳେ ତରବରିଆ ଭାବେ ତାଙ୍କ ବୟାନ ରେକର୍ଡ କରାଯିବା ଏବଂ ସର୍ବସମ୍ମୁଖରେ ପ୍ରକାଶ କରାଯିବା ଦ୍ୱାରା ପ୍ରକୃତ ଘଟଣା ଚପି ଯାଉଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ଜଣେ ପ୍ରଭାବଶାଳୀ ରାଜନେତା ହସ୍ତକ୍ଷେପ କରୁଥିବାରୁ ଘଟଣାକୁ ଭିନ୍ନ ରୂପ ଦିଆଯାଉଛି ବୋଲି ମଧ୍ୟ ଆଲୋଚନା ହେଉଛି। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ପ୍ରକୃତ ସତ୍ୟ ସାମ୍ନାକୁ ଆସିବ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଜୋର ଧରିଛି। ପ୍ରକାଶ ଯେ, ବାଙ୍କୀ ନୂଆହାଟଠାରେ ରଜ ମହୋତ୍ସବ ଚାଲିଥିବାବେଳେ ସୋମବାର ରାତିରେ ଉକ୍ତ ନାବାଳିକାଙ୍କୁ ମହୋତ୍ସବ ପଡ଼ିଆ ପାଖ ଏକ ପରିତ୍ୟକ୍ତ ଘର ନିକଟରୁ ଅଚେତ ଅବସ୍ଥାରେ ସ୍ଥାନୀୟ ଲୋକ ଉଦ୍ଧାର କରିଥିଲେ। ନାବାଳିକାଙ୍କ ପରିବାର ଲୋକ ଖବର ପାଇ ତାଙ୍କୁ ପ୍ରଥମେ ବାଙ୍କୀ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା।

## ୨ ମାଣ୍ଡାରିନ ଛୁଆ ଜନ୍ମ

**ମୂଷା ଆକ୍ରମଣର ଶିକାର**

ବାରଙ୍ଗ/ନରାଜ,୧୯।୬(ଡି.ଏନ.ଏ.)

ପ୍ରାଣୀ ଉଦ୍ୟାନ ନନ୍ଦନକାନନ ଏବେ ପ୍ରତି କ୍ଷେତ୍ରରେ ଅବହେଳା ଦେଖିବାକୁ ମିଳୁଛି। ଗତ କିଛିଦିନ ମଧ୍ୟରେ ବହୁ ଜୀବଜନ୍ତୁଙ୍କ ମୃତ୍ୟୁ ହୋଇଥିବାବେଳେ ମୁକ୍ତ ବିହଙ୍ଗ ସରଣୀ ଏନକ୍ଲୋଜର ମଧ୍ୟରେ ଗୋଲଡେନ ପ୍ଲିଜାଣ୍ଟ, ଟୋରାକୋ ଓ ସନ କୁନ୍ତୁର ମୃତ୍ୟୁର ରହସ୍ୟ ଜଣାପଡିନାହିଁ। ଇତିମଧ୍ୟରେ ବୁଧବାର ବିହଙ୍ଗ ସରଣିରେ ଥିବା ମାଣ୍ଡାରିନ ବତକ ଅଣ୍ଡା ଫୁଟି ଦୁଇଟି ଛୁଆ ଜନ୍ମ ନେଇଥିଲେ। କିନ୍ତୁ ସେମାନେ ପାହାଡିଆ ମୂଷାର ଆକ୍ରମଣର ଶିକାର ହୋଇଛନ୍ତି।



ପ୍ରକାଶ ଯେ, ଗତ ଏକ ମାସ ତଳେ ଗୋଟିଏ ମାଣ୍ଡାରିନ ବିହଙ୍ଗ ସରଣି ମଧ୍ୟରେ ଅଣ୍ଡାଦାନ କରିଥିଲା। ତେବେ ବୁଧବାର ଭୋର ସମୟରେ ଉକ୍ତ ଅଣ୍ଡାରୁ ଦୁଇଟି ଛୁଆଫୁଟି ବାହାରିଥିଲେ। ମା'ର ଦେଖାଶୁଣାରେ ଦିନସାରା ଛୁଆ ଦୁଇଟି ଖେଳକୁଦ କରିବା ସହିତ ଜଳକ୍ରୀଡାରେ ମଗ୍ନ ରହିଥିବା ଦେଖିବାକୁ ମିଳିଥିଲା। କିନ୍ତୁ ଅପରାହ୍ନରେ ଏକ ପାହାଡିଆ ମୂଷା ଦୁଇଟି ଛୁଆକୁ ଆକ୍ରମଣ କରିଥିବାର ଦେଖିବାକୁ ମିଳିଥିଲା। ଯାହାଫଳରେ ଗୋଟିଏ ମାଣ୍ଡାରିନ ଛୁଆ ଗୁରୁତର ହୋଇଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ମୂଷା ସହ ମା'ର ଲଢେଇ ଯୋଗୁ ଦୁଇଛୁଆଙ୍କର ପ୍ରାଣ ବଞ୍ଚିଯାଇଛି। ଖବରପାଇ ବିଭାଗୀୟ କର୍ମଚାରୀ ଦୁଇଛୁଆଙ୍କୁ ଉଦ୍ଧାର କରି ନନ୍ଦନକାନନ ପଶୁ ଚିକିତ୍ସାଳୟର କ୍ୱାରେନଟାଇନକୁ ନେଇଯାଇ ଚିକିତ୍ସା ଜାରି ରଖିଛନ୍ତି। ଅନ୍ୟପକ୍ଷରେ ସାପ, ମୂଷା ଆଦି ଶିକାରୀମାନଙ୍କୁ ବିହଙ୍ଗ ସାରଣି ମଧ୍ୟକୁ ପ୍ରବେଶ କରିବା ସହଜ ହୋଇଯାଇଛି। କାରଣ ଚତୁଃପାର୍ଶ୍ୱ ତାରଜାଲିରେ ବହୁ ଲତାମାନ ମାଡ଼ିଯିବା ସହିତ ପାଖରେ ଥିବା ଗଛର ଡାଳଗୁଡିକ ମଧ୍ୟ ତାରଜାଲିକୁ ଲାଗିରହିଛି। ତେବେ କର୍ତ୍ତୃପକ୍ଷ ନନ୍ଦନକାନନ ପାଣ୍ଠିକୁ ନୂତନ ଗୃହ ନିର୍ମାଣରେ ବିନିଯୋଗ କରିବାରେ ବ୍ୟସ୍ତ ଥିବାବେଳେ ଏଥିପ୍ରତି ଧ୍ୟାନ ଦେବା ଆବଶ୍ୟକ ହୋଇପଡିଛି। ଏବେ ନନ୍ଦନକାନନରେ ମୋଟ ମାଣ୍ଡାରିନ ବତକ ସଂଖ୍ୟା ୧୬କୁ ବୃଦ୍ଧି ପାଇଛି।

## ■ ଫଳ ଗୋଦାମ, ଦୋକାନରେ ସିଏମ୍‌ସିର ଚଢ଼ାଉ

# ଯାଞ୍ଚ ପାଇଁ ଲିଚୁକୋଳିର ନମୁନା ସଂଗ୍ରହ

କଟକ ଅଫିସ,୧୯।୬

ବିହାରରେ ମସ୍ତିଷ୍କ ଜ୍ୱରରେ ଶତାଧିକ ଶିଶୁଙ୍କ ଜୀବନହାନି ଘଟିଛି। ହେଲେ ଏହା ପଛର କାରଣ ସ୍ପଷ୍ଟ ହୋଇ ନ ଥିଲେ ସୁଦ୍ଧା ଲିଚୁରେ ଥିବା ଟକ୍ସିକ୍ ଏଲିମେଣ୍ଟକୁ ଅନେକ ବିଶେଷଜ୍ଞ ଦାୟୀ କରୁଛନ୍ତି। ଏନ୍‌ସେଫାଲାଇଟିସ ଲିଚୁରେ ବ୍ୟାପିଥିବା କୁହାଯାଉଛି। ଏ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ କଟକ ମହାନଗର ନିଗମ(ସିଏମସି) ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଓଡ଼ିଶାରେ ଏହି ରୋଗ ବ୍ୟାପିବା ପୂର୍ବରୁ କିଭଳି ରୋକାଯାଇପାରିବ ସେ ନେଇ ପଦକ୍ଷେପ ନିଆଯାଉଛି। ତେବେ ଏହି ଭୂତାଣୁ ଲିଚୁକୋଳିରେ ଆସୁଥିବା ସନ୍ଦେହ କରାଯିବା ପରେ ବୁଧବାର ସିଏମ୍‌ସିର ସ୍ୱାସ୍ଥ୍ୟ ଓ ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ସହରରେ ଥିବା ବିଭିନ୍ନ ଫଳଦୋକାନ ଓ ଗୋଦାମ ଉପରେ ଚଢ଼ାଉ କରାଯାଇଥିଲା। ତେବେ କୌଣସି ବ୍ୟବସାୟୀଙ୍କଠାରୁ ଲିଚୁକୋଳି ଜବତ କରାଯାଇ ନ ଥିଲେ ମଧ୍ୟ ସେଥିମଧ୍ୟରୁ କିଛି କୋଳିର ନମୁନା ଯାଞ୍ଚ ପାଇଁ ସଂଗ୍ରହ କରାଯାଇଛି। ସାବିତ୍ରୀ ବ୍ରତ ପୂର୍ବରୁ ସହରକୁ ବହୁ ପରିମାଣରେ ଲିଚୁକୋଳି ବିକ୍ରି ପାଇଁ ଆସିଥିଲା। ମାତ୍ର ଏନ୍‌ସେଫାଲାଇଟିସ ଲିଚୁରେ ବ୍ୟାପିଥିବା ପ୍ରଚାର ହେବାପରେ ବୁଧବାର ହଠାତ ସହରରୁ ଲିଚୁକୋଳି ଉଭାନ ହୋଇଯାଇଥିବା ଦେଖିବାକୁ ମିଳିଛି।

ଏ ନେଇ ସିଏମ୍‌ସି କମିଶନର ଶରତ ଚନ୍ଦ୍ର ନାୟକ କୁହନ୍ତି, ବିଭିନ୍ନ ଗଣମାଧ୍ୟମରେ ଏଭଳି ଖବର ପ୍ରକାଶ ପାଇବା ପରେ ଲିଚୁକୋଳି ନମୁନା ସଂଗ୍ରହ ନିମନ୍ତେ ଉଦ୍ୟମ ଆରମ୍ଭ ହୋଇଛି। ଏହି ପ୍ରକ୍ରିୟା ଆସନ୍ତା ୪/୫ଦିନ ଧରି ଚାଲିବ। କୌଣସି ବ୍ୟବସାୟୀଙ୍କ ଲିଚୁ ଜବତ କରାଯିବ ନାହିଁ। କେବଳ ନମୁନା ସଂଗ୍ରହ କରାଯାଇ ଯାଞ୍ଚ ନିମନ୍ତେ ଲାବରେଟୋରିକୁ ପଠାଯିବ। ଏଥିପାଇଁ ସିଏମ୍‌ସିର ସ୍ୱାସ୍ଥ୍ୟ ବିଭାଗ, ଖାଦ୍ୟ ସୁରକ୍ଷା ବିଭାଗର ଅଧିକାରୀ ଓ କର୍ମଚାରୀଙ୍କୁ ଦାୟିତ୍ୱ ଦିଆଯାଇଛି।

## ଅଗ୍ନିଶମ କର୍ମଚାରୀଙ୍କ ଉଦ୍ଧାର କୌଶଳ ପ୍ରଦର୍ଶନ



କଟକ ଜିଲା ରେଡ୍‌କ୍ରସ ଭବନ ସମ୍ମୁଖରେ ଅନୁଷ୍ଠିତ ଜିଲାସ୍ତରୀୟ ମକ୍‌ଡ୍ରିଲ।

**ବିପର୍ଯ୍ୟୟ ମୁକାବିଲା ପାଇଁ ମକ୍‌ଡ୍ରିଲ**

କଟକ ଅଫିସ, ୧୯।୬

ବାତ୍ୟା, ବନ୍ୟା ଓ ଅନ୍ୟାନ୍ୟ ବିପର୍ଯ୍ୟୟର ମୁକାବିଲା ନିମନ୍ତେ ବିପର୍ଯ୍ୟୟ ପ୍ରାକ୍ ପ୍ରସ୍ତୁତି ଅଭ୍ୟାସ (ମକ୍‌ଡ୍ରିଲ) ବୁଧବାର ଜିଲା ରେଡ୍‌କ୍ରସ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଅଗ୍ନିଶମ ବାହିନୀ ଭାଗନେଇ ଉଦ୍ଧାର ଓ ପ୍ରାଥମିକ ଚିକିତ୍ସା କୌଶଳ, ଆଶ୍ରୟସ୍ଥଳୀକୁ ଯୋଗାଇ ଦିଆଯାଉଥିବା ବିଭିନ୍ନ ପ୍ରକାରର ଉପକରଣ ଯଥା-ଟାୱାର ଲାଇଟ୍, ଯନ୍ତ୍ରଚାଳିତ କରତ, ଜେନେରେଟର, ଷ୍ଟ୍ରେଚର, ମେଗାଫୋନ ବ୍ୟବହାର ସମ୍ବନ୍ଧୀୟ ଅଭ୍ୟାସ ପ୍ରଦର୍ଶନ କରିଥିଲେ। ଏଥିସହିତ ଉଦ୍ଧାରକାରୀ ଦଳ ସିଡିଏ କୃଷକବଜାରଠାରୁ ବିପର୍ଯ୍ୟୟ ପ୍ରଭାବିତ ଲୋକମାନଙ୍କୁ ଉଦ୍ଧାରକରି ଆଶ୍ରୟସ୍ଥଳୀକୁ ଆଣିବାର ମକ୍‌ଡ୍ରିଲ କରିଥିଲେ। ଉଚ୍ଚ କୋଠାରୁ ବିପର୍ଯ୍ୟୟରେ ଥିବା ଲୋକମାନଙ୍କୁ ଉଦ୍ଧାର କରାଯିବା କୌଶଳ ମଧ୍ୟ ପ୍ରଦର୍ଶନ କରାଯାଇଥିଲା। ଜିଲା ଜରୁରିକାଳୀନ ବିଭାଗ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଥିଲା। ଅନୁରୂପ ଭାବେ ଜିଲାରେ ଥିବା ବିଭିନ୍ନ ବ୍ଲକର ୨୫ଟି ବାତ୍ୟା, ବନ୍ୟା ଆଶ୍ରୟସ୍ଥଳୀ ସ୍ଥାନରେ ଅଗ୍ନିଶମ, ଓଡ୍ରାଫ୍ ଓ ଏନ୍‌ଡିଆରଏଫ୍ ଟିମ ଦ୍ୱାରା ଏହି ମକ୍‌ଡ୍ରିଲ କରାଯାଇଥିଲା। ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ଅଭ୍ୟାସବେଳେ ଜିଲାପାଳ ଅରବିନ୍ଦ ଅଗ୍ରୱାଲ, ଅତିରିକ୍ତ ଜିଲାପାଳ ଶ୍ରୀକାନ୍ତ ତରାଇ, ସଦର ଉପଜିଲାପାଳ ସୁକାନ୍ତ ପ୍ରଧାନ, ଅଗ୍ନିଶମ ଅଧିକାରୀ ଅବନୀ କୁମାର ସ୍ୱାଇଁ, ନଟବର ନାୟକ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ ଷଡଙ୍ଗୀ, ଜିଲା ଆପାତକାଳୀନ ଅଧିକାରୀ ଅନିତା ପାତ୍ର, ସହକାରୀ ଜିଲାପାଳ ସ୍ମିତା ରଥଙ୍କ ସମେତ, ରେଡ୍‌କ୍ରସ ସ୍ୱେଚ୍ଛାସେବୀ, ଜିଲା କାର୍ଯ୍ୟାଳୟର କର୍ମଚାରୀ ଓ ଜନସାଧାରଣ ଉପସ୍ଥିତ ଥିଲେ।



"ରାଷ୍ଟ୍ରର ପ୍ରତ୍ୟେକ ବ୍ୟକ୍ତି ଶ୍ରଦ୍ଧା, ନିଷ୍ଠା ତଥା ଦୃଢ଼ ଆତ୍ମବିଶ୍ୱାସ ବଳରେ ରାଷ୍ଟ୍ରକୁ ନିଶ୍ଚୟ ସମୁନ୍ନତ କରାଇପାରିବେ।
-ମଦନମୋହନ ମାଲବ୍ୟ



## ସଂକ୍ଷେପରେ

### ସ୍କୁଟି ଚାଳକଙ୍କ ମୁଣ୍ଡ ଉପରେ ଚଢ଼ିଗଲା ଟ୍ରକ୍

**ଫୁଲନଖରା,୧୯।୬:**କଟକ ଗୋପାଳପୁର ନିକଟରେ ବୁଧବାର ବିଳମ୍ବିତ ରାତିରେ ଏକ ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଯୁବକଙ୍କ ମୁଣ୍ଡ ଉପରେ ଗାଡ଼ି ମାଡି ଯାଇଥିବାରୁ ପରିଚୟ ମିଳିପାରିନାହିଁ। ତେବେ ତାଙ୍କ ବୟସ ୩୦ରୁ ୩୫ ମଧ୍ୟରେ ହେବ ବୋଲି ଅନୁମାନ କରାଯାଉଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଦୁର୍ଘଟଣାଗ୍ରସ୍ତ ସ୍କୁଟି(ନଂ.ଓଆର୦୫-୫୧୮୭)କୁ ଥାନାକୁ ନେଇଛି। ମିଳିଥିବା ସୂଚନା ଅନୁଯାୟୀ, ଯୁବକ ଜଣଙ୍କ ସ୍କୁଟିରେ ଭୁବନେଶ୍ୱରରୁ କଟକ ଅଭିମୁଖେ ଯାଉଥିବାବେଳେ ଗୋପାଳପୁର ନିକଟ ଶନିମନ୍ଦିର ସମ୍ମୁଖରେ ଏକ ଟ୍ରକ୍ ତାଙ୍କୁ ପଛରୁ ଧକ୍କା ଦେଇଥିଲା। ସେ ଛିଟିକି ପଡିବାରୁ ତାଙ୍କ ମୁଣ୍ଡରେ ଟ୍ରକ୍ ଚକ ମାଡିଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି। ଦୁର୍ଘଟଣାପରେ ଟ୍ରକ୍ ଫେରାର ହୋଇଯାଇଛି।

### ଯୁବକଙ୍କ ଉପରେ ଗରମ ତେଲ ଢାଳି ଜଣେ ଗିରଫ

**ବାରଙ୍ଗ,୧୯।୬(ଡି.ଏନ.ଏ.):**ନନ୍ଦନକାନନ ଥାନା ଅନ୍ତର୍ଗତ କଲ୍ୟାଣପୁର ଗ୍ରାମମୁଣ୍ଡ ସ୍ୱପ୍ନୀବନଠାରେ ଜଣେ ଯୁବକଙ୍କ ଉପରେ ଗରମ ତେଲ ଢାଳିବା ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେ ହେଲେ ବେଣାଗାଡ଼ିଆ ଗ୍ରାମର ଯୋଗୀ ବେହେରା। ପ୍ରକାଶ ଯେ, ରବିବାର କଲ୍ୟାଣପୁରସ୍ଥିତ ସ୍ୱପ୍ନୀବନଠାରେ ଗଣ୍ଡରପୁର ଗ୍ରାମର ଦୀପକ ରାଉତଙ୍କ ବାଇକ୍ ସହ ଏକ ବୋଲେରୋ ଧକ୍କା ହୋଇଥିଲା। ଏହାକୁ ନେଇ ଘଟଣାସ୍ଥଳରେ ପାଟିତୁଣ୍ଡ ହୋଇଥିଲା। ଏହାଦେଖି ସେଠାରେ ଥିବା ଯୋଗୀ ଏବଂ ଖବରପାଇ ଦୀପକର ଭାଇ ଆଶିଷ ଘଟଣାସ୍ଥଳରେ ପହଞ୍ଚି ଉଭୟେ ବୁଝାଶୁଝା କରୁଥିବାବେଳେ ପରିସ୍ଥିତି ଉଗ୍ରରୂପ ନେଇଥିଲା। ଏଥିରେ ଯୋଗୀ ଉତ୍ତ୍ୟକ୍ତ ହୋଇ ଆଶିଷଙ୍କ ଉପରେ ଗରମ ତେଲ ଢାଳି ଦେଇଥିଲେ। ସ୍ଥାନୀୟଲୋକେ ଆଶିଷଙ୍କୁ ହସ୍ପିଟାଲ ନେଇଥିଲେ। ପରେ ଆଶିଷଙ୍କ ପରିବାରଲୋକଙ୍କ ଅଭିଯୋଗକ୍ରମେ ପୋଲିସ ୫୬/୧୯ରେ ମାମଲା ରୁଜୁ କରି ମଙ୍ଗଳବାର ଯୋଗୀଙ୍କୁ ଗିରଫ କରିଥିଲା।

### ଫନୀ କ୍ଷତିଗ୍ରସ୍ତ ଉଠାଦୋକାନୀଙ୍କୁ ମିଳିବ କ୍ଷତିପୂରଣ

**ଭୁବନେଶ୍ୱର,୧୯।୬(ବ୍ୟୁରୋ):**ପ୍ରଳୟଙ୍କାରୀ ବାତ୍ୟା 'ଫନୀ'ରେ ଭୁବନେଶ୍ୱରର ବ୍ୟାପକ କ୍ଷୟକ୍ଷତି ହୋଇଛି। ଏଥିରେ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଦ୍ୱାରା ପରିଚାଳିତ ରାସ୍ତାପାର୍ଶ୍ୱ ଉଠା ଦୋକାନୀମାନେ ମଧ କ୍ଷତିଗ୍ରସ୍ତ ହୋଇଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସେମାନଙ୍କ ଲାଗି ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା କରିବା ପରେ ବିଏମ୍‌ସି ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ପ୍ରାଥମିକ ପର୍ଯ୍ୟାୟରେ ବିଏମ୍‌ସି ପକ୍ଷରୁ କ୍ଷତିଗ୍ରସ୍ତଙ୍କ ସର୍ଭେ କାର୍ଯ୍ୟ ଚାଲିଛି। ୱାର୍ଡ ଅଧିକାରୀ, ଗୋଷ୍ଠୀ ସଂଗଠକ ଓ ଭେଣ୍ଡିଂଜୋନ୍ ପରିଚାଳକମାନେ ସହାୟତା କରୁଛନ୍ତି। ୬ଦିନ ମଧ୍ୟରେ ଏହି କାର୍ଯ୍ୟ ସରିବା ପରେ ସେମାନଙ୍କୁ ସହାୟତା ରାଶି ବାବଦକୁ ୧୦ହଜାର ଟଙ୍କା ଲେଖାଏ ପ୍ରଦାନ କରାଯିବ। ଡାଇରେକ୍ଟ ବେନିଫିଟ ଟ୍ରାନ୍ସଫର(ଡିବିଟି) ଜରିଆରେ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ପଠାଇ ଦିଆଯିବ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି। ବିଏମ୍‌ସି ତଥ୍ୟ ଅନୁଯାୟୀ, ସହରରେ ମୋଟ ୨୧ ହଜାର ୪୮୩ଟି ଉଠା ଦୋକାନ ବିଏମ୍‌ସି ଦ୍ୱାରା ପରିଚାଳିତ ହେଉଛି। ସେଥିମଧ୍ୟରୁ ୨ହଜାର ୪୪୦ ମୋବାଇଲ ଦାକାନ, ୧ହଜାର ୨୭୬ ଭ୍ରମଣଶୀଳ ଦୋକାନ, ୧୭ହଜାର ୭୬୭ ଷ୍ଟେଶନାରୀ ଦୋକାନ ଅନ୍ତର୍ଭୁକ୍ତ।

## ■ ଜିଲାପାଳଙ୍କୁ ଭେଟିଲେ କୃଷ୍ଣଶରଣପୁର କ୍ଷତିଗ୍ରସ୍ତ

# ଜମି ଅଧିଗ୍ରହଣ ଯୋଗୁ ବାସହରା ପ୍ରତାରିତ

### ୬ ଦଫା ଦାବି ନେଇ ସ୍ମାରକପତ୍ର ପ୍ରଦାନ

**ଖୋର୍ଦ୍ଧା ଅଫିସ,୧୯।୬**

ଖୋର୍ଦ୍ଧା–ବଲାଙ୍ଗୀର ରେଳପଥ ଉଦ୍ଦେଶ୍ୟରେ ଜମି ଅଧିଗ୍ରହଣ ପରେ ବାସହରା ହୋଇଥିବା ବୋଲଗଡ ବ୍ଲକ ସାନପଦର କୃଷ୍ଣଶରଣପୁରର ୨୮ କ୍ଷତିଗ୍ରସ୍ତ ପରିବାରର ଦୁଃଖ କେହି ବୁଝୁ ନ ଥିବା ଅଭିଯୋଗ ହୋଇଆସୁଛି। ବାସହୀନଙ୍କୁ ଘର, ଭୂମିହୀନଙ୍କୁ ଭୂମି ଯୋଗାଇବାର ନାରା ଦେଉଥିବା ସରକାର କୃଷ୍ଣଶରଣପୁର କ୍ଷତିଗ୍ରସ୍ତଙ୍କୁ ପ୍ରତାରିତ କରୁଥିବା ଅଭିଯୋଗ ହେଉଛି। ସ୍ଥାନୀୟ କର୍ମଚାରୀଙ୍କୁ ବାଦ୍ ଦେଇ ସ୍ୱତନ୍ତ୍ର ଟିମ୍ ଦ୍ୱାରା ପୁଣି ମାପ ଓ ମୂଲ୍ୟାୟନ ବ୍ୟବସ୍ଥା, ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ରେଳ ଓଭରବ୍ରିଜ ନିର୍ମାଣ ବନ୍ଦ, ବାରମ୍ବାର ପ୍ରତାରିତ ଓ ମିଥ୍ୟା ରିପୋର୍ଟ ପ୍ରସ୍ତୁତ କରିଥିବା ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ସରକାରୀ ଘର ଓ ପଟ୍ଟା ପାଇଁ ଆବେଦନକାରୀଙ୍କୁ ତ୍ୱରିତ ସେବାର ବ୍ୟବସ୍ଥା, ଜମି ଅଧିଗ୍ରହଣ ଅନିୟମିତତାର ସିବିଆଇ ତଦନ୍ତ ଦାବି ନେଇ ଜିଲାପାଳଙ୍କୁ ବୁଧବାର ସ୍ମାରକପତ୍ର ଦିଆଯାଇଛି।

ଅଭିଯୋଗ ଅନୁସାରେ, ଖୋର୍ଦ୍ଧା ବଲାଙ୍ଗୀର ରେଳପଥ ନିର୍ମାଣ ଯୋଗୁ ଜମି ଅଧିଗ୍ରହଣ ହୋଇଥିଲା। ଏଥିଯୋଗୁ ସାନପଦର ଗ୍ରାମରେ ଅନେକ ପରିବାର ବାସ ଗୃହ ହରାଇଲେ। ତେବେ ବାସଗୃହ ହରାଇଥିବା ୨୮ ପରିବାରଙ୍କୁ ଜିଲା ପ୍ରଶାସନ କମ କ୍ଷତିପୂରଣ ଦେଇ ପାତରଅନ୍ତର କରିଛି। କେତେଜଣ ବାସହରାଙ୍କୁ ଆଦୌ କ୍ଷତିପୂରଣ ମିଳିନାହିଁ। ରେଳ ବିଭାଗ, ରାଜସ୍ୱ କର୍ମଚାରୀ ଏବଂ ଯନ୍ତ୍ରୀମାନଙ୍କ କ୍ଷତିପୂରଣ ମୂଲ୍ୟାୟନ କରିବାରେ ଚଞ୍ଚକତା କାରଣରୁ ଏଭଳି ସମସ୍ୟା ଉପୁଜୁଛି ବୋଲି ବାସହରାମାନେ ଅଭିଯୋଗ କରିଛନ୍ତି। ଥିଲାବାଲାଙ୍କଠାରୁ ଟଙ୍କା ଆଦାୟ କରି ଅଧିକ କ୍ଷତିପୂରଣ କରାଇଥିଲେ। ଜମି ଅଧିଗ୍ରହଣ ପାଇଁ ଜମି ଚିହ୍ନଟ ପରେ କେତେଜଣ ଲୋକ ତରବରିଆ ଭାବେ ଚାଷ ଜମିରେ ନିମ୍ନମାନର କୋଠା ଘର ନିର୍ମାଣ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ନେଇଛନ୍ତି। ରାତାରାତି ଗଛ ଲଗାଇ ଲକ୍ଷାଧିକ ଟଙ୍କା କ୍ଷତିପୂରଣ ପାଇଛନ୍ତି। ମାଟି ଘରକୁ କୋଠା ଘର, ଘର ଭାଙ୍ଗି ନ ଥିବା ଓ ଆଦୌ କ୍ଷତିଗ୍ରସ୍ତ ହୋଇ ନ ଥିବା ଲୋକ ମଧ କ୍ଷତିପୂରଣ ପାଇଲେ। ତେବେ ହାତଗୁଞ୍ଜା ନ ଦେବାରୁ ଚଞ୍ଚକତା ଓ ଜୋରଜବରଦସ୍ତ ଦସ୍ତଖତ ନେଇ ୫୦ ହଜାର ଟଙ୍କାରୁ ଅତିବେଶୀରେ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କ୍ଷତିପୂରଣ ଦେଇଛନ୍ତି। ଅଭିଯୋଗ ପରେ ତତ୍କାଳୀନ ଜିଲାପାଳ ରୁପା ରୋଶନ ସାହୁ, ତଦନ୍ତ କରାଇ ସତ୍ୟତା ଅନୁଭବ କରିବା ପରେ ସରକାରଙ୍କୁ ଜିଲାପାଳଙ୍କର ପତ୍ର ସଂଖ୍ୟା ନଂ. ୮୦୭ /୪। ୭।୨୦୧୭ରେ ଜଣାଇଥିଲେ। ରୁପା ରୋଶନ ସାହୁଙ୍କ ବଦଳି ପରେ ପରବର୍ତ୍ତୀ ଜିଲାପାଳ ଅଭିଯୋଗକୁ ଓ ପୁରୁଣା ଜିଲାପାଳଙ୍କ ତଦନ୍ତ ରିପୋର୍ଟକୁ ଅଣଦେଖା କରୁଛନ୍ତି ବୋଲି ଅଭିଯୋଗ ରହିଛି। ବାରମ୍ବାର ଦାବି, ଆପତ୍ତି, ଅଭିଯୋଗ ପରେ ସୁଫଳ ମିଳୁ ନ ଥିବାରୁ ଶେଷରେ ବାସହରାମାନେ ଉପାୟ ଶୂନ୍ୟ ହୋଇ ମୁଖ୍ୟମନ୍ତ୍ରୀଙ୍କ ଆବାସିକ କାର୍ଯ୍ୟାଳୟରେ ୧୦ରୁ ଉର୍ଦ୍ଧ୍ୱ ଥର ଜଣାଇବା ପରେ ମଧ ନ୍ୟାୟ ମିଳିଲାନି। ୨୦୧୯ ଜାନୁୟାରୀ ୨୬ରେ କ୍ଷତିଗ୍ରସ୍ତ ପରିବାରର ସଦସ୍ୟ ସମୂହ ଆତ୍ମାହୂତି ଦେବାକୁ ନିଷ୍ପତ୍ତି ନେଇଥିଲେ। ଏ ନେଇ ରାଜ୍ୟପାଳଙ୍କୁ ଇଚ୍ଛାମୃତ୍ୟୁ ପାଇଁ ଆବେଦନ କରିଥିଲେ। ତେବେ ପ୍ରଶାସନ ପକ୍ଷରୁ ଖୋର୍ଦ୍ଧା ଉପଜିଲାପାଳ ଓ ଭୁବନେଶ୍ୱର ଅତିରିକ୍ତ ତହସିଲଦାର ଅଭିଯୋଗକାରୀଙ୍କୁ ଭୁବନେଶ୍ୱର ନ ପଠାଇ ତମାଣ୍ଡୋ ଥାନା ନିକଟରେ ଅଟକାଇଥିଲେ। ସେଠାରେ ଆଲୋଚନା କରି ପୁଣି ମୂଲ୍ୟାୟନ, ମାପ ଓ କ୍ଷତିପୂରଣ ଦିଆଯିବ ବୋଲି କହିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ପୁଣି ଅଣଦେଖା କରାଗଲା ବୋଲି କୁନ୍ତଳା ନାୟକ ଓ ରାଜ କିଶୋର ନାୟକ କହିଛନ୍ତି।

## ପଲିଥିନ, ପ୍ଲାଷ୍ଟିକ୍ ଷ୍ଟୋରରେ ବିଏମ୍‌ସିର ଚଢ଼ାଉ



ଏକ ଦୋକାନରେ ସ୍କ୍ୱାଡ୍ ପକ୍ଷରୁ ପଲିଥିନ୍ ଜବତ କରାଯାଉଛି।

### ୨୦ କେଜି ପଲିଥିନ ଜବତ, ୧୦ ହଜାର ଜରିମାନା ଆଦାୟ

**ଭୁବନେଶ୍ୱର,୧୯।୬(ବ୍ୟୁରୋ)**

ବାରଣ କରାଯାଇଥିବା ପଲିଥିନ ଓ ପ୍ଲାଷ୍ଟିକ୍ ବ୍ୟବହାରକାରୀଙ୍କୁ ଚେତାବନୀ ଦେଇଛି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)। ପ୍ଲାଷ୍ଟିକ୍ ଓ ପଲିଥିନ ଧରିବାକୁ ଭୁବନେଶ୍ୱର ମହାନଗର ନିଗମର ଜୋନାଲ୍ ଡେପୁଟି କମିଶନର୍‌ମାନଙ୍କ ଅଧୀନରେ ସ୍ୱତନ୍ତ୍ର ସ୍କ୍ୱାଡ ଗଠିତ ହେବା ପରେ ଚଢାଉକୁ ଜୋରଦାର କରାଯାଇଛି। ବୁଧବାର ହୋଇଥିବା ଏହି ଚଢାଉରେ ୨୦ କେଜି ପଲିଥିନ ଜବତ ହୋଇଥିବାବେଳେ ୧୦ ହଜାର ଟଙ୍କାର ଜରିମାନା ଆଦାୟ କରାଯାଇଛି। ଭୁବନେଶ୍ୱର ଉତ୍ତର, ମଧ୍ୟ ଓ ଏକାମ୍ର ତିନୋଟି ଜୋନରେ ଏହି ଚଢାଉ କରାଯାଇଥିବା ବେଳେ ଉତ୍ତର ଜୋନରେ ସର୍ବାଧିକ ୬ କେଜି ୩୦୦ ଗ୍ରାମର ପଲିଥିନ ଓ ପ୍ଲାଷ୍ଟିକ୍ ଜବତ କରାଯାଇଛି।

ସୂଚନାଯୋଗ୍ୟ, ୫୦ ମାଇକ୍ରୋନ୍ ତଳକୁ ଥିବା ପଲିଥିନ୍ ଧରିବାକୁ ଏହି ବ୍ୟବସ୍ଥା କରାଯାଇଛି। ବିଏମ୍‌ସି କମିଶନରଙ୍କ ନିର୍ଦ୍ଦେଶ ଅନୁସାରେ, ପ୍ରତ୍ୟେକ ସପ୍ତାହ ବୁଧବାରରେ ସ୍କ୍ୱାଡ ସକାଳ ୮ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ କମିଶନରେଟ ପୋଲିସ ସହଯୋଗରେ ସହରର ବିଭିନ୍ନ ମାର୍କେଟ ଉପରେ ଚଢାଉ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ବିଶେଷକରି ମାଛ, ମାଂସ, ଖାଇବା ଦୋକାନ ଇତ୍ୟାଦିକୁ ଯାଇ ଏହି ସ୍କ୍ୱାଡ ବିଭିନ୍ନ ବ୍ୟାନ୍ ସାମଗ୍ରୀକୁ ତନଖି କରିବେ। ତେବେ ଏ ଦିଗରେ ଜନସଚେତନତା ପାଇଁ ବିଭିନ୍ନ ବ୍ୟବସାୟ ଅନୁଷ୍ଠାନର ସମ୍ପାଦକ, ସଭାପତି ଇତ୍ୟାଦିଙ୍କୁ ଆସନ୍ତା ସପ୍ତାହରେ ବିଏମ୍‌ସି କାର୍ଯ୍ୟାଳୟକୁ ଡାକି ତାଲିମ୍ ଦେବାର ଯୋଜନା ରହିଛି। ଏହି ତାଲିମ ବିଏମ୍‌ସିର ପ୍ରଶିକ୍ଷକମାନେ ଦେବେ ବୋଲି ଡେପୁଟି କମିଶନର ପ୍ରବୀର ଖିଲାର କହିଛନ୍ତି।





ଭୁବନେଶ୍ୱରସ୍ଥିତ ସୂଚନା ଭବନରେ ବୁଧବାର ନିଶଦ ପକ୍ଷରୁ ଆୟୋଜିତ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ ଜିଜ୍ଞାସା ନାଇଟରେ ଜଣେ କଣ୍ଠଶିଳ୍ପୀ ସଙ୍ଗୀତ ପରିବେଷଣ କରୁଛନ୍ତି।

### ବିଏମ୍‌ସିର ଜବରଦଖଲ ଉଚ୍ଛେଦ
## ଘର ଭଙ୍ଗାକୁ ଲୋକଙ୍କ ବିରୋଧ

**ଭୁବନେଶ୍ୱର,୧୯।୬(ବ୍ୟୁରୋ)**

ମିଳିତ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ ପକ୍ଷରୁ ୟୁନିଟ-୪ ବିଧାୟକ କଲୋନୀ ନିକଟରେ ଥିବା ମନ୍ଦିର ଓ କେତେକ ଉଠାଦୋକାନକୁ ଜବରଦଖଲରୁ ଉଚ୍ଛେଦ କରାଯାଇଛି। କିନ୍ତୁ ସମ୍ପୂର୍ଣ୍ଣ ଉଚ୍ଛେଦ କରାଯାଇପାରି ନାହିଁ। ନିକଟରେ କେତେକ ଗୃହଗୁଡ଼ିକର ଉଚ୍ଛେଦ ହେବାକୁ ଥିବାବେଳେ ସ୍ଥାନୀୟ ଲୋକେ ଏହାର ବିରୋଧ କରିଥିଲେ। ରାଜୀବ ଆବାସ ଯୋଜନାରେ ନିର୍ମିତ ଘରଗୁଡ଼ିକୁ ଭଙ୍ଗାଯାଇପାରିବ ନାହିଁ ବୋଲି କହି ସେମାନେ ବିରୋଧ ପ୍ରଦର୍ଶନ କରିଥିଲେ। ତେବେ ସମସ୍ତ ଘର ରାଜୀବ ଆବାସ ଯୋଜନାରେ ହୋଇ ନ ଥିବାବେଳେ କେଉଁଟା ରହିବ ଓ କେଉଁଟା ଭାଙ୍ଗିବ ସେନେଇ ବୁଧବାର ବିଭାଗୀୟ ଅଧିକାରୀମାନେ ଏକ ସର୍ଭେ କରିଥିଲେ। ଗୁରୁବାର ରାଜୀବ ଆବାସ ଯୋଜନାରେ ନିର୍ମିତ ହୋଇ ନ ଥିବା ଗୃହଗୁଡ଼ିକୁ ଉଚ୍ଛେଦ କରାଯିବ। ସୂଚନାଯୋଗ୍ୟ, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ), ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଓ କମିଶନରେଟ ପୋଲିସ୍‌ର ମିଳିତ ସ୍କ୍ୱାଡ ପକ୍ଷରୁ ସକାଳ ୧୦ଟାରେ ଏହି ଉଚ୍ଛେଦ କରାଯାଇଥିଲା।

## ■ ଝରକା ଗ୍ରୀଲ୍ ତାଡ଼ି ଘରେ ପଶିଥିଲେ ଦୁର୍ବୃତ୍ତ
# ନିଶା ଶୁଙ୍ଘାଇ ଲକ୍ଷାଧିକ ଟଙ୍କାର ସୁନା ଚୋରି

**ଭୁବନେଶ୍ୱର,୧୯।୬(ବ୍ୟୁରୋ)**

ଶହୀଦନଗର ଥାନା ଅନ୍ତର୍ଗତ କେଶୁରା ଅଞ୍ଚଳରେ ଏକ ବଡ଼ ଧରଣର ଚୋରି ହୋଇଛି। ଆଶୁତୋଷ ବିଚିତ୍ରାନନ୍ଦ ମହାପାତ୍ରଙ୍କ ଘରର ଝରକା ତାଡି ୧୦ ହଜାର ଟଙ୍କା ସହ ଲକ୍ଷ ଟଙ୍କାର ସୁନା ଅଳଙ୍କାର ଚୋରି କରିନେଇଛନ୍ତି ଦୁର୍ବୃତ୍ତ। ଚୋରି ଅଳଙ୍କାର ମଧ୍ୟରେ ୪୦ ଗ୍ରାମର ଓଜନର ସୁନା ହାର, ୩୫ ଗ୍ରାମର ରାଣୀ ହାର, ୭ ଗ୍ରାମର ସୁନାଚେନ, ୩ ଗ୍ରାମର ଲକେଟ, ୧୪ ଗ୍ରାମର ପେଣ୍ଡି, ୧୦ ଗ୍ରାମର କାନ ଝରା, ୨ଟି ସୁନା ମୁଦି ଓ ଲକେଟ ଆଦି ରହିଛି।

ସୂଚନା ମୁତାବକ, ବିଚିତ୍ରାନନ୍ଦଙ୍କ ପୁଅ ବିଶ୍ୱରଞ୍ଜନ ଦିଲ୍ଲୀରେ ଏକ ଘରୋଇ କମ୍ପାନୀରେ କାମ କରନ୍ତି। ରଜ ଛୁଟିରେ ସେ ଘରକୁ ଆସିଥିଲେ। ବିଶ୍ୱ ରାତିରେ ଶୋଇଥିବାବେଳେ ଦୁର୍ବୃତ୍ତମାନେ ଝରକା ଗ୍ରୀଲ ତାଡି ଘରେ ପଶିଥିଲେ। ପରେ ତାଙ୍କୁ ନିଶା ଶୁଙ୍ଘାଇ ଆଲମାରି ତାଡି ଟଙ୍କା ଓ ସୁନା ଅଳଙ୍କାର ନେଇ ଚମ୍ପଟ ମାରିଥିଲେ। ସକାଳେ ପୁଅ ବିଶ୍ୱ ନ ଉଠିବାରୁ ପରିବାର ଲୋକଙ୍କ ସନ୍ଦେହ ହୋଇଥିଲା। କବାଟ ଭାଙ୍ଗିବା ପରେ ଘରୁ ଚୋରି ହୋଇଥିବା ଜଣାପଡିଥିଲା। ବିଶ୍ୱ ନିଘୋଡ଼ ନିଦରେ ଶୋଇଥିବାରୁ ତାଙ୍କୁ ଉଠାଇବାବେଳେ ସେ ବାଉଳି ହୋଇଥିଲେ। ତାଙ୍କ ମୁଣ୍ଡ ପାଖରେ ଏକ କପଡ଼ା ପଡିଥିବାରୁ ସେଥିରେ ନିଶା ସାମଗ୍ରୀ ଲଗାଇ ଦୁର୍ବୃତ୍ତମାନେ ବିଶ୍ୱଙ୍କୁ ଶୁଙ୍ଘାଇ ଚୋରି କରିଥିବା ଜଣାପଡିଥିଲା। ଏ ନେଇ ଅଭିଯୋଗ ପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ରୋଗୀ ୧୦କୁ ଡାକ୍ତର ୨୦

**ପୁରୁଣା ଭୁବନେଶ୍ୱର,୧୯।୬ (ଡି.ଏନ.ଏ.)**



### ବିଏମ୍‌ସି ହସ୍ପିଟାଲ
■ ଆସ୍ଥା ହରାଉଛନ୍ତି ରୋଗୀ
■ ଦୀର୍ଘବର୍ଷ ଧରି ଯନ୍ତ୍ରପାତି ଅଚଳ

ଭୁବନେଶ୍ୱରର ଅନ୍ୟତମ ସର୍ବପୁରାତନ ବିଏମ୍‌ସି ହସ୍ପିଟାଲରେ ନାନା ଅବ୍ୟବସ୍ଥା ଯୋଗୁ ଚିକିତ୍ସା ସେବା ନ ପାଇ ରୋଗୀମାନେ ଆସ୍ଥା ହରାଉଛନ୍ତି। ଫଳରେ ବିଭିନ୍ନ ୱାର୍ଡରେ ରୋଗୀ ସଂଖ୍ୟା ଦିନକୁ ଦିନ କମିବାରେ ଲାଗିଛି। ବର୍ଷକ ତଳେ ସର୍ଜରୀ, ସ୍ତ୍ରୀ ଓ ପ୍ରସୂତି ବିଭାଗ ୱାର୍ଡରେ ଦୈନିକ ୫୦ରୁ ଉର୍ଦ୍ଧ୍ୱ ରୋଗୀ ଆଡମିଶନ ହେଉଥିବାବେଳେ ଏବେ ୧୦କୁ ଖସିଆସିଛି। ହସ୍ପିଟାଲରେ ୨୦ଜଣ ଡାକ୍ତର ଥିବାବେଳେ ଏମାନଙ୍କଠାରୁ ରୋଗୀ ସଂଖ୍ୟା କମ୍ ରହୁଛି। ପ୍ରସୂତି ବିଭାଗରେ ୨ ଜଣ ଡାକ୍ତର ରହିଛନ୍ତି। ସେହିଭଳି ଚକ୍ଷୁ ଓ ଚର୍ମରୋଗ ବିଭାଗର ଡାକ୍ତରଙ୍କୁ ଆଉଟ୍‌ଡୋରରେ ରୋଗୀ ଦେଖିବାକୁ ନିର୍ଦ୍ଦେଶ ଦିଆଯାଉଛି। ଆଉଟ୍‌ଡୋରରେ ଠିକ୍ ଚିକିତ୍ସା ମିଳୁ ନ ଥିବା ରୋଗୀମାନେ କହିଛନ୍ତି। ଅନ୍ୟପକ୍ଷରେ ପରୀକ୍ଷାନିରୀକ୍ଷା ପାଇଁ ରହିଥିବା ହସ୍ପିଟାଲର ଲାପ୍ରୋସ୍କୋପି, ଅଲଟ୍ରାସାଉଣ୍ଡ, ଏଣ୍ଡୋସ୍କୋପି ଆଦି ଯନ୍ତ୍ରପାତି ଦୀର୍ଘବର୍ଷ ଧରି ଅଚଳ ହୋଇ ରହିଛି। ତେଣୁ ଜରୁରିକାଳୀନ ଚିକିତ୍ସା ପାଇଁ ଆସୁଥିବା ରୋଗୀଙ୍କୁ ଡାକ୍ତର ଅନ୍ୟତ୍ର ପରୀକ୍ଷା କରିବାକୁ ପଠାଉଛନ୍ତି। ହସ୍ପିଟାଲରେ ସରକାରଙ୍କ ପକ୍ଷରୁ ମାଗଣା ଚିକିତ୍ସା, ମାଗଣା ଔଷଧ ଆଦି ମିଳୁଥିବାବେଳେ କ'ଣ ପାଇଁ ରୋଗୀ ସଂଖ୍ୟା କମୁଛି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ନାନା ଉପାୟରେ ଅର୍ଥ ବରବାଦ କରାଯାଉଛି। ନୂତନ କୋଠା ନିର୍ମାଣ ନାଁରେ ହସ୍ପିଟାଲର ବିଭିନ୍ନ ପୁରୁଣା ୱାର୍ଡକୁ ଠିକାଦାରମାନେ ଭାଙ୍ଗି ଦେଇଛନ୍ତି। ଚିକିତ୍ସାକୁ ଗୁରୁତ୍ୱ ନ ଦେଇ ନିର୍ମାଣ ଉପରେ ଗୁରୁତ୍ୱ ଦିଆଯାଉଥିବାରୁ ରୋଗୀ ଓ ସମ୍ପର୍କୀୟମାନେ ଅସନ୍ତୋଷ ପ୍ରକାଶ କରୁଥିବା ଦେଖିବାକୁ ମିଳୁଛି।

ଏନେଇ ହସ୍ପିଟାଲର ମୁଖ୍ୟ ଚିକିତ୍ସା ଅଧିକାରୀ ଗଣେଶ ପ୍ରସାଦ ଦାସ କୁହନ୍ତି, କେବଳ ଚର୍ମ ଏବଂ ଚକ୍ଷୁ ବିଭାଗ ଡାକ୍ତରଙ୍କୁ ନୁହେଁ, ଅନ୍ୟ ସମସ୍ତ ଯୋଗ୍ୟତାସମ୍ପନ୍ନ ଏମ୍‌ବିବିଏସ୍ ଡାକ୍ତରମାନଙ୍କୁ ଆଉଟ୍‌ଡୋରରେ ବସାଇବାର ଗାଇଡଲାଇନ୍ ରହିଛି। ଅଚଳ ଯନ୍ତ୍ରପାତି ସମ୍ବନ୍ଧରେ ଖୁବ୍‌ଶୀଘ୍ର ତାଲିକା ପ୍ରସ୍ତୁତ କରାଯିବ। ଏ ସଂକ୍ରାନ୍ତରେ ହସ୍ପିଟାଲ ପରିଚାଳନା ଦାୟିତ୍ୱରେ ଥିବା ବିଏମ୍‌ସି କମିଶନରଙ୍କୁ ଅବଗତ କରାଯାଇ ଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି ସେ କହିଛନ୍ତି।

## ବୋମା ପକାଇ ପୋଡି ଦେଲେ ଏକ୍ସାଭେଟର

**ଖୋର୍ଦ୍ଧା ଅଫିସ,୧୯।୬**

ଖୋର୍ଦ୍ଧା ସଦର ଥାନାର ତାପଙ୍ଗ ଛକ ନିକଟରେ ଥିବା ଏନକେଏସ୍ କ୍ରଶର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏକ ଏକ୍ସାଭେଟରକୁ ମଙ୍ଗଳବାର ରାତିରେ ପୋଡି ଦିଆଯାଇଛି। ବୋମା ପକାଇ ଏହାକୁ ପୋଡି ଦିଆଯାଇଛି। ତେବେ ଘଟଣାସ୍ଥଳରେ ୨ଟି ଅଫୁଟା ବୋମା ପଡି ରହିଛି। ଏ ସମ୍ପର୍କରେ ଅଭିଯୋଗ ହୋଇ ନ ଥିବାବେଳେ ପୋଲିସର ତଦନ୍ତ ମଧ କରାଯାଇନାହିଁ। ତେବେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଲାଗି ରହିଛି।

## ବିଲ୍ଡରଙ୍କୁ ବଟି ମାଗି ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୧୯।୬(ବ୍ୟୁରୋ)**

ଇନ୍‌ଫୋସିଟି ଥାନା ଅଞ୍ଚଳରେ ଜଣେ ବିଲ୍ଡରଙ୍କୁ ଦାଦାବଟି ମାଗିବା ଅଭିଯୋଗରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଜଟଣୀ ଥାନା ମଦନପୁର ଅଞ୍ଚଳର ଜିତେନ୍ଦ୍ର ରଣସିଂ ଓରଫ ଟିଙ୍କିନା। ସୂଚନା ଅନୁଯାୟୀ, ଜଟଣୀରେ ଥିବା ଜଗନ୍ନାଥ ପ୍ରମୋଟର ଡେଭଲପର୍ସ ପ୍ରା.ଲି. ସଂସ୍ଥାର ମାଲିକ ପ୍ରଦୀପ୍ତ କୁମାର ବିଶ୍ୱାସରାୟଙ୍କ ସେଠାରେ ଏକ ପ୍ରୋଜେକ୍ଟ ଚାଲିଛି। ଏପ୍ରିଲରେ ଟିଙ୍କିନା ପ୍ରଦୀପ୍ତଙ୍କୁ ଧମକଚମକ ଦେବା ସହ ମୋଟା ଅଙ୍କର ଟଙ୍କା ମାଗିଥିଲେ। ଏଥିସହ ପ୍ରଦୀପ୍ତଙ୍କ ଶିଶୁବିହାରସ୍ଥିତ ଅଫିସକୁ ଆସି ଟଙ୍କା ନ ଦେଲେ କାମର ୫୦ପ୍ରତିଶତ ଲାଭ ଦେବାକୁ କହିଥିଲେ। ନଚେତ ଜୀବନରେ ମାରିଦେବାକୁ ଧମକ ଦେଉଥିଲେ। ଏ ନେଇ ପ୍ରଦୀପ୍ତ ଏପ୍ରିଲ ୨୪ରେ ଇନଫୋସିଟି ଥାନାରେ ଅଭିଯୋଗ କରିବା ପରେ ପୋଲିସ ୮୪/୧୯ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଟିଙ୍କିନା ମଦନପୁରରେ ଥିବାଜାଣି ପୋଲିସ ବୁଧବାର ଚଢ଼ାଉ କରି ଗିରଫ କରିଥିଲା।

# ମୋ ବସ୍‌ର ନିୟମିତ ଯାତ୍ରୀ ସଂଖ୍ୟା ୬୦ ହଜାର ଛୁଇଁଲା

### ଲୋକଙ୍କ ସହଯୋଗ ଲୋଡ଼ିଲା କ୍ରୁଟ

**ଭୁବନେଶ୍ୱର,୧୯।୬(ବ୍ୟୁରୋ)**



ଖୋର୍ଦ୍ଧା, କଟକ, ପୁରୀ ଓ ଭୁବନେଶ୍ୱରର ୨୦ଟି ରୁଟରେ ମୋ ବସକୁ ଏକ ବଡ଼ ସଫଳତା ମିଳିଛି। ଦୈନିକ ନିୟମିତ ଭାବେ ୬୦ ହଜାର ଯାତ୍ରୀ ମୋ ବସ୍ ଉପରେ ନିର୍ଭର କରୁଛନ୍ତି। ଏ ନେଇ କ୍ୟାପିଟାଲ ରିଜିଅନ୍ ଅର୍‌ବାନ ଟ୍ରାନ୍ସପୋର୍ଟ(କ୍ରୁଟ) ପକ୍ଷରୁ ସମସ୍ତ ଯାତ୍ରୀଙ୍କୁ ଧନ୍ୟବାଦ ଦିଆଯାଇଛି। ମ୍ୟାନେଜର ଦୀପ୍ତି ମହାପାତ୍ର କହିଛନ୍ତି, ଏହି ସଫଳତାର ଶ୍ରେୟ କ୍ରୁଟ ସେହି ଦୈନିକ ଯାତ୍ରୀଙ୍କୁ ଦେଉଛି ଯିଏ କି ଦୈନିକ ମୋ ବସ୍ ଉପରେ ନିର୍ଭର କରନ୍ତି। ସମସ୍ତ ଯାତ୍ରୀଙ୍କ ସହଯୋଗରେ ହିଁ ଆଜି ମୋ ବସ୍ ସେବା ଆଗକୁ ବଢିପାରିଛି। ଯାତ୍ରୀମାନେ ସୁରକ୍ଷିତ ଯାତ୍ରା କରନ୍ତୁ ଓ ମୋ ବସ୍‌ର ନିୟମାବଳୀ ଅନୁସାରେ ଯାତ୍ରା କରନ୍ତୁ। ବରିଷ୍ଠ ନାଗରିକ, ଦିବ୍ୟାଙ୍ଗ ଓ ମହିଳାମାନଙ୍କ ଲାଗି ସ୍ୱତନ୍ତ୍ର ସିଟର ବ୍ୟବସ୍ଥା କରାଯାଇଛି। ମୋ ବସରେ ଯାତ୍ରା କରନ୍ତୁ ଓ ଖୁସିରେ ରୁହନ୍ତୁ ବୋଲି ସେ କହିଛନ୍ତି।

# ଅବାଧରେ ଚାଲିଛି ନିଶା କାରବାର

■ ନିଶା କବଳରେ ବେକାର ଯୁବକ
■ ସନ୍ଧ୍ୟାରେ ପଡ଼ିଆ, ନଦୀବନ୍ଧ ରାସ୍ତା ପାଲଟୁଛି ଆଡ୍ଡାସ୍ଥଳୀ

**ବାଲକାଟୀ,୧୯।୬(ଡି.ଏନ୍.ଏ.)**

ରାଜଧାନୀ ଉପକଣ୍ଠରେ ଥିବା ବାଲକାଟୀ ଓ ଏହାର ଉପାନ୍ତ ଅଞ୍ଚଳରେ ଅବାଧରେ ଚାଲିଛି ଚୋରା ମଦ, ଗଞ୍ଜେଇ ଏବଂ ଭାଙ୍ଗ କାରବାର। ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇ ଦିବାଲୋକରେ ଏହି ନିଶାକାରବାର କରାଯାଉଛି। ସଞ୍ଜ ନଇଁଲେ ବାଲକାଟୀ କଲେଜ ପଡ଼ିଆ, ମେଳଣ ପଡ଼ିଆ, ସାଇଫନ ଛକ, ବାଲକାଟୀରୁ ସାତକୋଶିଆ ଯାଇଥିବା ନଦୀବନ୍ଧ ରାସ୍ତା, ଭାର୍ଗବୀ ସେତୁ ହୋଇଛି ନିଶାଖୋରଙ୍କ ଆଡ୍ଡାସ୍ଥଳୀ। ରାତି ପାହିଲେ ଚୋରା ଦେଶୀ ଓ ବିଦେଶୀ ମଦ, ପଲିଥିନ ମଦ ଏବଂ ଗଞ୍ଜେଇ ଓ ଭାଙ୍ଗର ଅବାଧ କାରବାର ଏ ଅଞ୍ଚଳକୁ ହେଉଥିବାବେଳେ ବେକାର ଯୁବକମାନେ ନିଶାଖାଇ ଆପରାଧିକ କାର୍ଯ୍ୟକଳାପରେ ଲିପ୍ତ ରହୁଛନ୍ତି।

ସୂଚନାଯୋଗ୍ୟ, ସ୍ଥାନୀୟ ଅଞ୍ଚଳର କେତେକ ନିର୍ଦ୍ଦିଷ୍ଟ ଚୋରା ବେପାରୀ ରାଜ୍ୟ ତଥା ରାଜ୍ୟ ବାହାରରୁ ନାମୀଦାମୀ ଗାଡ଼ିରେ ଗଞ୍ଜେଇ ଏବଂ ଭାଙ୍ଗ ଆଣି ବାଲକାଟୀର ନଦୀପଠା ଏବଂ ଏକ ନିର୍ଦ୍ଦିଷ୍ଟ ସାହିରେ ଗଚ୍ଛିତ ରଖି ରାତିରେ ଖୁଚୁରା ବେପାରୀଙ୍କୁ ବିକ୍ରି କରୁଛନ୍ତି। ସେହିଭଳି ଗ୍ୟାରେଜ ଛକ, ରବି ଟକିଜ ଏବଂ ଉତ୍ତରା କାଉଣ୍ଟରରୁ ବିଦେଶୀ ମଦ ଅଣାଯାଉଥିବା ବେଳେ ପିପିଲି ଅଞ୍ଚଳରୁ ଟ୍ରକ ଯୋଗେ ପଲିଥିନ ମଦ ଆଣି ଚୋରା ବେପାରୀ ଅବାଧରେ ବିକ୍ରି କରୁଥିବା ଅଭିଯୋଗ ହୋଇଛି। ବାଲକାଟୀ ବଜାରରେ ଥିବା ଏକ ନିର୍ଦ୍ଦିଷ୍ଟ ପାନ ଦୋକାନ, ରଥିଜେନା ନୂଆ ସାହିର ଜନୈକ ବ୍ୟକ୍ତିଙ୍କ ଘରେ ଏବଂ ଭଗବତୀ ମନ୍ଦିର ନିକଟରେ ଚୋରା ବିଦେଶୀ ମଧ କାରବାର ହେଉଛି। ଏହାବ୍ୟତୀତ ରଙ୍ଗବଜାର, ଟଙ୍କପାଣି ବ୍ରିଜମୁଣ୍ଡା, ବୁଦ୍ଧିପଡ଼ା ଅଞ୍ଚଳରେ ମଧ ଜୋରସୋରରେ ନିଶାକାରବାର ଚାଲିଛି। ସ୍ଥାନୀୟ ପୋଲିସ ଏବଂ ଅବକାରୀ ବିଭାଗ ପକ୍ଷରୁ ମଝିରେ ମଝିରେ ଚଢ଼ାଉ କରି ଗିରଫ ଓ ଜବତ କରୁଥିଲେ ମଧ ଜାମିନରେ ଆସି ପୁନଃକାରବାର ଚଳାଉଥିବା ଦେଖାଯାଇଛି। ଦ୍ୱୈତ ନଗରୀ କମିଶନରେଟ ବ୍ୟବସ୍ଥା ଲାଗୁ ହୋଇଥିଲେ ମଧ ବାଲିଅନ୍ତା ଥାନା ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ ଚାଲିଥିବା ଅବାଧ ନିଶାକାରବାର ରୋକିବା ପାଇଁ ସେଭଳି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ବେଳେବେଳେ ଖୁଚୁରା ବ୍ୟବସାୟୀଙ୍କୁ ଧରୁଥିବାବେଳେ ବଡ ବେପାରୀମାନେ ଖସିଯାଉଥିବା ଦେଖାଯାଉଛି। ଏ ସମ୍ପର୍କରେ ବାଲକାଟୀ ଫାଣ୍ଡି ଅଧିକାରୀ ଦେବେନ୍ଦ୍ର ସାହୁ କୁହନ୍ତି, ଖୁବ କମଦିନ ହେଲା ଏଠାକୁ ଆସିଥିଲେ ମଧ ନିଶା କାରବାର ରୋକିବା ପାଇଁ ପ୍ରତ୍ୟେକ ସମୟରେ ଚଢ଼ାଉ ସହ କାର୍ଯ୍ୟାନୁଷ୍ଠାନ ଚାଲିଛି। ଏଥିପାଇଁ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗ ଆବଶ୍ୟକ ବୋଲି କହିଥିଲେ। ନିଶା କବଳରେ ଯୁବପିଢ଼ି ଏବଂ ଜନସମାଜ ବିପଥଗାମୀ ହେଉଥିବାବେଳେ ଆଇନଶୃଙ୍ଖଳା ମଧ ବିଗୁଡୁଛି। ତେଣୁ ତୁରନ୍ତ ନିଶାକାରବାର ଉପରେ ଅଙ୍କୁଶ ଲଗାଇବାକୁ ସାଧାରଣରେ ଦାବି ହେଉଛି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଗୁରୁବାର, ଜୁନ୍ ୨୦/୨୦୧୯ Bhubaneswar, Thursday, June 20/ 2019

## ସଂକ୍ଷେପରେ

### ଓସିସି ଅଧ୍ୟକ୍ଷ ହେଲେ ଜେ.କେ. ମହାନ୍ତି



ଭୁବନେଶ୍ୱର, ୧୯।୬ (ବ୍ୟୁରୋ)- ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଓଡ଼ିଶା କଲ୍‌ଚରାଲ ସର୍କଲ(ଓସିସି)ର ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ସ୍ୱସ୍ତି ଗ୍ରୁପ୍ ସିଏମ୍‌ଡି ତଥା ହୋଟେଲ ଆଣ୍ଡ୍ ରେଷ୍ଟୁରାଣ୍ଟ ଆସୋସିଏଶନ ଅଫ୍ ଓଡ଼ିଶା(ଏଚ୍‌ଆର୍‌ଏଓ)ର ଚେୟାରମ୍ୟାନ୍ ଜେ.କେ. ମହାନ୍ତି। ପୂର୍ବରୁ ସ୍ୱର୍ଗତ ଅମିୟ ପଟ୍ଟନାୟକ ଏହି ଅନୁଷ୍ଠାନର ପ୍ରଥମ ଅଧ୍ୟକ୍ଷ ଭାବେ ଦାୟିତ୍ୱରେ ଥିଲେ। ଓଡ଼ିଶାର ଲୋକନୃତ୍ୟ ଓ ସଙ୍ଗୀତକୁ ଅଧିକ ଲୋକପ୍ରିୟ କରାଇବା ଉଦ୍ଦେଶ୍ୟରେ ଓସିସି ରାଜ୍ୟ ଏବଂ ରାଜ୍ୟ ବାହାରେ ତଥା ବିଭିନ୍ନ କଲେଜ କ୍ୟାମ୍ପସ୍‌ରେ ନୃତ୍ୟ ଓ ସଙ୍ଗୀତ କାର୍ଯ୍ୟକ୍ରମ ଆୟୋଜନ କରିଥାଏ। ଏହାସହ ରାଜ୍ୟ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଏହି ଅନୁଷ୍ଠାନ ସକ୍ରିୟ ଅଂଶଗ୍ରହଣ କରିଥାଏ। ଆଗାମୀ ଦିନରେ ଓଡ଼ିଶାର ସଂସ୍କୃତି ଓ ପର୍ଯ୍ୟଟନର ବିକାଶ ଦିଗରେ ଓଡ଼ିଶା କଲ୍‌ଚରାଲ ସର୍କଲ ଅଗ୍ରଣୀ ଭୂମିକା ନେବ ବୋଲି ନୂଆ ଅଧ୍ୟକ୍ଷ ମହାନ୍ତି କହିଛନ୍ତି। ଓସିସିର କର୍ମକର୍ତ୍ତାମାନେ ମହାନ୍ତିଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କ ନେତୃତ୍ୱରେ ଆଗାମୀ ଦିନରେ ଅନୁଷ୍ଠାନ ଅଭିନବ କାର୍ଯ୍ୟକ୍ରମ ହାତକୁ ନେବ ବୋଲି ଆଶା ପ୍ରକଟ କରିଛନ୍ତି।

### ରଥଯାତ୍ରା ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କଲେ ଡିଜିପି

# ବଡ଼ଦାଣ୍ଡ, ଶ୍ରୀମନ୍ଦିର ନୋ ଲୋ ଫ୍ଲାଇଂ ଜୋନ୍

ଭୁବନେଶ୍ୱର,୧୯।୬(ବ୍ୟୁରୋ)



ସମୀକ୍ଷା ବୈଠକରେ ଡିଜିପିଙ୍କ ସହ ଅନ୍ୟ ଅଧିକାରୀମାନେ।

- ବିମାନ ଚଳାଚଳ ମନ୍ତ୍ରଣାଳୟକୁ ଲେଖାଯିବ ଚିଠି
- ହାଇଦ୍ରାବାଦରେ ପ୍ରସ୍ତୁତ ରହିବେ ଏନ୍‌ଏସ୍‌ଜି କମାଣ୍ଡୋ
- ଜଳପଥରେ ସନ୍ଦିଗ୍ଧଙ୍କ ପ୍ରବେଶ ଉପରେ ରହିବ ନଜର
- ଟାଉନ୍ ଥାନାରେ ରହିବ ମୁଖ୍ୟ କଣ୍ଟ୍ରୋଲ ରୁମ୍

ଆସନ୍ତା ରଥଯାତ୍ରାକୁ ସୁରକ୍ଷିତ ତଥା ଶୃଙ୍ଖଳିତ କରିବା ପାଇଁ ଓଡ଼ିଶା ପୋଲିସ ପକ୍ଷରୁ ବ୍ୟାପକ ପଦକ୍ଷେପ ଆରମ୍ଭ ହୋଇଛି। ବୁଧବାର ରଥଯାତ୍ରା ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି ପୋଲିସ ଡିଜି ଆର୍.ପି. ଶର୍ମା। ଭୁବନେଶ୍ୱରସ୍ଥିତ କ୍ୟାମ୍ପ୍ ଅଫିସରରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ସିଆର୍‌ପିଏଫ୍, ବିଏସ୍‌ଏଫ୍, ଆର୍‌ପିଏଫ୍, କୋଷ୍ଟଗାର୍ଡ, ଏୟାରପୋର୍ଟ ଅଥରିଟି, ଇଣ୍ଡିଆ ନ୍ୟାଭି ଓ ଆଇବିର ବରିଷ୍ଠ ଅଧିକାରୀଙ୍କ ସହ ଏନେଇ ଆଲୋଚନା କରିଛନ୍ତି। ବୈଠକ ପରେ ଡିଜିପି ଶର୍ମା କହିଲେ, ରଥଯାତ୍ରାରେ କଡ଼ା ସୁରକ୍ଷା ପାଇଁ ସମସ୍ତ ସହଯୋଗ ଯୋଗାଇଦେବାକୁ ପ୍ରତିଶ୍ରୁତି ମିଳିଛି। ପୁରୀ ବଡ଼ଦାଣ୍ଡ ଓ ଶ୍ରୀମନ୍ଦିର ପରିସର ଉପରେ କୌଣସି ବିମାନ, ହେଲିକପ୍ଟର ଓ ଡ୍ରୋନ୍ ଉଠାଣ କରିପାରିବ ନାହିଁ। ଏହାକୁ ନୋ ଲୋ ଫ୍ଲାଇଂ ଜୋନ୍ ଭାବେ ଘୋଷଣା କରିବାକୁ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଏବଂ ଗୃହ ବିଭାଗକୁ ଅନୁରୋଧ କରାଯିବାକୁ ନିଷ୍ପତ୍ତି ହୋଇଛି। ସେହିଭଳି ଭୁବନେଶ୍ୱର ଏୟାରପୋର୍ଟ କର୍ତ୍ତୃପକ୍ଷଙ୍କୁ ମଧ୍ୟ ଏହା ଉପରେ ଦୃଷ୍ଟିଦେବେ। ବିଶେଷକରି ଜଳପଥରେ ସନ୍ଦିଗ୍ଧଙ୍କ ଉପରେ କଡ଼ା ନଜର ରହିବ। କୋଷ୍ଟ ଗାର୍ଡ ଜଳପଥରେ ବ୍ଲାକ୍ ସ୍ପଟ୍ ଚିହ୍ନଟ କରି ଦକ୍ଷ ଡ୍ରାଇଭର, ଲାଇଫ୍ ଗାର୍ଡ ଓ ଆମ୍ବୁଲାନ୍ସକୁ ସଜାଗ ରଖିବ। ପୁରୀ ନିକଟ ଉପକୂଳ ସମୁଦ୍ରରେ କୋଷ୍ଟ ଗାର୍ଡକୁ ଭାରତୀୟ ନୌସେନା ଓ ରାଜ୍ୟ ମେରାଇନ ପୋଲିସ ଆବଶ୍ୟକ ସହଯୋଗ କରିବ। ପୁରୀ ଓ ଭୁବନେଶ୍ୱର ରେଳ ଷ୍ଟେଶନ ସମେତ ଚଳପ୍ରଚଳକରୁଥିବା ଟ୍ରେନଗୁଡ଼ିକରେ ଆର୍‌ପିଏଫ ତରଫରୁ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ। ରଥଯାତ୍ରା ପାଇଁ ଅଧିକ ଟ୍ରେନ୍ ଚଳାଚଳ କରିବାକୁ ଥିବାରୁ ଦୁଇ ଷ୍ଟେଶନରେ ଏଲ୍‌ଇଡି ବୋର୍ଡ ମାଧ୍ୟମରେ ସମୟ ସାରଣୀ ପ୍ରଦର୍ଶିତ କରାଯିବ। ସେହିଭଳି ପୁରୀର ପ୍ରମୁଖ ସ୍ଥାନରେ ମଧ୍ୟ ଏଲ୍‌ଇଡି ବୋର୍ଡ ଲାଗିବ। ବାତ୍ୟାରେ ସିସି କ୍ୟାମେରା ନଷ୍ଟ ହୋଇଯାଇଥିବାରୁ ରଥଯାତ୍ରାରେ ପୁରୀ ଟାଉନ, ଷ୍ଟେଶନ ସମେତ ବିଭିନ୍ନ ସ୍ଥାନରେ ପର୍ଯ୍ୟାପ୍ତ ସଂଖ୍ୟକ କ୍ୟାମେରା ଲଗାଯିବା ଉପରେ ଗୁରୁତ୍ୱ ଦିଆଯାଇଛି। ବଡ଼ଦାଣ୍ଡରେ ଗହଳି ଉପରେ ସିସି କ୍ୟାମେରା ସହାୟତାରେ ନଜର ରଖାଯିବ। ଏନ୍‌ଡିଆର୍‌ଏଫ୍, ଓଡ୍ରାଫ ଓ ରାଜ୍ୟ ଅଗ୍ନିଶମ ବିଭାଗ ଆବଶ୍ୟକ ସରଞ୍ଜାମ ମହଜୁଦ୍ ରଖିବେ। ଏହାବ୍ୟତୀତ କୌଣସି ଜରୁରିକାଳୀନ ପରିସ୍ଥିତିକୁ ଏଡାଇବା ପାଇଁ ହାଇଦ୍ରାବାଦରେ ଏକ ସ୍ୱତନ୍ତ୍ର ଏନ୍‌ଏସ୍‌ଜି ଟିମ ପ୍ରସ୍ତୁତ ରହିବେ। ତେବେ ପୂରା ସୁରକ୍ଷା ବ୍ୟବସ୍ଥାକୁ ପରିଚାଳନା କରିବା ପାଇଁ ପୁରୀ ଟାଉନ୍ ଥାନାରେ ଏକ କଣ୍ଟ୍ରୋଲରୁମ୍ ଖୋଲିବ ଓ ସେଠାରେ ସବୁ ସୁରକ୍ଷା ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ପ୍ରତି ମୁହୂର୍ତ୍ତ ଉପରେ ନଜର ରଖିବେ। ଅନ୍ୟପକ୍ଷରେ କଟକ ଏବଂ ଭୁବନେଶ୍ୱର କମିଶନେରେଟ ପୋଲିସ ପକ୍ଷରୁ ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥରେ ଟ୍ରାଫିକ ବ୍ୟବସ୍ଥା ଗ୍ରହଣ କରାଯିବ। ଭିଭିଆଇପିଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ବିଭିନ୍ନ ପ୍ରମୁଖ ତଥା ସମ୍ବେଦନଶୀଳ ସ୍ଥାନରେ ଅସ୍ଥାୟୀ ଟ୍ରାଫିକ କଣ୍ଟ୍ରୋଲ ରୁମ୍ ରହିବ ବୋଲି ଡିଜିପି ସୂଚନା ଦେଇଛନ୍ତି। ଏହି ବୈଠକରେ ଡାଇରେକ୍ଟର ଇଣ୍ଟେଲିଜେନ୍ସ ସୁନୀଲ ରଏ, ଏଡିଜିପି ରେଲ୍‌ୱେ ପ୍ରାଣବିନ୍ଦୁ ଆଚାର୍ଯ୍ୟ, ଏଡିଜିପି ମଡର୍ନାଇଜେଶନ ଭି.ଟି. ମିଶ୍ର, ଏଡିଜିପି ଲ' ଆଣ୍ଡ୍ ଅର୍ଡର ସଞ୍ଜୀବ ପଣ୍ଡା, ଆଇଜିପି ଇଣ୍ଟେଲିଜେନ୍ସ ଆର. କେ. ଶର୍ମା, କେନ୍ଦ୍ରାଞ୍ଚଳ ଆଇଜିପି ସୌମେନ୍ଦ୍ର ପ୍ରିୟଦର୍ଶୀ, କଟକ-ଭୁବନେଶ୍ୱର ଆଡିଶନାଲ ପୋଲିସ କମିଶନର ସଞ୍ଜୟ ସିଂ, ଆଇଜିପି କ୍ରାଇମ୍ ଅରୁଣ ବୋଥ୍ରା, ଏସ୍‌ଏପି ଆଇଜିପି ଅମିତାଭ ଠାକୁର, ପୁରୀ ଏସ୍‌ପି ଉମାଶଙ୍କର ମିଶ୍ର, ଡିଆଇଜି ସିଆର୍‌ପିଏଫ ରାମ ଚାର୍ତ୍ରା, ଡିଜି ଆର୍‌ପିଏଫ୍ ସି. ମାରାଣ୍ଡି, ଡିଆଇଜି କୋଷ୍ଟ ଗାର୍ଡ ଏସ୍.ଡି. ଭାନଟ, ଜଏଣ୍ଟ ଡାଇରେକ୍ଟର ଏସଆଇବି ପି.କେ. ସେଠୀ, କମାଣ୍ଡାଣ୍ଟ ଏନ୍‌ଡିଆରଏଫ ଜାକୋବ, ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆର ଡି.ପି. ଭରଦ୍ୱାଜ ପ୍ରମୁଖ ଯୋଗଦେଇଥିଲେ।

# ବିଡ଼ି ଉପରେ ୨୮% ଜିଏସ୍‌ଟି ସହ ସେସ୍ ଲଗାଇବାକୁ ଦାବି

ଭୁବନେଶ୍ୱର,୧୯।୬(ବ୍ୟୁରୋ)

ସିଗାରେଟ୍ ଓ ତମାଖୁ ଉତ୍ପାଦଗୁଡ଼ିକୁ ୨୮% ସ୍ଲାବରେ ରଖିବା ଏବଂ ଏହା ଉପରେ ସେସ୍ ଲଗାଇବା ପାଇଁ ନିଆଯାଇଥିବା ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ଏହି ଧାରା ବଜାୟ ରଖିବାକୁ ଡାକ୍ତର ଓ ଅର୍ଥନୀତିଜ୍ଞମାନେ ଜିଏସ୍‌ଟି ପରିଷଦକୁ ଅନୁରୋଧ କରିଛନ୍ତି। ତମାଖୁ ଦ୍ରବ୍ୟ ଉପରେ ଅତ୍ୟଧିକ ଟିକସ ରହିଲେ ତାହା ଯୁବପିଢ଼ିଙ୍କୁ ସେ ସବୁ ସାମଗ୍ରୀ ସେବନ କରିବାକୁ ନିରୁତ୍ସାହିତ କରିବ। ତମାଖୁ କବଳରେ ପଡ଼ିଥିବା ଲୋକେ ତାହାକୁ ଛାଡ଼ିବାକୁ ଏକପ୍ରକାର ବାଧ୍ୟ ହେବେ ବୋଲି ସେମାନେ କହିଛନ୍ତି।

ତମାଖୁ ଉପରେ ଅତ୍ୟଧିକ ଟିକସ ଏହାର ବ୍ୟବହାର କମାଇବାରେ ସହାୟକ ହୋଇଥାଏ। ମାତ୍ର ଦୁର୍ଭାଗ୍ୟଜନକ, ଆଜି ପର୍ଯ୍ୟନ୍ତ ବିଡ଼ିକୁ ତମାଖୁ ବର୍ଗରେ ସାମିଲ କରାଯାଇନାହିଁ। ବିଡ଼ି ସେବନ ଯୋଗୁ ପ୍ରତିବର୍ଷ ୧୦ଲକ୍ଷ ଲୋକଙ୍କ ମୃତ୍ୟୁ ହେଉଥିବା ବେଳେ ଅର୍ଥନୀତି ଉପରେ ଏହାର ଗଭୀର ପ୍ରଭାବ ପଡ଼ିଥାଏ। ତେଣୁ ଏହାକୁ ତମାଖୁ ଦ୍ରବ୍ୟ ବର୍ଗରେ ସାମିଲ କରି ତାହା ଉପରେ ୨୮% ଟିକସ ଏବଂ ସେସ୍ ଲଗାଇବାକୁ ଡାକ୍ତର ଓ ଅର୍ଥନୀତିଜ୍ଞମାନେ ଦାବି କରିଛନ୍ତି। ଭଲ୍ୟୁଣ୍ଟାରୀ ହେଲ୍‌ଥ ଆସୋସିଏଶନ ଅଫ୍ ଇଣ୍ଡିଆର କାର୍ଯ୍ୟନିର୍ବାହୀ ଅଧିକାରୀ ଭାବନା ବି. ମୁଖୋପାଧ୍ୟାୟ କହିଛନ୍ତି, ଜିଏସ୍‌ଟି ଅଧୀନରେ ସିଗାରେଟ୍ ଓ ଧୂମହୀନ ତମାଖୁକୁ ଡିମେରିଟ୍ ଗୁଡ୍‌ସ ବର୍ଗରେ ସାମିଲ କରି ତାହା ଉପରେ ୨୮% ଜିଏସ୍‌ଟି ଓ ସେସ୍ ଲଗାଯିବା ଉଚିତ। ଏହାଦ୍ୱାରା ଯୁବପିଢ଼ି ତମାଖୁ ସେବନ କରିବା ଏବଂ ଜୀବନବ୍ୟାପୀ ତାହା କବଳରେ ପଡ଼ିବାଠାରୁ ଦୂରେଇ ରହିପାରିବେ। ତମାଖୁ ଉପରେ ଟିକସ ଦେଶର ଅର୍ଥନୀତି ପାଇଁ ଲାଭଦାୟକ ମଧ୍ୟ ସାବ୍ୟସ୍ତ ହେବ। ଅର୍ଥନୀତିଜ୍ଞ ତଥା ସାଧାରଣ ସ୍ୱାସ୍ଥ୍ୟନୀତି ଆନାଲିଷ୍ଟ ଡ. ରିଜୋ ଜନ୍ କହିଛନ୍ତି, ଅତ୍ୟଧିକ ଟିକସ ଯୋଗୁ ଭାରତରେ ତମାଖୁ ସେବନ ପରିମାଣ ହ୍ରାସ ପାଇବା ଦେଖାଯାଉଛି। ଏହି ସବୁ ସାମଗ୍ରୀ ଉପରେ ଟିକସ ପରିମାଣ ବଢ଼ାଇବା ପାଇଁ ଏହା ଉପଯୁକ୍ତ ସମୟ ଏବଂ ଜିଏସ୍‌ଟି ପରିଷଦ ଏହା ଉପରେ ଗୁରୁତ୍ୱ ଦେବା ଉଚିତ। ସେହିଭଳି ଗରିବଙ୍କ ପାଇଁ ବିଡ଼ି ଆରାମଦାୟକ ନୁହେଁ, ବରଂ ଘାତକ। ତେଣୁ ଏହା ଉପରେ ଅଧିକ ଟିକସ ବସାଇ ତାହାକୁ ଗରିବ ଲୋକଙ୍କଠାରୁ ଦୂରେଇ ଦେବା ଉଚିତ ବୋଲି ମ୍ୟାକ୍ସ ହେଲ୍‌ଥ କେୟାରର ସର୍ଜିକାଲ ଅଙ୍କୋଲୋଜିଷ୍ଟ ଡ. ହରିତ ଚତୁର୍ବେଦୀ କହିଛନ୍ତି।

### ଛାତ୍ରୀଛାତ୍ରଙ୍କ ମନରୁ ବାତ୍ୟା ଭୟ ଛଡ଼ାଇବା ପାଇଁ ଗଣଶିକ୍ଷା ବିଭାଗର ପ୍ରୟାସ

# ୨୮ରେ ସମସ୍ତ ବିଦ୍ୟାଳୟରେ ଅଭିଭାବକ-ଶିକ୍ଷକ ମିଳିତ ବୈଠକ

ଭୁବନେଶ୍ୱର,୧୯।୬(ବ୍ୟୁରୋ)

ରାଜ୍ୟରେ ଥିବା ବିଦ୍ୟାଳୟଗୁଡ଼ିକରେ ଆସନ୍ତା ୨୮ତାରିଖରେ ଅଭିଭାବକ ଓ ଶିକ୍ଷକଙ୍କ ମିଳିତ ବୈଠକ ଅନୁଷ୍ଠିତ ହେବ। ଏଥିରେ ବାତ୍ୟା ପରବର୍ତ୍ତୀ ଅବସ୍ଥାରେ ଛାତ୍ରୀଛାତ୍ରଙ୍କ ମନରୁ ଭୟ ଦୂର କରିବା ଏବଂ କିଭଳି ସେମାନେ ନିୟମିତ ବିଦ୍ୟାଳୟ ଆସି ପାଠପଢ଼ାରେ ଯୋଗଦେବେ, ତାହା ଆଲୋଚନା କରାଯିବ। ଛାତ୍ରୀଛାତ୍ର ବିଦ୍ୟାଳୟରେ ଉପଯୁକ୍ତ ଶୈକ୍ଷିକ ବାତାବରଣ ସୃଷ୍ଟି କରି ଗୁଣାତ୍ମକ ଶିକ୍ଷା ହାସଲ ଦିଗରେ ପ୍ରଚଳିତ ଅଭିନବ କାର୍ଯ୍ୟକ୍ରମ 'ଲର୍ନିଂ ଏନ୍‌ହାନ୍ସମେଣ୍ଟ ପ୍ରୋଗ୍ରାମ'ରେ ଶିକ୍ଷଣ ଦକ୍ଷତା ହାସଲ କରିବେ। ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷାଦାନକୁ ପ୍ରୋତ୍ସାହନ ଦେବା ପାଇଁ ଚଳିତ ଶିକ୍ଷାବର୍ଷରୁ 'ସ୍କୁଲ ସାର୍ଟିଫିକେଶନ' କାର୍ଯ୍ୟକ୍ରମ ଆରମ୍ଭ କରାଯିବାକୁ ସ୍ଥିର କରାଯାଇଛି। ଏହି ଯୋଜନାରେ ବିଦ୍ୟାଳୟଗୁଡ଼ିକ ଆବେଦନ କରିପାରିବେ। ଯେଉଁ ବିଦ୍ୟାଳୟଗୁଡ଼ିକ ନିଜ ଛାତ୍ରୀଛାତ୍ରଙ୍କ ଗୁଣାତ୍ମକ ଶିକ୍ଷା ଦିଗରେ ଉତ୍କୃଷ୍ଟ ପ୍ରଦର୍ଶନ କରିବେ, ସେମାନଙ୍କ ଦକ୍ଷତା ଯାଞ୍ଚ କରାଯିବ। ଏହାପରେ ଯୋଗ୍ୟ ବିବେଚିତ ବିଦ୍ୟାଳୟକୁ ବ୍ରୋଞ୍ଜ, ରୌପ୍ୟ ଓ ସ୍ୱର୍ଣ୍ଣ ପଦକ ଦିଆଯିବ ବୋଲି ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତି ପ୍ରକାଶ ଦାସ କହିଛନ୍ତି। ବୁଧବାର ଓପେପା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଏହି ନିଷ୍ପତ୍ତି ହୋଇଛି।

### ଓର୍‌ମାସ୍, ଓଡ଼ିଶା ଜୀବିକା ମିଶନର କାର୍ଯ୍ୟାବଳୀ ସମୀକ୍ଷା

# ବିଶ୍ୱ ବଜାରରେ ପହଞ୍ଚିବ ଗ୍ରାମୀଣ ଉତ୍ପାଦ

ଭୁବନେଶ୍ୱର,୧୯।୬(ବ୍ୟୁରୋ)

- ସମନ୍ୱିତ ବିକ୍ରୟ ଯୋଜନା ପାଇଁ ମନ୍ତ୍ରୀଙ୍କ ନିର୍ଦ୍ଦେଶ
- ଉତ୍ପାଦର ବ୍ରାଣ୍ଡିଂ ଓ ଗୁଣବତ୍ତା ବୃଦ୍ଧି ଉପରେ ଗୁରୁତ୍ୱ
- ଡାବର ଇଣ୍ଡିଆ, ମଦର ଡାଏରୀ ଭଳି ଅଧିକ କମ୍ପାନୀ ସହ ଅନୁବନ୍ଧନ ଲକ୍ଷ୍ୟ

ଓଡ଼ିଶାର ଗ୍ରାମୀଣ ଉତ୍ପାଦିତ ସାମଗ୍ରୀକୁ ବିଶ୍ୱ ବଜାରରେ ପହଞ୍ଚାଇବାକୁ ଉଦ୍ୟମ କରାଯିବ। ଗ୍ରାମୀଣ ଉତ୍ପାଦିତ ସାମଗ୍ରୀର ପର୍ଯ୍ୟାପ୍ତ ବଜାର ସମ୍ଭାବନା ଓ ସାମର୍ଥ୍ୟ ରହିଥିବା ବେଳେ ଏହାକୁ ଆଧାର କରି ଆଗାମୀ ଦିନରେ ଦେଶର ନାମୀଦାମୀ କମ୍ପାନୀ ତଥା ଉଦ୍ୟୋଗମାନଙ୍କ ସହ ଅନୁବନ୍ଧିତ କରାଯିବ। ଓଡ଼ିଶା ଗ୍ରାମୀଣ ବିକାଶ ଏବଂ ବିପଣନ ସଂସ୍ଥା (ଓର୍‌ମାସ୍) ଜରିଆରେ ଗ୍ରାମୀଣ ଉତ୍ପାଦକ ଓ କାରିଗରମାନଙ୍କ ଉତ୍ପାଦିତ ସାମଗ୍ରୀର ବିକ୍ରିବଟା ପାଇଁ ବ୍ୟବସ୍ଥା ହେବ। ଏହାଦ୍ୱାରା ସେମାନଙ୍କ ଉତ୍ପାଦନର ଗୁଣବତ୍ତା ସୁନିଶ୍ଚିତ କରାଯିବା ସହ ବ୍ରାଣ୍ଡିଂ ମାଧ୍ୟମରେ ଅଧିକ ମୂଲ୍ୟ ମିଳିପାରିବ। ଗ୍ରାମୀଣ ଉତ୍ପାଦକମାନଙ୍କ ଆର୍ଥିକ ବିକାଶର ମାର୍ଗ ସୁଦୃଢ଼ ହେବା ସହ ସେମାନେ ଅନ୍ତର୍ଜାତୀୟ ବଜାରରେ ମଧ୍ୟ ପହଞ୍ଚିପାରିବେ। ଏଥିନିମନ୍ତେ ଯଥାଶୀଘ୍ର ଏକ ସମନ୍ୱିତ ବିକ୍ରୟ ଯୋଜନା ପ୍ରସ୍ତୁତ କରିବାକୁ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ପ୍ରତାପ ଜେନା ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି।

ବୁଧବାର ପୂର୍ବାହ୍ନରେ ସଚିବାଳୟଠାରେ ଅନୁଷ୍ଠିତ ବୈଠକରେ ମନ୍ତ୍ରୀ ଜେନା ଓର୍‌ମାସ୍ ଏବଂ ଓଡ଼ିଶା ଜୀବିକା ମିଶନର କାର୍ଯ୍ୟାବଳୀ ସମୀକ୍ଷା କରି ଏହି ନିର୍ଦ୍ଦେଶ ଦେଇଛନ୍ତି। ଏହାମଧ୍ୟରେ ଡାବର ଇଣ୍ଡିଆ, ମଦର ଡାଏରୀ ଏବଂ ଆଇ.ଟି.ସି. ଭଳି ଦେଶର ଅଗ୍ରଣୀ କମ୍ପାନୀଗୁଡ଼ିକ ସହ ଓର୍‌ମାସ୍ ଅନୁବନ୍ଧିତ ହୋଇ ହଳଦୀ, ମହୁ, ଧୂପକାଠି ଭଳି ସାମଗ୍ରୀର ପ୍ୟାକେଜିଂ ଏବଂ ବିକ୍ରିବଟା ପାଇଁ ପଦକ୍ଷେପ ନେଇଛି। ସେହିଭଳି ଦୀନ୍‌ଦୟାଲ୍ ଉପାଧ୍ୟାୟ ଗ୍ରାମୀଣ କୌଶଲ୍ୟ ଯୋଜନା କାର୍ଯ୍ୟକ୍ରମକୁ କିଭଳି ଭଲ ଭାବେ କାର୍ଯ୍ୟକାରୀ କରାଯାଇପାରିବ, ତାହା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଏହାସହ ଓଡ଼ିଶା ଜୀବିକା ମିଶନର ବିଗତବର୍ଷର ସଫଳତା ଏବଂ ଚଳିତବର୍ଷର କାର୍ଯ୍ୟଖସଡ଼ା ସମ୍ପର୍କରେ ବୈଠକରେ ସମୀକ୍ଷା କରାଯାଇଥିଲା। ବିଗତ ଆର୍ଥିକବର୍ଷରେ ଓଡ଼ିଶା ଜୀବିକା ମିଶନ ପାଇଁ ୨୯୪କୋଟି ୬୩ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଥିବା ବେଳେ ୩୪୨କୋଟି ୫୧ଲକ୍ଷ ଟଙ୍କା ବ୍ୟୟ କରାଯାଇ ମିଶନ ଅଧୀନରେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯାଇଛି। ଚଳିତବର୍ଷ ମଧ୍ୟ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମସ୍ତ ଯୋଜନା ସମ୍ପନ୍ନ କରିବା ସହ କେନ୍ଦ୍ର ଅନୁଦାନ ବିନିଯୋଗ ପ୍ରମାଣ ପତ୍ର ଯଥା ସମୟରେ ଦାଖଲ କରିବାକୁ ମନ୍ତ୍ରୀ କହିଥିଲେ। ଏହି ବୈଠକରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପ୍ରମୁଖ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ, ଜାତୀୟ ଗ୍ରାମୀଣ ଜୀବିକା ମିଶନ ନିର୍ଦ୍ଦେଶକ ତଥା ଓର୍‌ମାସ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ସ୍ମୃତିରଞ୍ଜନ ପ୍ରଧାନ ଉପସ୍ଥିତ ଥିଲେ।









1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ରାଷ୍ଟ୍ରର ପ୍ରତ୍ୟେକ ବ୍ୟକ୍ତି ଶ୍ରଦ୍ଧା, ନିଷ୍ଠା ତଥା ଦୃଢ଼ ଆତ୍ମବିଶ୍ୱାସ ବଳରେ ରାଷ୍ଟ୍ରକୁ ନିଶ୍ଚୟ ସମୃଦ୍ଧ କରାଇପାରିବେ। -ମଦନମୋହନ ମାଲବ୍ୟ



## ସଂକ୍ଷେପରେ

### ଗାଡ଼ି ଧକ୍କାରେ ଯୁବକ ମୃତ

**ଫୁଲନଖରା,୧୯।୬(ଡି.ଏନ୍.ଏ.):** କଟକ ଗୋପାଳପୁର ନିକଟରେ ବୁଧବାର ବିଳମ୍ବିତ ରାତିରେ ଏକ ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଯୁବକଙ୍କ ମୁଣ୍ଡ ଉପରେ ଗାଡ଼ି ମାଡି ଯାଇଥିବାରୁ ପରିଚୟ ମିଳିପାରିନାହିଁ। ତେବେ ତାଙ୍କ ବୟସ ୩୦ରୁ ୩୫ ମଧ୍ୟରେ ହେବ ବୋଲି ଅନୁମାନ କରାଯାଉଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଦୁର୍ଘଟଣାଗ୍ରସ୍ତ ସ୍କୁଟି(ନଂ.ଓଆର୦୫-୫୧୮୭)କୁ ଥାନାକୁ ନେଇଛି। ମିଳିଥିବା ସୂଚନା ଅନୁଯାୟୀ, ଯୁବକ ଜଣଙ୍କ ସ୍କୁଟିରେ ଭୁବନେଶ୍ୱରରୁ କଟକ ଅଭିମୁଖେ ଯାଉଥିବାବେଳେ ଗୋପାଳପୁର ନିକଟ ଶନିମନ୍ଦିର ସମ୍ମୁଖରେ ଏକ ଟ୍ରକ୍ ତାଙ୍କୁ ପଛରୁ ଧକ୍କା ଦେଇଥିଲା। ସେ ଛିଟିକି ପଡିବାରୁ ତାଙ୍କ ମୁଣ୍ଡରେ ଟ୍ରକ୍ ଚକ ମାଡିଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି। ଦୁର୍ଘଟଣାପରେ ଟ୍ରକ୍ ଫେରାର ହୋଇଯାଇଛି।

ବ୍ଲକସ୍ତରୀୟ ମକ୍ଡ୍ରିଲକୁ ନେଇ ବିବାଦ

### ସ୍ଥାନ ପରିବର୍ତ୍ତନ ପାଇଁ ଦାବିପତ୍ର

**କଟକ ସଦର,୧୯।୬(ଡି.ଏନ୍.ଏ.):** କଟକ ସଦର ବ୍ଲକସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ଓ ମକ୍ଡ୍ରିଲ ଆୟୋଜନକୁ ନେଇ ବିବାଦ ଦେଖାଦେଇଛି। ପ୍ରତିବର୍ଷ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ମକ୍ଡ୍ରିଲ ଆୟୋଜନ କରାଯାଉଥିବାରୁ ଏହାର ପ୍ରତିବାଦରେ ବୁଧବାର କଟକ ଜିଲାପାଳ ଅରବିନ୍ଦ ଅଗ୍ରୱାଲଙ୍କୁ କିଶନ ନଗର ଜୋନ୍ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ପ୍ରତିବର୍ଷ ମକ୍ଡ୍ରିଲର ସ୍ଥାନ ପରିବର୍ତ୍ତନ ପାଇଁ ଉକ୍ତ ଦାବିପତ୍ରରେ ଜିଲାପାଳଙ୍କୁ ନିବେଦନ କରାଯାଇଛି। କାରଣ ଉକ୍ତ ବ୍ଲକରେ ଥିବା ୧୫ଟି ପଞ୍ଚାୟତର ଲୋକମାନେ ବନ୍ୟା, ବାତ୍ୟା ବେଳେ ଉଦ୍ଧାର ଓ ସହାୟତା ସମ୍ପର୍କରେ ଜାଣିବା ପାଇଁ ସୁଯୋଗ ପାଉନାହାନ୍ତି ବୋଲି ଧରିଣା ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ପ୍ରଶାନ୍ତ ପ୍ରଧାନ କହିଛନ୍ତି। କିଶନ ନଗର, କନ୍ଦରପୁର ଜିଲା ପରିଷଦ ଜୋନ୍‌ର ଯେକୌଣସି ସ୍ଥାନରେ ବ୍ଲକ ଓ ଜିଲା ପ୍ରଶାସନ ମକ୍ଡ୍ରିଲ ସହ ବିପର୍ଯ୍ୟୟ ମୁକାବିଲା ସଚେତନତା ଶିବିର ଆୟୋଜନ ପାଇଁ ଉକ୍ତ ଦାବିପତ୍ରରେ ଅନୁରୋଧ କରାଯାଇଛି। ପ୍ରତିବର୍ଷ ଅନ୍ୟ ବ୍ଲକର ଏକାଧିକ ସ୍ଥାନରେ ମକ୍ଡ୍ରିଲ ଆୟୋଜନ କରାଯାଉଥିବାବେଳେ କଟକ ସଦର ବ୍ଲକର ଗୋଟିଏ ସ୍ଥାନରେ ଏହା କରାଯାଉଛି। ଫଳରେ ଏହା ଅସନ୍ତୋଷ ଓ ବିବାଦର ମୁଖ୍ୟ କାରଣ ବୋଲି କୁହାଯାଉଛି। ଆସନ୍ତା ବର୍ଷରୁ ଏଥିପ୍ରତି ଦୃଷ୍ଟି ଦିଆଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିବା ପ୍ରଧାନ ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଛନ୍ତି।

### କୂଅରେ ପଡ଼ି ଜଣେ ମୃତ

**ମାହାଙ୍ଗା, ୧୯।୬(ସ୍ୱ.ପ୍ର.):** କୂଅରୁ ପଡିଯାଇଥିବା ସାମଗ୍ରୀ କାଢ଼ିବାକୁ ଯାଇ ଜଣେ ବ୍ୟକ୍ତିଙ୍କ ବୁଧବାର ମୃତ୍ୟୁ ଘଟିଛି। ସେ ହେଲେ ମାହାଙ୍ଗା ଥାନା ଅନ୍ତର୍ଗତ ଭଦ୍ରେଶ୍ୱର ଫାଣ୍ଡି ଅଧୀନ ହଳଦିଆ ଗ୍ରାମର କୃପାସିନ୍ଧୁ ସାହୁ(୫୦)। ଉକ୍ତ ଗ୍ରାମର ଉମେଶ ପ୍ରଧାନଙ୍କ ଏକ ବ୍ୟବହୃତ ସାମଗ୍ରୀ କୂଅରେ ପଡ଼ିଯାଇଥିଲା। ଏହାକୁ କାଢ଼ିବାକୁ କୃପାସିନ୍ଧୁ କୂଅରେ ପଶିଥିଲେ। ମାତ୍ର କୂଅ ଭିତରେ ସେ ଶ୍ୱାସରୁଦ୍ଧ ହୋଇ ଚେତାଶୂନ୍ୟ ହୋଇଯାଇଥିଲେ। ଖବରପାଇ ଗ୍ରାମବାସୀ ତାଙ୍କୁ କୂଅରୁ ଉଦ୍ଧାର କରିଥିଲେ। ମାତ୍ର ସେତେବେଳକୁ କୃପାସିନ୍ଧୁ ଙ୍କ ମୃତ୍ୟୁ ହୋଇସାରିଥିଲା।

### ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

**କଟକ ଅଫିସ, ୧୯।୬:** କଟକ କଲେଜ ଛକସ୍ଥିତ ସରସ୍ୱତୀ ଶିଶୁବିଦ୍ୟାମନ୍ଦିରରେ ବୁଧବାର ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଦଶମ ଶ୍ରେଣୀରେ ଏ୧ ଗ୍ରେଡ ହାସଲ କରିଥିବା ୮ଜଣ ମେଧାବୀ ଛାତ୍ରୀଛାତ୍ର ଓ ସେମାନଙ୍କର ମାତାପିତାଙ୍କୁ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ବ୍ରଜେନ୍ଦ୍ର କୁମାର ରାୟ, ସମ୍ପାଦକ ସୌମ୍ୟରଞ୍ଜନ ମିଶ୍ର, କୋଷାଧ୍ୟକ୍ଷ ବିଭୂଦେନ୍ଦ୍ର ମହାନ୍ତି ଓ ପ୍ରଧାନ ଆଚାର୍ଯ୍ୟ ଆନନ୍ଦ ଚନ୍ଦ୍ର ସାହୁ ଉପସ୍ଥିତ ପ୍ରମୁଖ ଉପସ୍ଥିତ ଥିଲେ।

### ଗ୍ରାମ ମୁରବିଙ୍କ ପରଲୋକ

**ଖୁଣ୍ଟୁଣୀ,୧୯।୬(ଡି.ଏନ୍.ଏ.):** ଗୁରୁଡିଝାଟିଆ ଥାନା ଅନ୍ତର୍ଗତ ବନ୍ଦାଳ ଗ୍ରାମର ମୁରବି ମେଘନାଦ ଭୂୟାଁ(୯୦)ଙ୍କ ବୁଧବାର ପରଲୋକ ଘଟିଛି। ମୃତ୍ୟୁ ଖବରପାଇ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନକୁ ଆସି ଶେଷ ଦର୍ଶନ କରିଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

■ ରଥଯାତ୍ରା ପାଇଁ ପ୍ରଶାସନିକ ପ୍ରସ୍ତୁତି

# ରାସ୍ତା, ଡ୍ରେନ ସମସ୍ୟା ସମାଧାନକୁ ଗୁରୁତ୍ୱ

**ବାଙ୍କୀ,୧୯।୬(ସ୍ୱ.ପ୍ର.)**



ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

ବାଙ୍କୀ, ଡମପଡ଼ା, ପଥୁରୀପଡା, ସୁବର୍ଣ୍ଣପୁର, ରଗଡି, ତୁଳସୀପୁରରେ ରଥ ଓ ବାହୁଡା ଯାତ୍ରା ନିମନ୍ତେ ବାଙ୍କୀ ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବାଙ୍କୀ ତହସିଲଦାର ପଦ୍ମଲୋଚନ ସାହୁଙ୍କ ଅଧ୍ୟକ୍ଷତାରେ ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏହି ବୈଠକ ଆୟୋଜନ କରାଯାଇଥିଲା। ଏଥିରେ ଜୁଲାଇ ୪ରେ ରଥ ଓ ୧୨ରେ ବାହୁଡା ଯାତ୍ରା ପାଇଁ ଅପରାହ୍ନ ୨ଟା ସୁଦ୍ଧା ହୋମ କାର୍ଯ୍ୟ ଓ ପହଣ୍ଡି ବିଜେ ଆଦି ଶେଷ କରାଯାଇ ରଥଟଣା ଆରମ୍ଭ ହେବ ବୋଲି ଆଲୋଚନା ହୋଇଥିଲା। ଅପରାହ୍ନ ୫ଟା ସୁଦ୍ଧା ଏହି କାର୍ଯ୍ୟ ସମାପନ କରିବା ଲାଗି ସ୍ଥିର କରାଯାଇଥିଲା। ରଥଯାତ୍ରା ନିମନ୍ତେ ବାଟରେ ଥିବା ଗଛ ଡାଳ କଟାଯିବା, ରାସ୍ତାକଡରେ ଗଦା ହୋଇଥିବା ବାଲିଗୋଡି ହଟାଇବା ଓ ଡ୍ରେନ ସମସ୍ୟାର ସମାଧାନ ପାଇଁ ନିଷ୍ପତ୍ତି ହୋଇଥିଲା। ଏନେଇ ବାଙ୍କୀ ପୂର୍ତ୍ତ ବିଭାଗ ଓ ଏନ୍‌ଏସିକୁ ନିର୍ଦ୍ଦେଶ ଦିଆଯାଇଛି। ଡମପଡ଼ା, ସୁବର୍ଣ୍ଣପୁର, ରଗଡି, ତୁଳସୀପୁର, ବରପୁଟଠାରେ ହେଉଥିବା ରଥଯାତ୍ରର ରଥଦାଣ୍ଡକୁ ରଥ ଯିବା ଉପଯୋଗୀ କରିବା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି। ରଥ ଯିବା ରାସ୍ତାରେ ଅପରାହ୍ନ ୨ଟାରୁ ବିଦ୍ୟୁତ୍ ତାର ବିଚ୍ଛିନ୍ନ ଏବଂ ରଥଟଣା ଶେଷ ହେବାପରେ ବିଦ୍ୟୁତ୍ ତାର ସଂଯୋଗ କରିବା ନିମନ୍ତେ ସେସୁ ଓ ଫେଡ୍‌କୋ ସହକାରୀ ଯନ୍ତ୍ରୀଙ୍କୁ ଅନୁରୋଧ କରାଯାଇଥିଲା। ରଥ ଟଣା ସମୟରେ ଟେଲିଫୋନ ତାର ଓ କେବୁଲ୍ ତାର କଟାଯାଇ ରଥ ଟଣା ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ଓ ରଥ ଟଣା ରାସ୍ତାକୁ ବ୍ଲିଚିଂ ପାଉଡର ପକାଇ ସଫା କରିବା ନିମନ୍ତେ ବାଙ୍କୀ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଜନସ୍ୱାସ୍ଥ୍ୟ ସହକାରୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କୌଣସି ପରିସ୍ଥିତିର ମୁକାବିଲା କରିବା ନିମନ୍ତେ ଏହି ସମୟରେ ବାଙ୍କୀ ଉପଖଣ୍ଡର ମୁଖ୍ୟ ଚିକିତ୍ସାଳୟ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରମାନେ ଚିକିତ୍ସାସେବା ଯୋଗାଇ ଦେବା ନିମନ୍ତେ ଉପଖଣ୍ଡ ଚିକିତ୍ସା ଅଧିକାରୀଙ୍କୁ କୁହାଯାଇଛି । ଆଇନ୍ ଶୃଙ୍ଖଳା ରକ୍ଷାପାଇଁ ଉପଖଣ୍ଡ ପୋଲିସ୍ ଅଧିକାରୀ, ବାଙ୍କୀ ଓ ବୈଦ୍ୟେଶ୍ୱର ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜଳସିଞ୍ଚନର ବ୍ୟବସ୍ଥା ପାଇଁ ଅଗ୍ନିଶମ ସେବା ସଂସ୍ଥା, ଜନସ୍ୱାସ୍ଥ୍ୟ ବିଭାଗକୁ କୁହାଯାଇଛି।

ସେହିପରି ସୁବର୍ଣ୍ଣପୁର ରଥ ଯାତ୍ରା ପାଇଁ ଅର୍ଥର ଅଭାବ ରହିଥିବା ନେଇ ବାଙ୍କୀ ଓକିଲ ସଂଘ ସମ୍ପାଦକ ବିଶ୍ୱରଞ୍ଜନ ପଣ୍ଡା ବୈଠକରେ କହିଥିଲେ। ପଥୁରୀପଡା ରଥ ଟଣା ସମୟରେ ହେଉଥିବା ସମସ୍ୟାର ସମଧାନ କରିବା ପାଇଁ ଶରତ ଚନ୍ଦ୍ର ତ୍ରିପାଠୀ ଓ ସଦାନନ୍ଦ ଦାସ୍ ପ୍ରସ୍ତାବ ଦେଇଥିଲେ। ରଥ ଯାତ୍ରାର ସୁପରିଚାଳନା ପାଇଁ ରଥ କମିଟିର କର୍ମକର୍ତ୍ତା ଓ ସଭ୍ୟମାନଙ୍କୁ ତହସିଲଦାର ଅନୁରୋଧ କରିଥିଲେ। ଏହି ବୈଠକରେ ବାଙ୍କୀ ବ୍ଲକ ବିଡିଓ ପ୍ରଭାତ କୁମାର ସାହୁ, ସହକାରୀ ଜିଲାପାଳ ଦେବଦତ୍ତ ଦାସ୍ , ଦେବେନ୍ଦ୍ର ନାଥ ଖଟୁଆ, ବିଜୟ କୁମାର ସାହୁ ଓ ଉପଖଣ୍ଡ ଚିକିତ୍ସା ଅଧିକାରୀ ଡାକ୍ତର ଧୂଳେଶ୍ୱର ପ୍ରଧାନ, ବାଙ୍କୀ କେନ୍ଦ୍ର ସମବାୟ ପ୍ରତିନିଧି ଅମରେଶ ଦାଶ, ବାଙ୍କୀ ରଥ କମିଟି ସଭାପତି ପ୍ରତାପ ଚନ୍ଦ୍ର ମହାପାତ୍ର, କାର୍ଯ୍ୟକାରୀ ସଭାପତି ଆଡ୍‌ଭୋକେଟ୍ ସନ୍ତୋଷ କୁମାର ରଣା ଓ ସମ୍ପାଦକ ଯୁଗୋଳ କିଶୋର ଭୂତ ପ୍ରମୁଖ ଯୋଗଦେଇଥିଲେ।

■ ବାତ୍ୟା କ୍ଷୟକ୍ଷତି ତଦନ୍ତରେ ଅନିୟମିତତା

## ଭାଜପା ପକ୍ଷରୁ ତହସିଲ କାର୍ଯ୍ୟାଳୟ ଘେରାଉ

**ନିଆଳି, ୧୯।୬(ଡି.ଏନ୍.ଏ.)**

ଫନୀ ପ୍ରଭାବରେ ନିଆଳି ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ହେଲେ ପ୍ରଶାସନ ପକ୍ଷରୁ ଏହାର ଉପଯୁକ୍ତ ତଦନ୍ତ କରା ନ ଯାଇ ରାଜନୈତିକ ପ୍ରଭାବ ଓ ଅର୍ଥ ଲାଳସାରେ ତଦନ୍ତ ପ୍ରକ୍ରିୟାରେ ଅନିୟମିତତା କରାଯାଇଥିବା ଭାଜପା ଅଭିଯୋଗ କରିଛି। ଭାଜପା ନେତା ଛବି ମଲ୍ଲିକଙ୍କ ନେତୃତ୍ୱରେ ରାଜ୍ୟ ଭାଜପା ପ୍ରଭାରୀ ନ୍ୟାୟବ୍ରତ ରାଉତ, ଭାଜପା ନେତା ଆର୍ତ୍ତତ୍ରାଣ ମଲ୍ଲିକ, ପ୍ରଭାତ ଭୂୟାଁ, ଅନୁ ମଲ୍ଲିକ, ଅମରେନ୍ଦ୍ର ସାହୁ, ତ୍ରିଲୋଚନ ବେହେରାଙ୍କ ସମେତ ବହୁ ସଂଖ୍ୟାରେ କ୍ଷତିଗ୍ରସ୍ତ ଲୋକେ ବୁଧବାର ପୂର୍ବାହ୍ନ ୧୧ଟାରୁ ସ୍ଥାନୀୟ ତହସିଲ କାର୍ଯ୍ୟାଳୟକୁ ଘେରାଉ କରିବା ସହ ଧାରଣା ଦେଇଥିଲେ। ଅଭିଯୋଗ ଅନୁଯାୟୀ, ତଦନ୍ତ ତାଲିକାରେ କୋଠାଘର ଥିବା ଓ ଆଦୌ ଘର ଭାଙ୍ଗି ନ ଥିବା ବ୍ୟକ୍ତିଙ୍କ ନାମ ଥିବା ବେଳେ ସମ୍ପୂର୍ଣ୍ଣ ଘର ଭାଙ୍ଗିଥିବା ବ୍ୟକ୍ତିଙ୍କ ନାଁ ନ ଥିବା ଜଣାପଡିଛି। ସେହିପରି ତାଲିକାରେ ପାନଚାଷ କରୁଥିବା ବ୍ୟକ୍ତିଙ୍କ ନାମ ନ ଥିବାବେଳେ ପାନଚାଷ ଜମା କରି ନ ଥିବା ବ୍ୟକ୍ତିମାନଙ୍କର ନାମ ଅନ୍ତର୍ଭୁକ୍ତ କରାଯାଇଛି। ଏଥିସହ ଚାଷ ଜମା କରି ନ ଥିବା ବ୍ୟକ୍ତିମାନଙ୍କ ନାମ ଉକ୍ତ ତାଲିକାରେ ଥିବାବେଳେ ଚାଷ କରୁଥିବା ଚାଷୀମାନଙ୍କର ନାମ ନ ଥିବା ବିଶେଷ ସୂତ୍ରରୁ ଜଣାପଡିଥିଲା। ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିବାବେଳେ ବହୁସଂଖ୍ୟାରେ କ୍ଷତିଗ୍ରସ୍ତ ଲୋକ ତହସିଲ ଘେରାଉ କରିଥିଲେ। ତହସିଲଦାର ରଞ୍ଜନ କୁମାର ଜେନା ଏ ସମ୍ପର୍କରେ ଜିଲାପାଳଙ୍କ ସହ ଆଲୋଚନା କରିଥିଲେ। ରାତି ୭ଟା ୩୦ ମିନିଟ୍‌ରେ ତହସିଲଦାର ଆନ୍ଦୋଳନକାରୀଙ୍କ ପାଖକୁ ଯାଇ ଆଲୋଚନା କରିବା ସହ ଆସନ୍ତା ୩ ଦିନ ଭିତରେ ତଦନ୍ତ କରାଯାଇଥିବା ତାଲିକା ପ୍ରତି ପଞ୍ଚାୟତ କାର୍ଯ୍ୟାଳୟରେ ଲଗାଯିବ। ଏହି ତାଲିକାରେ ଯଦି ପ୍ରକୃତ କ୍ଷତିଗ୍ରସ୍ତଙ୍କ ନାଁ ନ ଥିବ ତା’ହେଲେ ସେମାନେ ତହସିଲଦାରଙ୍କୁ ଜଣାଇବେ। ପରବର୍ତ୍ତୀ ସମୟରେ ଏହାର ତଦନ୍ତ କରାଯାଇ ସେମାନଙ୍କୁ ତାଲିକାରେ ଅନ୍ତର୍ଭୁକ୍ତ କରାଯିବ ବୋଲି ତହସିଲଦାର ପ୍ରତିଶ୍ରୁତି ଦେବା ପରେ ଘେରାଉ ପ୍ରତ୍ୟାହୃତ ହୋଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ କଟକ ସଦର ଏସ୍‌ଡିପିଓ ସୁବାସ ଚନ୍ଦ୍ର ପଣ୍ଡା, ନିଆଳି ଥାନା ଆଇଆଇସି ବିଜୟ କୁମାର ମଲ୍ଲିକ ଉପସ୍ଥିତ ଥିବାବେଳେ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା।

## ରୁଚିକବାସିନୀ ରଜ ମହୋତ୍ସବର ୫ମ ସନ୍ଧ୍ୟା



ରୁଚିକବାସିନୀ ରଜ ମହୋତ୍ସବର ୫ମ ସନ୍ଧ୍ୟାରେ ମଞ୍ଚାସୀନ ଅତିଥିବୃନ୍ଦ।

**ବାଙ୍କୀ,୧୭।୬ (ସ୍ୱ.ପ୍ର)**

ଓଡ଼ିଆ ସଂସ୍କୃତି ଜାଗରଣ ମଞ୍ଚ ଆନୁକୂଲ୍ୟରେ ରୁଚିକାହାଟ ପରିସରରେ ଆୟୋଜିତ ମା’ରୁଚିକବାସିନୀ ରଜ ଉତ୍ସବର ୫ସନ୍ଧ୍ୟା ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥିଭାବେ ସହକାରୀ ଜିଲାପାଳ ଦେବଦତ୍ତ ଦାସ ଯୋଗଦେଇ ରଜ ଏକ କୃଷିଭିତ୍ତିକ ପର୍ବ। ଏହାକୁ ଆବାଳ ବୃଦ୍ଧବନିତା ଉପଭୋଗ କରିଥାନ୍ତି ବୋଲି ସେ କହିଥିଲେ। ବାଙ୍କୀରେ ଏହି ପର୍ବ ନୂତନ ଆଲୋଡନ ସୃଷ୍ଟି କରିଛି। ଏଥିପାଇଁ ସେ ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ସାଧୁବାଦ ଜଣାଇଥିଲେ। ମୁଖ୍ୟବକ୍ତାଭାବେ ସଂସ୍କୃତି ପ୍ରେମୀ ଦାଶରଥୀ ସାମନ୍ତ ରାୟ ଯୋଗଦେଇ ରଜ ଉତ୍ସବର ଉତ୍ପତ୍ତି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥିଭାବେ ଡାକ୍ତର ଜଗଦୀଶ ପଣ୍ଡା, ଡାକ୍ତର କୈଳାସ ଚନ୍ଦ୍ର ରଥ,ଆଇନଜୀବୀ ପ୍ରକାଶ ଚନ୍ଦ୍ର ବେଉରା ଯୋଗ ଦେଇଥିଲେ। ପ୍ରୀତିଲତା ଗିରିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବରେ ୫୦ଟି ଷ୍ଟଲ ଖୋଲାଯାଇଥିଲା। ଏଥିରେ ଦୋଳି, ପୁଚି, ଝୋଟି ଚିତା, ହୁଳହୁଳି, ଶଙ୍ଖଫୁଙ୍କା ଓ ପୋଡପିଠା ପ୍ରସ୍ତୁତି ଆଦି ପ୍ରତିଯୋଗିତା ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ସଚ୍ଚିଦାନନ୍ଦ ସାମଲ ସଭାରେ ଅଧ୍ୟକ୍ଷତା କରିଥିଲେ। ଆଇନଜୀବୀ ସନ୍ତୋଷ କୁମାର ରଣା ଅତିଥି ପରିଚୟ ପ୍ରଦାନ କରିଥିଲେ । ଗୁରୁ ତ୍ରିବିକ୍ରମ ବେହେରା ଓ ସହଯୋଗୀମାନେ ଆବାହନ ସଂଗୀତ ଗାନ କରିଥିଲେ। ସମ୍ପାଦକ ଅଶୋକ କୁମାର ଗିରି ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବକୁ ସଫଳ କରିବାରେ ମନୋଜ କୁମାର ରାଉତ୍ , ପ୍ରଦୀପ କୁମାର ଜେନା, ମାୟାଧର ପ୍ରଧାନ, ସୁକାନ୍ତ ପ୍ରଧାନ, କିରଣବାଳା ମହାପାତ୍ର ଓ ନିରୁପମା ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

### ବାଦୀପାଲା ସୁବର୍ଣ୍ଣ ଜୟନ୍ତୀ ସମାରୋହ

**କଟକ ଅଫିସ, ୧୯।୬**

କଟକ ମହାନଗର ନିଗମ(ସିଏମ୍‌ସି) ୫୯ ନମ୍ବର ୱାର୍ଡ ଅନ୍ତର୍ଗତ ମୁଗଭଙ୍ଗା ଗ୍ରାମରେ ୫ ଦିନ ଧରି ଅନୁଷ୍ଠିତ ହୋଇଥିବା ବାଦିପାଲାର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦ୍‌ଯାପିତ ହୋଇଯାଇଛି। ନବକିଶୋର ଦଳାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଂସ୍କୃତିବିତ୍ ଡ. ରଜତ କର ମୁଖ୍ୟଅତିଥି, ଆଧ୍ୟାତ୍ମିକ ପତ୍ରିକା ‘ଦିବ୍ୟାଲୋକ ସନ୍ଧାନେ’ର ସମ୍ପାଦକ ତଥା ଗ୍ରନ୍ଥକାର ଇଂ. ସନ୍ନ୍ୟାସୀ ମୁଖ୍ୟବକ୍ତା, ଉତ୍କଳ ସାହିତ୍ୟ ସମାଜର ସମ୍ପାଦକ ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ, ଗାୟକ ଆହ୍ଲାଦ ସୁରେନ୍ଦ୍ର ନାଥ ଛୋଟରାୟ, ଯୁଧିଷ୍ଠିର ପରିଜା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ହେମନ୍ତ ଦଳାଇ ଅତିଥି ପରିଚୟ ପ୍ରଦାନ ଓ ଧଉଳି ବାବା ଧନ୍ୟବାଦ ଦେଇଥିଲେ। ଏହିଅବସରରେ ଦେଶାତ୍ମବୋଧକ ସଙ୍ଗୀତ ଗାନ କରାଯିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଅନୁଗୋଳର ଗାୟକ ଶିବପ୍ରସାଦ ଦ୍ୱିବେଦୀ ଏବଂ ଯାଜପୁରର ଗାୟକ ଦିଲ୍ଲୀପ କୁମାର ଦାଶ ଓ ସାଥି କଳାକାରମାନେ ପାଞ୍ଚଦିନ ଧରି ପାଲା ପରିବେଷଣ କରିଥିଲେ।

## ରାସ୍ତା ମରାମତି ଦାବିରେ ଧାରଣା

**ନିଆଳି, ୧୯।୬(ଡି.ଏନ୍.ଏ.)**

ନିଆଳି ହାଟ-ନରିଶୋ ରାସ୍ତା ମରାମତି ନେଇ ସାମାଜିକ କର୍ମୀ ଅକ୍ଷୟ ସେନାପତି ବୁଧବାର ସକାଳ ୭ଟାରୁ ନିଆଳି ହାଟ ନିକଟରେ ନୀରବ ଧାରଣାରେ ବସିଛନ୍ତି। ଏହାକୁ ସମର୍ଥନ କରି ଶତାଧିକ ଲୋକ ସାମିଲ୍ ହୋଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଏହି ରାସ୍ତାର ଅବସ୍ଥା ଦୀର୍ଘଦିନ ହେବ ଶୋଚନୀୟ ହୋଇପଡିଛି। ରାସ୍ତା ଉପରେ ଖରାଦିନେ ଡ୍ରେନ୍‌ପାଣି ଜମାହୋଇ ରହୁଛି। ଏହି ପାଣିରେ ପଶି ହିନ୍ଦୁ ଓ ମୁସ୍‌ଲିମ୍ ସମ୍ପ୍ରଦାୟର ଲୋକମାନେ ଶୋଭନେଶ୍ୱର ମନ୍ଦିର, ଜୁମା ମସ୍‌ଜିଦ୍ ସମେତ ଅନେକ ସ୍ଥାନକୁ ଯାଇଥାନ୍ତି। ସେହିପରି ନରିଶୋ, ହାଟସାହି, ବଜାରସାହି ଓ ହାଟକୁ ଆସୁଥିବା ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ଜନସାଧାରଣଙ୍କ ପକ୍ଷରୁ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ। ଏହାର ପ୍ରତିବାଦରେ ଅକ୍ଷୟ ଧାରଣାରେ ବସିଥିବାବେଳେ ତାଙ୍କୁ ନରିଶୋ ପଞ୍ଚାୟତବାସୀ, ନିଆଳିର ଜନସାଧାରଣ, ନିଆଳି ସାମ୍ବାଦିକ ସଂଘ, ଓକିଲ ସଂଘ, ନିଆଳି ବଜାର କମିଟି ସଦସ୍ୟ ସମର୍ଥନ ଜଣାଇଛନ୍ତି। ଯଦି ଯୁଦ୍ଧକାଳୀନ ଭିତ୍ତିରେ ଉକ୍ତ ରାସ୍ତାକୁ ମରାମତି ନ କରାଯାଏ ତା’ ହେଲେ ଆଗାମୀ ଦିନରେ ଏହି ଆନ୍ଦୋଳନ ଉଗ୍ରରୂପ ନେବ ବୋଲି ସାମାଜିକ କର୍ମୀ ରାଜେନ୍ଦ୍ର ପ୍ରସାଦ ସାହୁ, ବାଲିପାଟଣା ବ୍ଲକ ଉପାଧ୍ୟକ୍ଷ କୈଳାସ ଚନ୍ଦ୍ର ସ୍ୱାଇଁ, ପୂର୍ବତନ ସରପଞ୍ଚ ପବିତ୍ର ପଟେଲ, ରାଜେନ୍ଦ୍ର ଦେଶୀଚାଷ ଗବେଷଣା କେନ୍ଦ୍ରର ପରିଚାଳକ ଯୁବରାଜ ସ୍ୱାଇଁ, ମୋହନ ଦାସ, ସୁନୀଲ କୁମାର ସାହୁ ଓ ଅଭୟ ସାହୁ ପ୍ରମୁଖ ଚେତାବନୀ ଦେଇଛନ୍ତି।



ରାସ୍ତା ମରାମତି ଦାବିରେ ଧାରଣା ଦିଆଯାଇଛି।

# ବିପର୍ଯ୍ୟୟ ପ୍ରଶମନ କୌଶଳ ଶିଖିଲେ ଗ୍ରାମବାସୀ

**ନିଶ୍ଚିନ୍ତକୋଇଲି,୧୯।୬(ସ୍ୱ.ପ୍ର.)**



ଆଠଗଡ଼ ପାଟେଣି ଗାଁସ୍ଥିତ ବହୁମୁଖୀ ଆଶ୍ରୟସ୍ଥଳୀରେ ଆୟୋଜିତ ପ୍ରଶିକ୍ଷଣ ଶିବିର।



ଟିଗିରିଆରେ ଅଗ୍ନିଶମ ବିଭାଗ ପକ୍ଷରୁ କୌଶଳ ପ୍ରଦର୍ଶନ କରାଯାଉଛି।

ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ଦାଉଦପୁର, ନଗସପୁର ଓ ଶିର୍ଲୋ ପଞ୍ଚାୟତରେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପ୍ରଶିକ୍ଷଣ ଶିବିର ବୁଧବାର ଅନୁଷ୍ଠିତ ହୋଇଛି। ଦାଉଦପୁର ପଞ୍ଚାୟତ ନଇଗୁଆଁ-ଦାଉଦପୁର ଉଚ୍ଚ ବିଦ୍ୟାଳୟରେ ପୂର୍ବତନ ସରପଞ୍ଚ ଦିବାକର ସାହୁଙ୍କ ସଭାପତିତ୍ୱରେ ଶିବିର ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ନିଶ୍ଚିନ୍ତକୋଇଲି ମଣ୍ଡଳ ଉନ୍ନୟନ ଅଧିକାରୀ ସୁରେଶ ଚନ୍ଦ୍ର ପ୍ରଧାନ ଯୋଗଦେଇ ପ୍ରାକୃତିକ ବିପର୍ଯ୍ୟୟ ସମୟରେ କିପରି ସତର୍କ ରହିବା ସେ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତାଭାବେ ନିଶ୍ଚିନ୍ତକୋଇଲି ତହସିଲଦାର ଜିତେନ୍ଦ୍ର ପାତ୍ର, ସମ୍ମାନିତ ଅତିଥିଭାବେ ପୂର୍ବତନ ଜିଲା ପରିଷଦ ସଭ୍ୟ ହିମାଂଶୁ ମହାନ୍ତି, ଜିଲାପରିଷଦ ପ୍ରତିନିଧି ବ୍ରଜମୋହନ ପଣ୍ଡା, ସମାଜ ସୁରକ୍ଷା ଅଧିକାରୀ ସର୍ବେଶ୍ୱର ସିଂ ଓ ହେମନ୍ତ ମହାନ୍ତି ଯୋଗଦେଇଥିଲେ। ଅଗ୍ନିଶମ ବିଭାଗ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପଣ୍ଡା ଯୋଗଦେଇ ବିପର୍ଯ୍ୟୟ ସମୟରେ ଗାଁ ଗଣ୍ଡାରୁ ମିଳୁଥିବା ସୁଖିଲା ନଡିଆ, ପ୍ଲାଷ୍ଟିକ ବୋତଲ ଓ ଦଉଡି କିପରି ବ୍ୟବହାର କରାଯାଇପାରିବ ସେସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଆୟୁଷ ଡା. ଜାପାନୀ ମହାପାତ୍ର ଯୋଗଦେଇଥିଲେ। ସେହିଭଳି ନଗସପୁର ପଞ୍ଚାୟତରେ ସରପଞ୍ଚ ହିମାଂଶୁ ଭୂୟାଁଙ୍କ ସଭାପତିତ୍ୱରେ ଯନ୍ତ୍ରୀ ସତ୍ୟରଞ୍ଜନ ପଣ୍ଡା ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରସନ୍ନ ସାହୁ ପ୍ରମୁଖ ଯୋଗଦେଇଥିଲେ। ଶିର୍ଲୋ ପଞ୍ଚାୟତରେ ଏବିଡିଓ ସୁଶାନ୍ତ ରଣା ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିରାର୍ଥୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ।

**ଟିଗିରିଆ,(ଡି.ଏନ୍.ଏ.)-** ଟିଗିରିଆ ବ୍ଲକରେ ବିପର୍ଯ୍ୟୟ ପରିଚାଳନା ପାଇଁ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀଗୁଡିକରେ ମକ୍ଡ୍ରିଲ ଅନୁଷ୍ଠିତ ହୋଇଛି। ଅଗ୍ନିଶମ ସେବା ସଂସ୍ଥା ପକ୍ଷରୁ କାର୍ଯ୍ୟକ୍ରମ ବ୍ଲକ ଅନ୍ତର୍ଗତ ବଉଳାଙ୍ଗ, ହାଟମାଳ ଏବଂ ଗଦାଧରପୁରରେ ଥିବା ବାତ୍ୟା ଆଶ୍ରୟସ୍ଥଳୀରେ ଆୟୋଜନ କରାଯାଇଥିଲା। ଦମକଳ କେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଭୀମସେନ ବରାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅଗ୍ନିଶମ କର୍ମଚାରୀମାନେ ବିପର୍ଯ୍ୟୟ ସମୟର ବିଭିନ୍ନ କୌଶଳ ଲୋକଙ୍କୁ ଦେଖାଇଥିଲେ। ଗଦାଧରପୁରରେ ଆଶ୍ରୟସ୍ଥଳ ପରିଚାଳନା କମିଟି ସମ୍ପାଦକ ସୁରେନ୍ଦ୍ର ସ୍ୱାଇଁ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସୀତାକାନ୍ତ ଅତିବୁଦ୍ଧି, କନିଷ୍ଠ ଯନ୍ତ୍ରୀ ପ୍ରଭାତ ପଣ୍ଡା ଓ ମିହିର ସେଠୀ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ହାଟମାଳ ଆଶ୍ରୟସ୍ଥଳରେ ସଭାପତି ପ୍ରସନ୍ନ ଭୋଇ ଏବଂ ସମ୍ପାଦକ ବ୍ରଜବନ୍ଧୁ ପଣ୍ଡାଙ୍କ ଉପସ୍ଥିତିରେ ମକ୍ଡ୍ରିଲ କାର୍ଯ୍ୟକ୍ରମ ହୋଇଥିଲା।

**ଆଠଗଡ, (ସ୍ୱ.ପ୍ର)-** ଆଠଗଡ ପଞ୍ଚାୟତ ସମିତି ପକ୍ଷରୁ ବିଭିନ୍ନ ଗ୍ରାମରେ ବିପର୍ଯ୍ୟୟ ପ୍ରଶମନ ଶିବିର ଅନୁଷ୍ଠିତ ହୋଇଛି । ବିଡିଓ ଅଜାମ୍ବର ମହାନ୍ତି ଉଦ୍‌ଘାଟନ କରିଥିବା ବେଳେ ଆଠଗଡ ଅଗ୍ନିଶମ ସେବା ସଂସ୍ଥା ଅଧିକାରୀ ରବୀନ ସୋରେନ୍ ପରିଚାଳନା କରିଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ଗଗନ ବିହାରୀ ଷଡ଼ଙ୍ଗୀ ଶିବିର ପରିଚାଳନାରେ ସହାୟତା କରିଥିଲେ।

**ବଡ଼ମ୍ବା(ଡି.ଏନ୍.ଏ.)-** ବଡ଼ମ୍ବା ବ୍ଲକ ଶଙ୍ଖାମେରୀ ଗ୍ରାମସ୍ଥିତ ବହୁମୁଖୀ ଆଶ୍ରୟସ୍ଥଳୀରେ ବାତ୍ୟା ବନ୍ୟା ମୁକାବିଲା ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲା ଓସ୍‌ଡ଼ମା ଓ ପ୍ରଶାସନର ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବଡ଼ମ୍ବା ବିଡିଓ ସଦାନନ୍ଦ ସେଠୀ ପୌରୋହିତ୍ୟ କରିଥିଲେ। ଏଥିରେ ଓସ୍‌ଡ଼ମାର ରାଜ୍ୟ ପ୍ରକଳ୍ପ ଅଧିକାରୀ ମେଘନାଦ ବେହେରା, ଫକୀର ସେଠୀ, ନାରାୟଣ ବାସ୍‌ରା, ଅଜୟ ନାୟକ, ତ୍ରିଲୋଚନ ପଣ୍ଡା, ତ୍ରିଲୋଚନ ମହାରଣା ଯୋଗଦେଇ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିଶିରା ମହାନ୍ତି, ଅନସୂୟା ଭଞ୍ଜ, ଗୋବର୍ଦ୍ଧନ ସାମନ୍ତରାୟ ପ୍ରମୁଖ ଉପସ୍ଥିତଥିଲେ। ବାତ୍ୟା ଆଶ୍ରୟସ୍ଥଳୀ ପରିଚାଳନା କମିଟି ସଂପାଦକ ଭିକାରୀ ପାଣି କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ଅନ୍ୟ ସଦସ୍ୟ ସହଯୋଗ କରିଥିଲେ। ସେହିପରି ବ୍ଲକ୍ ଅନ୍ତର୍ଗତ ଗୋପୀନାଥପୁର ଓ ବାଙ୍ଗରସିଂହାସ୍ଥିତ ବାତ୍ୟା ଆଶ୍ରୟସ୍ଥଳୀରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

**ଚୌଦ୍ୱାର/କଟକ ସଦର, (ଡି.ଏନ୍.ଏ.)-** ଟାଙ୍ଗୀ-ଚୌଦ୍ୱାର ବ୍ଲକ କୟଳପଡ଼ା ପଞ୍ଚାୟତରେ ଥିବା ବହୁମୁଖୀ ଆଶ୍ରୟସ୍ଥଳି ପରିସରରେ ବୁଧବାର ପ୍ରକୃତିକ ବିପର୍ଯ୍ୟୟ ପ୍ରଶମନ ମକ୍ଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ରଶ୍ମିରଞ୍ଜନ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଚୌଦ୍ୱାର ଦମକଳ କେନ୍ଦ୍ରର ରଞ୍ଜିତ ବଡୁ ଓ ସହଯୋଗୀମାନେ ଯୋଗଦେଇ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସାବଧାନତା ଅବଲମ୍ବନ କରିବା ଉପାୟ ସମ୍ପର୍କରେ ତାଲିମ ଦେଇଥିଲେ। ଏଥି ସହିତ ଘରୋଇ ଗ୍ୟାସ୍ ବ୍ୟବହାରର ସୁରକ୍ଷା ସମ୍ପର୍କରେ ମହିଳାମାନଙ୍କୁ ତାଲିମ ଦିଆଯାଇଥିଲା। ଜିପିଓ ଶ୍ରୀକାନ୍ତ ମହାନ୍ତି, ଆରଆଇ କୁମୁଦିନ ଜେନା, ସାମାଜିକ କର୍ମୀ ପ୍ରୀତିରଞ୍ଜନ ବେହେରା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଶିଶିର ରାଉତ ସ୍ୱାଗତ ଭାଷଣ ଦେଇଥିବା ବେଳେ ସୁରେଶ ଚନ୍ଦ୍ର ମହନ୍ତ ଧନ୍ୟବାଦ ଦେଇଥିଲେ। ନିରଞ୍ଜନ ପଣ୍ଡା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

ସେହିପରି ଝାରକଟା ପ୍ରାଥମିକ ବିଦ୍ୟାଳୟ ପରିସରରେ ଥିବା ବାତ୍ୟା ଆଶ୍ରୟସ୍ଥଳରେ ମକଡ୍ରିଲ ଅନୁଷ୍ଠିତ ହୋଇଥିଲା। ଅଗ୍ନିଶମ କର୍ମଚାରୀମାନେ ସ୍ୱେଚ୍ଛାସେବୀମାନଙ୍କୁ ବିପର୍ଯ୍ୟୟ ବେଳେ ବିପନ୍ନଙ୍କୁ ଉଦ୍ଧାର କରିବା ସହ ପ୍ରାଥମିକ ଚିକିତ୍ସା ସମ୍ପର୍କରେ ତାଲିମ ଦେଇଥିଲେ। ଏଥିରେ କଟକ ସଦର ବିଡିଓଙ୍କ ପ୍ରତିନିଧି ପଲ୍ଲବୀ ରାଉତ, ସ୍ୱାସ୍ଥ୍ୟ ଅଧିକାରୀ ସୁଭାଶିଷ ଶତପଥୀ, ରାଜସ୍ୱ, ଶିକ୍ଷା ବିଭାଗର ପଦାଧିକାରୀମାନେ ଯୋଗଦେଇଥିଲେ। ଝାରକଟା ପଞ୍ଚାୟତ ସରପଞ୍ଚ ବୈଜୟନ୍ତୀ ବେହେରା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସେହପିରି ନିଶ୍ଚିନ୍ତକୋଇଲି ବ୍ଲକ ଶୀର୍ଲୋ ପଞ୍ଚାୟତର ବ୍ରାହ୍ମଣଖଣ୍ଡ ଠାରେ ମକ୍ଡ୍ରିଲ ହୋଇଥିଲା। ଏଥିରେ କିଶନନଗର ତହସିଲ ଷ୍ଟାଫ, ସରପଞ୍ଚ ମୀନକେତନ ବଡ୍ରିଆ, ନିଶ୍ଚିନ୍ତକୋଇଲି ବ୍ଲକ ଅତିରିକ୍ତ ବିଡିଓ ସୁଶାନ୍ତ କୁମାର ରଣା, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଧନେଶ୍ୱର ସାହୁ ପ୍ରମୁଖ ବିପର୍ଯ୍ୟୟ ମୁକାବିଲା ସମ୍ପର୍କରେ ବୁଝାଇଥିଲେ। ଶେଷରେ ଅଗ୍ନିଶମ କର୍ମଚାରୀ ମକ୍ଡ୍ରିଲ କରିଥିଲେ।



ରାଷ୍ଟ୍ରର ପ୍ରତ୍ୟେକ ବ୍ୟକ୍ତି ଶ୍ରଦ୍ଧା, ନିଷ୍ଠା ତଥା ଦୃଢ଼ ଆତ୍ମବିଶ୍ୱାସ ବଳରେ ରାଷ୍ଟ୍ରକୁ ନିଶ୍ଚୟ ସମୁନ୍ନତ କରାଇପାରିବେ। -ମଦନମୋହନ ମାଲବ୍ୟ



## ସଂକ୍ଷେପରେ

### ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀଙ୍କ ସୂର୍ଯ୍ୟ ମନ୍ଦିର ପରିଦର୍ଶନ



**କୋଣାର୍କ,୧୯।୬(ଡି.ଏନ୍.ଏ.):** ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ବୁଧବାର ଅପରାହ୍ନରେ କୋଣାର୍କ ସୂର୍ଯ୍ୟ ମନ୍ଦିର ପରିଦର୍ଶନ କରିଛନ୍ତି। ମନ୍ତ୍ରୀ ପାଣିଗ୍ରାହୀ କୋଣାର୍କ ଯାତ୍ରିନିବାସଠାରେ ପହଞ୍ଚିବା ପରେ କୋଣାର୍କ ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ପରେ ମନ୍ତ୍ରୀ ପାଣିଗ୍ରାହୀ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିଥିଲେ। ସରକାରୀ ସ୍ୱିକୃତିପ୍ରାପ୍ତ ଗାଇଡ୍ ସୂର୍ଯ୍ୟମଣି ମଲ୍ଲ ମନ୍ତ୍ରୀଙ୍କୁ ସୂର୍ଯ୍ୟମନ୍ଦିରର ଐତିହ୍ୟ, ସଂସ୍କୃତି ଓ କିମ୍ବଦନ୍ତି ସମ୍ବନ୍ଧରେ ଅବଗତ କରାଇଥିଲେ। ଏହି ଗସ୍ତ ସମୟରେ କୋଣାର୍କ ପର୍ଯ୍ୟଟନ ଅଧିକାରୀ ପ୍ରଧାନ, କୋଣାର୍କ ଥାନା ଏଏସଆଇ ଶ୍ରୀଧର ମଲ୍ଲିକ ଉପସ୍ଥିତ ଥିଲେ। ଏହି ଗସ୍ତ ସମୟରେ କୋଣାର୍କ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିଲା।

### ବିଲ୍ଡରଙ୍କୁ ଦାଦାବଟି ମାଗି ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୧୯।୬(ବ୍ୟୁରୋ)-** ଇନ୍‌ଫୋସିଟି ଥାନା ଅଞ୍ଚଳରେ ଜଣେ ବିଲ୍ଡରଙ୍କୁ ଦାଦାବଟି ମାଗିବା ଅଭିଯୋଗରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଜଟଣୀ ଥାନା ମଦନପୁର ଅଞ୍ଚଳର ଟିକେନ୍ଦ୍ର ରଣସିଂ ଓରଫ ଟିକିନା। ସୂଚନା ଅନୁଯାୟୀ, ଜଟଣୀରେ ଥିବା ଜଗନ୍ନାଥ ପ୍ରମୋଟର ଡେଭଲପର୍ସ ପ୍ରା.ଲି. ସଂସ୍ଥାର ମାଲିକ ପ୍ରଦୀପ୍ତ କୁମାର ବିଶ୍ୱାସରାୟଙ୍କ ସେଠାରେ ଏକ ପ୍ରୋଜେକ୍ଟ ଚାଲିଛି। ଏପ୍ରିଲରେ ଟିକିନା ପ୍ରଦୀପ୍ତଙ୍କୁ ଧମକଚମକ ଦେବା ସହ ମୋଟା ଅଙ୍କର ଟଙ୍କା ମାଗିଥିଲେ। ଏଥିସହ ପ୍ରଦୀପ୍ତଙ୍କ ଶିଶୁବିହାରସ୍ଥିତ ଅଫିସକୁ ଆସି ଟଙ୍କା ନ ଦେଲେ କାମର ୫୦ପ୍ରତିଶତ ଲାଭ ଦେବାକୁ କହିଥିଲେ। ନଚେତ ଜୀବନରେ ମାରିଦେବାକୁ ଧମକ ଦେଉଥିଲେ। ଏ ନେଇ ପ୍ରଦୀପ୍ତ ଏପ୍ରିଲ ୨୪ରେ ଇନଫୋସିଟି ଥାନାରେ ଅଭିଯୋଗ କରିବା ପରେ ପୋଲିସ ୮୪/୧୯ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଟିକିନା ମଦନପୁରରେ ଥିବାଜାଣି ପୋଲିସ ବୁଧବାର ଚଢ଼ାଉ କରି ଗିରଫ କରିଥିଲା।

### ଶିଳ୍ପପତିଙ୍କ ପରଲୋକ

**ବୋଲଗଡ଼,୧୯।୬(ଡି.ଏନ.ଏ.)-** ବୋଲଗଡ଼ ବ୍ଲକ ବଡ଼କୁମାରୀ ପଞ୍ଚାୟତ ରାଜସୁନାଖଳା ଅନ୍ତର୍ଗତ କାଉଁରୀପାଟଣା ଗ୍ରାମର ଶିଳ୍ପପତି ରାମଚନ୍ଦ୍ର ସୁବୁଦ୍ଧି (୭୨)ଙ୍କର ବୁଧବାର ହୃଦ୍‌ଘାତରେ ପରଲୋକ ଘଟିଛି । ସେ ଜିଲା ପରିଷଦ ସଭ୍ୟା ତିଲୋତ୍ତମା ସୁବୁଦ୍ଧିଙ୍କ ସ୍ୱାମୀ। ସ୍ୱର୍ଗତ ସୁବୁଦ୍ଧିଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କର ଶେଷ ଦର୍ଶନ ପାଇଁ ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ, ଚିଲିକା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ବ୍ଲକ ଅଧ୍ୟକ୍ଷ ଗୋପାଳ ଚରଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ ଯୁବ ବିଜେଡି ସଭାପତି ତଥା ତାଙ୍କ ବଡ଼ ପୁଅ ରବୀନ୍ଦ୍ର କୁମାର ମୁଖାର୍ଜି ଦେଇଥିବାବେଳେ ଅନ୍ୟ ୨ ପୁତ୍ର ସୁରେନ୍ଦ୍ର କୁମାର, ଶୁଭେନ୍ଦୁ କୁମାର ମଧ୍ୟ ଉପସ୍ଥିତ ଥିଲେ।

■ ଜିଲାପାଳଙ୍କୁ ଭେଟିଲେ କୃଷ୍ଣଶରଣପୁର କ୍ଷତିଗ୍ରସ୍ତ

# ଜମି ଅଧିଗ୍ରହଣ ପରେ ବାସହରା ପ୍ରତାରିତ

**ଖୋର୍ଦ୍ଧା ଅଫିସ,୧୯।୬**

**୬ ଦଫା ଦାବି ନେଇ ସ୍ମାରକପତ୍ର ପ୍ରଦାନ**

ଖୋର୍ଦ୍ଧା–ବଲାଙ୍ଗୀର ରେଳପଥ ଉଦ୍ଦେଶ୍ୟରେ ଜମି ଅଧିଗ୍ରହଣ ପରେ ବାସହରା ହୋଇଥିବା ବୋଲଗଡ ବ୍ଲକ ସାନପଦର କୃଷ୍ଣଶରଣପୁରର ୨୮ କ୍ଷତିଗ୍ରସ୍ତ ପରିବାରର ଦୁଃଖ କେହି ବୁଝୁ ନ ଥିବା ଅଭିଯୋଗ ହୋଇଆସୁଛି। ବାସହୀନଙ୍କୁ ଘର, ଭୂମିହୀନଙ୍କୁ ଭୂମି ଯୋଗାଇବାର ନାରା ଦେଉଥିବା ସରକାର କୃଷ୍ଣଶରଣପୁର କ୍ଷତିଗ୍ରସ୍ତଙ୍କୁ ପ୍ରତାରିତ କରୁଥିବା ଅଭିଯୋଗ ହେଉଛି। ସ୍ଥାନୀୟ କର୍ମଚାରୀଙ୍କୁ ବାଦ୍ ଦେଇ ସ୍ୱତନ୍ତ୍ର ଟିମ୍ ଦ୍ୱାରା ପୁଣି ମାପ ଓ ମୂଲ୍ୟାୟନ ବ୍ୟବସ୍ଥା, ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ରେଳ ଓଭରବ୍ରିଜ ନିର୍ମାଣ ବନ୍ଦ, ବାରମ୍ବାର ପ୍ରତାରିତ ଓ ମିଥ୍ୟା ରିପୋର୍ଟ ପ୍ରସ୍ତୁତ କରିଥିବା ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ସରକାରୀ ଘର ଓ ପଟ୍ଟା ପାଇଁ ଆବେଦନକାରୀଙ୍କୁ ତ୍ୱରିତ ସେବାର ବ୍ୟବସ୍ଥା, ଜମି ଅଧିଗ୍ରହଣ ଅନିୟମିତତାର ସିବିଆଇ ତଦନ୍ତ ଦାବି ନେଇ ଜିଲାପାଳଙ୍କୁ ବୁଧବାର ସ୍ମାରକପତ୍ର ଦିଆଯାଇଛି।

ଅଭିଯୋଗ ଅନୁସାରେ, ଖୋର୍ଦ୍ଧା ବଲାଙ୍ଗୀର ରେଳପଥ ନିର୍ମାଣ ଯୋଗୁ ଜମି ଅଧିଗ୍ରହଣ ହୋଇଥିଲା। ଏଥିଯୋଗୁ ସାନପଦର ଗ୍ରାମରେ ଅନେକ ପରିବାର ବାସ ଗୃହ ହରାଇଲେ। ତେବେ ବାସଗୃହ ହରାଇଥିବା ୨୮ ପରିବାରଙ୍କୁ ଜିଲା ପ୍ରଶାସନ କମ କ୍ଷତିପୂରଣ ଦେଇ ପାତରଅନ୍ତର କରିଛି। କେତେଜଣ ବାସହରାଙ୍କୁ ଆଦୌ କ୍ଷତିପୂରଣ ମିଳିନାହିଁ। ରେଳ ବିଭାଗ, ରାଜସ୍ୱ କର୍ମଚାରୀ ଏବଂ ଯନ୍ତ୍ରୀମାନଙ୍କ କ୍ଷତିପୂରଣ ମୂଲ୍ୟାୟନ କରିବାରେ ଚଞ୍ଚକତା କାରଣରୁ ଏଭଳି ସମସ୍ୟା ଉପୁଜୁଛି ବୋଲି ବାସହରାମାନେ ଅଭିଯୋଗ କରିଛନ୍ତି। ଥିଲାବାଲାଙ୍କଠାରୁ ଟଙ୍କା ଆଦାୟ କରି ଅଧିକ କ୍ଷତିପୂରଣ କରାଇଥିଲେ। ଜମି ଅଧିଗ୍ରହଣ ପାଇଁ ଜମି ଚିହ୍ନଟ ପରେ କେତେଜଣ ଲୋକ ତରବରିଆ ଭାବେ ଚାଷ ଜମିରେ ନିମ୍ନମାନର କୋଠା ଘର ନିର୍ମାଣ କରି ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ନେଇଛନ୍ତି। ରାତାରାତି ଗଛ ଲଗାଇ ଲକ୍ଷାଧିକ ଟଙ୍କା କ୍ଷତିପୂରଣ ପାଇଛନ୍ତି। ମାଟି ଘରକୁ କୋଠାଘର, ଘର ଭାଙ୍ଗି ନ ଥିବା ଓ ଆଦୌ କ୍ଷତିଗ୍ରସ୍ତ ହୋଇ ନ ଥିବା ଲୋକ ମଧ୍ୟ କ୍ଷତିପୂରଣ ପାଇଲେ। ତେବେ ହାତଗୁଞ୍ଜା ନ ଦେବାରୁ ଚଞ୍ଚକତା ଓ ଜୋରଜବରଦସ୍ତ ଦସ୍ତଖତ ନେଇ ୫୦ ହଜାର ଟଙ୍କାରୁ ଅତିବେଶିରେ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କ୍ଷତିପୂରଣ ଦେଇଛନ୍ତି। ଅଭିଯୋଗ ପରେ ତତ୍କାଳୀନ ଜିଲାପାଳ ରୂପା ରୋଶନ ସାହୁ, ତଦନ୍ତ କରାଇ ସତ୍ୟତା ଅନୁଭବ କରିବା ପରେ ସରକାରଙ୍କୁ ଜିଲାପାଳଙ୍କର ପତ୍ର ସଂଖ୍ୟା ନଂ. ୮୦୭ /୪। ୭।୨୦୧୭ରେ ଜଣାଇଥିଲେ। ରୂପା ରୋଶନ ସାହୁଙ୍କ ବଦଳି ପରେ ପରବର୍ତ୍ତୀ ଜିଲାପାଳ ଅଭିଯୋଗକୁ ଓ ପୁରୁଣା ଜିଲାପାଳଙ୍କ ତଦନ୍ତ ରିପୋର୍ଟକୁ ଅଣଦେଖା କରୁଛନ୍ତି ବୋଲି ଅଭିଯୋଗ ରହିଛି। ବାରମ୍ବାର ଦାବି, ଆପତ୍ତି, ଅଭିଯୋଗ ପରେ ସୁଫଳ ମିଳୁ ନ ଥିବାରୁ ଶେଷରେ ବାସହରାମାନେ ଉପାୟ ଶୂନ୍ୟ ହୋଇ ମୁଖ୍ୟମନ୍ତ୍ରୀଙ୍କ ଆବାସିକ କାର୍ଯ୍ୟାଳୟରେ ୧୦ରୁ ଉର୍ଦ୍ଧ୍ୱ ଥର ଜଣାଇବା ପରେ ମଧ୍ୟ ନ୍ୟାୟ ମିଳିଲାନି। ୨୦୧୯ ଜାନୁୟାରୀ ୨୬ରେ କ୍ଷତିଗ୍ରସ୍ତ ପରିବାରର ସଦସ୍ୟ ସମୂହ ଆତ୍ମାହୂତି ଦେବାକୁ ନିଷ୍ପତ୍ତି ନେଇଥିଲେ। ଏ ନେଇ ରାଜ୍ୟପାଳଙ୍କୁ ଇଚ୍ଛାମୃତ୍ୟୁ ପାଇଁ ଆବେଦନ କରିଥିଲେ। ତେବେ ପ୍ରଶାସନ ପକ୍ଷରୁ ଖୋର୍ଦ୍ଧା ଉପଜିଲାପାଳ ଓ ଭୁବନେଶ୍ୱର ଅତିରିକ୍ତ ତହସିଲଦାର ଅଭିଯୋଗକାରୀଙ୍କୁ ଭୁବନେଶ୍ୱର ନ ପଠାଇ ତମାଣ୍ଡୋ ଥାନା ନିକଟରେ ଅଟକାଇଥିଲେ। ସେଠାରେ ଆଲୋଚନା କରି ପୁଣି ମୂଲ୍ୟାୟନ, ମାପ ଓ କ୍ଷତିପୂରଣ ଦିଆଯିବ ବୋଲି କହିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ପୁଣି ଅଣଦେଖା କରାଗଲା ବୋଲି କୁନ୍ତଳା ନାୟକ ଓ ରାଜକିଶୋର ନାୟକ କହିଛନ୍ତି।



ଦୁର୍ବୃତ୍ତମାନେ ପୋଡି ଦେଇଥିବା ଏସ୍କାଭେଟର ।

### ବୋମା ପକାଇ ପୋଡ଼ିଦେଲେ ଏସ୍କାଭେଟର

**ଖୋର୍ଦ୍ଧା ଅଫିସ,୧୯।୬**

ଖୋର୍ଦ୍ଧା ସଦର ଥାନାର ତାପଙ୍ଗ ଛକ ନିକଟରେ ଥିବା ଏନକେଏସ୍ କ୍ରଶର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏକ ଏସ୍କାଭେଟରକୁ ମଙ୍ଗଳବାର ରାତିରେ ପୋଡି ଦିଆଯାଇଛି। ବୋମା ପକାଇ ଏହାକୁ ପୋଡି ଦିଆଯାଇଛି। ତେବେ ଘଟଣାସ୍ଥଳରେ ୨ଟି ଅଫୁଟା ବୋମା ପଡି ରହିଛି। ଏ ସମ୍ପର୍କରେ ଅଭିଯୋଗ ହୋଇ ନ ଥିବାବେଳେ ପୋଲିସର ତଦନ୍ତ ମଧ୍ୟ କରାଯାଇନାହିଁ। ତେବେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଲାଗି ରହିଛି।

### ଚିକିତ୍ସାରେ ଅର୍ଥ ସାଜିଛି ବାଧକ

**ଟାଙ୍ଗୀ(ଖୋର୍ଦ୍ଧା),୧୯।୬(ଡି.ଏନ.ଏ.)**

ଚିକିତ୍ସାରେ ଅର୍ଥ ବାଧକ ସାଜିଛି। ଅର୍ଥ ନଥିବାରୁ ଜଣେ କ୍ୟାନ୍‌ସର ଆକ୍ରାନ୍ତ ରୋଗୀ ଚିକିତ୍ସିତ ହୋଇପାରୁ ନାହାନ୍ତି। ସରକାରୀ ସହାୟତା ତାଙ୍କ ପାଇଁ ସାତ ସପନ ହୋଇଥିବାରୁ ଅନିଶ୍ଚିତତା ମଧ୍ୟରେ ଦିନ କାଟୁଛନ୍ତି କ୍ୟାନସର ଆକ୍ରାନ୍ତ ଅର୍ଜୁନପୁରର ଭିକାରୀ ବାରିକ ଓ ତାଙ୍କର ଦୁଃସ୍ଥ ପରିବାର।

ଭିକାରୀ ଜଣେ ଦିନ ମଜୁରିଆ, ଭୂମିହୀନ ବ୍ୟକ୍ତି । ସ୍ତ୍ରୀ, ଗୋଟିଏ ପୁଅ ଓ ଦୁଇ ଝିଅଙ୍କୁ ନେଇ ତାଙ୍କ ନିଅଣ୍ଟିଆ ସଂସାର । ସେ ମଧ୍ୟ ଜଣେ ଭିନ୍ନକ୍ଷମ ହୋଇଥିବାରୁ କୌଣସି କଠିନ କାମ କରି ନପାରି ନିଜଗ୍ରାମ ଠାରୁ ପ୍ରାୟ ୫ କି.ମି. ଦୂର ଚାନ୍ଦପୁରଠାରେ ଏକ ସେଲୁନ କରି ଦୁଃଖେ କଷ୍ଟେ ପରିବାର ଚଳାଉଥିଲେ । ବେଡି ଉପରେ କୋରଡା ମାଡ ପରି ସେ କ୍ୟାନସରରେ ପୀଡିତ ହେଲେ । ୨୦୧୮ ମାର୍ଚ୍ଚ ମାସରେ କଟକର ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ ରୋଗ ପ୍ରତିଷ୍ଠାନକୁ ଯାଇ ପରୀକ୍ଷା ନିରୀକ୍ଷା କରାଇଥିଲେ । ଧାର କରଜ କରି ଆବଶ୍ୟକ ଔଷଧ ଖାଇଥିଲେ । ମାତ୍ର ଚିକିତ୍ସକମାନେ ତାଙ୍କୁ ଅଧିକ ଚିକିତ୍ସା ପାଇଁ ପରାମର୍ଶ ଦେଇଥିଲେ ମଧ୍ୟ ତାଙ୍କ ପାଖରେ ଆର୍ଥିକ ସମ୍ବଳ ନଥିବା ହେତୁ ତାହା ସେ କରିପାରୁ ନାହାନ୍ତି। ଆର୍ଥିକ ସହାୟତା ପାଇଁ ନୟାଗଡ ଜିଲାପାଳଙ୍କୁ ଆବେଦନ କରିଥିଲେ । କିନ୍ତୁ ଏ ପର୍ଯ୍ୟନ୍ତ ସହାୟତା ମିଳିଲା ନାହିଁ। ସରକାରୀ ସହାୟତା ଓ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ପାଇବା ନିମିତ୍ତ ଆବେଦନ ପ୍ରକ୍ରିୟା ଜଣା ନଥିବାରୁ ଏପରି ଦୁଃସାଧ ରୋଗର ବ୍ୟୟବହୁଳ ଚିକିତ୍ସା କରାଇବା ତାଙ୍କ ପକ୍ଷେ ସମ୍ଭବ ହେଉ ନାହିଁ। ସତେଯେପରି ତାଙ୍କ ପରିବାର ଉପରେ ଅକାଳ ଚଡକ ପଡିଛି । ସାରା ପରିବାର ସ୍ଥାଣୁ ପାଲଟିଯାଇଛନ୍ତି। ସ୍ୱେଚ୍ଛାସେବୀ ସଂଗଠନ ଓ ସହୃଦୟ ବଦାନ୍ୟ ବ୍ୟକ୍ତିଙ୍କ ଠାରୁ ସହାୟତା ନିମିତ୍ତ ତାଙ୍କ ପରିବାର ସହ ଗ୍ରାମବାସୀ ନିବେଦନ କରିଛନ୍ତି।



ଭିକାରୀ ବାରିକ ।

■ ବିଦ୍ୟାଳୟ ସ୍ଥାନାନ୍ତରକୁ ବିରୋଧ

## ଜିଲାପାଳଙ୍କୁ ଫେରାଦ ହେଲେ ବାରବାଟୀ ବାସିନ୍ଦା



ବାରବାଟୀ ଗାଁର ଲୋକମାନେ ଜିଲାପାଳଙ୍କୁ ଭେଟିବାକୁ ଆସିଛନ୍ତି।

**ଖୋର୍ଦ୍ଧା ଅଫିସ,୧୯।୬:**

ବୋଲଗଡ ବ୍ଲକ ବାରବାଟୀ ଗାଁର ବାଙ୍କୋଇଦେଶ ପ୍ରାଥମିକ ବିଦ୍ୟାଳୟକୁ ସ୍ଥାନାନ୍ତର ପ୍ରକ୍ରିୟାକୁ ଗ୍ରାମବାସୀ ବିରୋଧ କରିଛନ୍ତି। ପ୍ରତିବାଦରେ ବୁଧବାର ଜିଲାପାଳ ଓ ବେଗୁନିଆ ବିଧାୟକଙ୍କୁ ଅବଗତ କରାଇ ବିଦ୍ୟାଳୟ ସ୍ଥାନାନ୍ତର ପ୍ରକ୍ରିୟାକୁ ବାତିଲ କରିବାକୁ ନିବେଦନ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ଦୁଇ ବିଦ୍ୟାଳୟ ମଧ୍ୟରେ ଦୂରତା ୨ କିମି। ବାରବାଟୀ ଗାଁଟି ଏକ ବନ୍ୟା ପ୍ଳାବିତ ଅଞ୍ଚଳ। ସାମାନ୍ୟ ବର୍ଷାରେ ବାରବାଟୀକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଏ। ବର୍ଷା ୪ ମାସ ଗାଁଟି ବିଚ୍ଛିନ୍ନ ହୋଇ ରୁହେ। ବଡଲୋକମାନେ ଯାତାୟାତ କରିବା କଷ୍ଟକର ହୋଇପଡେ। ଛୋଟ ପିଲାମାନେ ୨ କିମି ଯିବା ସମ୍ଭବ ନୁହେଁ ବୋଲି କହିଛନ୍ତି। ଅନ୍ୟପକ୍ଷେ କଳାପଥର ରାଜସୁନାଖଳା ସଡକ ବାରବାଟୀ ଦେଇ ଯାଇଛି। ଏହି ରାସ୍ତାରେ ଅଧିକାଂଶ ସମୟ ଭାରିଯାନ ଯାତାୟାତ କରେ। ଯାହାକି ଛାତ୍ରୀଛାତ୍ରଙ୍କୁ ଯିବାରେ ଅନ୍ତରାୟ ସୃଷ୍ଟି କରିବ। ରାଜ୍ୟ ସରକାର ଶିକ୍ଷାକୁ ଗୁରୁତ୍ୱ ଦେଉଥିବାବେଳେ ବାରବାଟୀ ବିଦ୍ୟାଳୟ ସ୍ଥାନାନ୍ତର କଲେ ଛାତ୍ରୀଛାତ୍ର ଅଶିକ୍ଷିତ ହୋଇ ରହିଯିବେ ବୋଲି ଦାବି ଉପସ୍ଥାପନ କରିଛନ୍ତି।

### ବିୟର ବୋଝେଇ ଗାଡି ଲୁଟ, ଡ୍ରାଇଭରଙ୍କୁ ମାଡ

**ବେଗୁନିଆ, ୧୯। ୬ (ଡି.ଏନ.ଏ.)**

ଖୋର୍ଦ୍ଧା ପୋଲିସ ଜିଲା ବେଗୁନିଆ ଥାନା ଅଞ୍ଚଳରେ ପୁଣି ଲୁଟେରା ସକ୍ରିୟ ହୋଇଛନ୍ତି। ମଙ୍ଗଳବାର ରାତିରେ ଖୋର୍ଦ୍ଧା–ବଲାଙ୍ଗୀର ଜାତୀୟ ରାଜପଥରେ ଯାଉଥିବା ଏକ ବିୟର ବୋଝେଇ ଆଇଚର ନଂ. ଓଡି ୨୫ ଏଫ ୯୦୯୧ କୁ ଲୁଟେରାମାନେ କେଉଁ ଆଡେ ନେଇ ଯାଇଛନ୍ତି। ପୋଲିସ ସୂଚନା ମୁତାବକ, ଖୋର୍ଦ୍ଧା ବିୟର ଫ୍ୟାକ୍ଟ୍ରିରୁ ଆଇଚର ଗାଡି ଯୋଗେ ୩୫୦ ପେଟି ବିୟର ନୟାଗଡ ଜିଲା ଦଶପଲାସ୍ଥିତ ସରକାରୀ ମଦ ବିକ୍ରୟ କେନ୍ଦ୍ରକୁ ଯାଉଥିଲା। ଏହାର ଆନୁମାନିକ ମୂଲ୍ୟ ୫ଲକ୍ଷ ୫୦ ହଜାର ଟଙ୍କା ହେବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ। ଖୋର୍ଦ୍ଧା– ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥ ଅଧୀନ ପିତୁଙ୍କୁଳି ଛକ ନିକଟରେ ରାତି ପ୍ରାୟ ୧୦ଟା ୪୫ ମିନିଟ୍‌ରେ ୪ରୁ ୫ ଜଣ ଲୁଟେରା ଆସି ବିୟର ବୋଝେଇ ଗାଡିକୁ ଅଟକାଇ ଥିଲେ। କର୍ମଚାରୀ ବିଶ୍ୱନାଥ ସାହୁଙ୍କୁ ମାରଣାସ୍ତ୍ର ଓ ମାଉଚର ଦେଖାଇ ଭୟଭୀତ କରାଇଥିଲେ। ହେଲେ ବିଶ୍ୱନାଥ ଗାଡିରୁ ଓହ୍ଲାଇ ନ ଥିଲେ। ପରେ ଚାଳକ ମାନସ ବେହେରାଙ୍କୁ ମାରପିଟ କରି ଗାଡିରୁ ଓହ୍ଲାଇ ଦେଇଥିଲେ। ପରେ ଗାଡିକୁ ନେଇ ସେମାନେ ପଳାଇ ଯାଇଥିଲେ। ଏ ସଂକ୍ରାନ୍ତରେ ବିଶ୍ୱନାଥ ବୁଧବାର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ. ୯୦/୧୯ରେ ମାମଲା ରୁଜୁ ତଦନ୍ତ କରୁଛି।

■ ଜାତୀୟ ରାଜପଥ ୧୬ରେ ବ୍ଲୁ ହୋଲ୍

## ୩ ମାସରେ ୩୪ ଦୁର୍ଘଟଣା

**ଖୋର୍ଦ୍ଧା ଅଫିସ,୧୯।୬:**

କଲିକତା–ମାଡ୍ରାସ ୧୬ ନଂ. ଜାତୀୟ ରାଜପଥର ଜଟଣୀ ଓଭରବ୍ରିଜଠାରୁ ୧୦୦ ମିଟର ଦୂରରେ ଥିବା ଛୋଟ ବ୍ରିଜରେ ୨ଟି ବ୍ଲୁ ହୋଲ୍ ଦେଖିବାକୁ ମିଳୁଛି। ବ୍ଲୁହୋଲ୍‌ଟି ପ୍ରାୟ ୩ ମାସ ତଳେ ସିମେଣ୍ଟରେ ମରାମତି କରାଯାଇ ଦାୟିତ୍ୱ ଶେଷ କରି ଦିଆଯାଇଛି। କାର୍ଯ୍ୟର କିଛିଦିନ ପରେ ପୁଣି ବ୍ଲୁ ହୋଲ ବଡ ବଡ ଗର୍ତ୍ତରେ ପରିଣତ ହୋଇ ସାରିଲାଣି। ଏହି ବ୍ଲୁ ହୋଲ ଆଜି କିମ୍ବା କାଲିର ନୁହେଁ। ପ୍ରାୟ ୩ ମାସ ହେଲା ବିପଦର କାରଣ ପାଲଟିଥିଲେ ମଧ୍ୟ ମରାମତି କରାଯାଉନାହିଁ। ଏହି ଦୁଇ ଗର୍ତ୍ତ କାରଣରୁ ୩ ମାସରେ ପ୍ରାୟ ୩୪ ଟି ଦୁର୍ଘଟଣା ଘଟି ସାରିଲାଣି। ଅଧିକାଂଶ ଦୁର୍ଘଟଣା ରାତିରେ ଘଟୁଛି। ବ୍ଲୁ ହୋଲ ଏପରି ହୋଇଛି ଯାନବାହନ ଚାଳକ ଜାଣିବା ବେଳକୁ ଦୁର୍ଘଟଣା ହୋଇ ସାରିଥାଏ। ଖୋର୍ଦ୍ଧା ସହର ତଥା ଜିଲା ସଦର ମହକୁମାକୁ ଛୁଇଁଥିବା ଏହି ଜାତୀୟ ରାଜପଥରେ ପ୍ରତି ମିନିଟ୍‌ରେ ଦିନରାତି ଭାରୀଜାନ ସମେତ ଶତାଧିକ ଯାନବାହନ ଯାଇଥାଏ। ବିଡମ୍ବନାର ବିଷୟ ସମ୍ପୃକ୍ତ ରାସ୍ତା ଦେଇ ଜିଲାର ବହୁ ମୁଖିଆ, ମନ୍ତ୍ରୀ, ବିଭାଗୀୟ ଯନ୍ତ୍ରୀ ଯାଉଥିଲେ ମଧ୍ୟ ଏଥିପ୍ରତି ନଜର ପଡୁନି। ଏହି ହୋଲ କାରଣରୁ ଉକ୍ତ ବ୍ରିଜଟି କେଉଁ ସମୟରେ ଭୁଶୁଡି ପଡିବ କହି ହେବ ନାହିଁ । ଦେଖାଯାଉ କେବେ ହୋଲକୁ ମରାମତି କରାଯାଉଛି।



ରାସ୍ତାରେ ସୃଷ୍ଟି ହୋଇଥିବା ହୋଲ ଯୋଗୁ ଦୁର୍ଘଟଣା ଘଟୁଛି ।

### ଜେଲ ଗଲେ ୨ ଅଭିଯୁକ୍ତ

**ଖୋର୍ଦ୍ଧା ଅଫିସ,୧୯।୬:**

ଖୋର୍ଦ୍ଧା ଆଦର୍ଶ ଥାନା ବଘେଇଟାଙ୍ଗୀ ତାଡକୀ ପାହାଡରୁ ଚୋରି ହୋଇଥିବା ଆହୁଜା ଆମ୍ପ୍ଲିଫାୟାର ଘଟଣାରେ ପୋଲିସ ରାମଚନ୍ଦ୍ରପୁରର ଅଶୋକ ନାୟକ(୨୪) ଓ ଅମୂଲ୍ୟ ବେହେରା(୨୬)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ଉଭୟ ଅଭିଯୁକ୍ତଙ୍କୁ ଖୋର୍ଦ୍ଧା ଜେଲକୁ ପଠାଇ ଦିଆଯାଇଛି। ମିଳିଥିବା ସୂଚନା ଅନୁସାରେ, ରଜଯାତ୍ରା ବେଳେ ଲାଇଟ ଆଣ୍ଡ ସାଉଣ୍ଡ ଟେଣ୍ଟ ହାଉସ୍‌ର ଆହୁଜା ଆମ୍ପ୍ଲିଫାୟାର ଚୋରି ହୋଇଥିଲା। ସ୍ଥାନୀୟ ଲୋକ ଚୋରୀ ଉପକରଣ ଜବତ କରିଥିବାବେଳେ ୨ ଅଭିଯୁକ୍ତଙ୍କୁ ଧରି ପୋଲିସ ଜିମା ଦେଇଥିଲେ।

### ରାସ୍ତାରେ ଜମି ରହୁଛି ବର୍ଜ୍ୟଜଳ



ରାସ୍ତା ଉପରେ ଜମି ରହିଥିବା ଜଳ।

**ବୋଲଗଡ଼,୧୯।୬(ଡି.ଏନ.ଏ.)**

ବୋଲଗଡ଼ ବ୍ଲକ ସାଗରଗାଁ ପଞ୍ଚାୟତସ୍ଥ ଜରିପଡ଼ା ଗ୍ରାମର ପଶ୍ଚିମ ମୁଣ୍ଡରେ ଥିବା ରାସ୍ତାରେ ବର୍ଜ୍ୟଜଳ ଜମିରହୁଛି। ଫଳରେ ଯାତାୟାତକାରୀ ପ୍ରତ୍ୟହ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ଜଳକୁ ଡ୍ରେନେଜ୍ ବ୍ୟବସ୍ଥା ଦ୍ୱାରା ନିଷ୍କାସିତ କରିବାକୁ ଗ୍ରାମବାସୀ ଦାବି କରୁଛନ୍ତି । ପ୍ରକାଶ ଯେ, ଗାଁ ପଶ୍ଚିମ ମୁଣ୍ଡ ସାହି ମଧ୍ୟରୁ ମୁଖ୍ୟରାସ୍ତାକୁ ବାହାରିବା ପାଇଁ ଏକ କଚ୍ଚାରାସ୍ତା ରହିଛି । ଏହି ରାସ୍ତା ନିକଟରେ ଥିବା ନଳକୂପର ବର୍ଜ୍ୟ ଜଳ ପ୍ରଦୂଷିତ ହୋଇ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରିବାର ଆଶଙ୍କା ପ୍ରକାଶ ପାଇଛି। ଏ ସମ୍ପର୍କରେ ସାଗରଗାଁ ସରପଞ୍ଚ ସୁବାସ ରାୟଗୁରୁଙ୍କୁ ପଚାରିବାରୁ ସେ କହିଥିଲେ, ଜରିପଡା ରାସ୍ତାରୁ ବର୍ଜ୍ୟଜଳ ନିଷ୍କାସନ ପାଇଁ ଏକ ଡ୍ରେନେଜ୍ ବ୍ୟବସ୍ଥା ନିମନ୍ତେ ଚେଷ୍ଟା କରାଯିବ ।

## ଖରାରେ ଓଭରବ୍ରିଜ୍ ଉପରେ କାମ କରୁଛନ୍ତି ଶ୍ରମିକ

**ନିରାକାରପୁର,୧୯।୬(ଡି.ଏନ୍.ଏ.)**

**ବିପଜ୍ଜନକ କାର୍ଯ୍ୟ ସତ୍ତ୍ୱେ ନୀରବ ଶ୍ରମ ବିଭାଗ**

ବର୍ତ୍ତମାନ ମଧ୍ୟ ଅନେକ ସ୍ଥାନରେ ତାତି କମିନାହିଁ। ତେଣୁ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ବିପଜ୍ଜନକ ଭାବେ କୌଣସି ଶ୍ରମିକ କାର୍ଯ୍ୟ କରିବା ସରକାରୀ ନିୟମ ବିରୁଦ୍ଧ। ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧା ରେଳ ଡିଭିଜନ ଅଧୀନ ନିରାକାରପୁର ଷ୍ଟେଶନ ପରିସରରେ ଏହି ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଛି। ମଙ୍ଗଳବାର ପ୍ରାୟ ୪୦ଡିଗ୍ରୀ ଖରାରେ ୩୦ଫୁଟ ଉଚ୍ଚତାବିଶିଷ୍ଟ ଓଭରବ୍ରିଜ୍ ଉପରେ ଚଢି ଅସୁରକ୍ଷିତ ଭାବେ ଜଣେ ରଙ୍ଗ ମିସ୍ତ୍ରୀ କାମ କରୁଥିବା ଦେଖିବାକୁ ମିଳିଛି । ଶ୍ରମ ଅଧିକାରୀଙ୍କୁ ଏ ନେଇ ବାରମ୍ବାର ଅବଗତ କରାଯାଉଥିବାବେଳେ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ ନ ହେବାରୁ ବିଭିନ୍ନ ମହଲରେ ଅସନ୍ତୋଷ ବୃଦ୍ଧିପାଉଛି। ଯାହା କଷ୍ଟ ହେଉପଛେ ଆମେ କାମ କରିବୁ ଏବଂ ଠିକାଦାରଙ୍କ ବିରୋଧରେ କିଛି କହିଲେ ଆମକୁ କାମ ମିଳିବନି ବୋଲି କେତେଜଣ ଶ୍ରମିକ କହିଛନ୍ତି। ଏନେଇ ଖୋର୍ଦ୍ଧା ଶ୍ରମ ଅଧିକାରୀ ପ୍ରଦୀପ ମହାପାତ୍ରଙ୍କୁ ପଚାରିବାରୁ ସେ କହିଲେ, ନିରାକାରପୁର ଅଞ୍ଚଳଟି ବାଲୁଗାଁ ଶ୍ରମ ଅଧିକାରୀଙ୍କ ଅଧୀନରେ ରହିଛି। ମୁଁ ଏ ନେଇ ଅବଗତ କରାଇବି ଓ ସେ କ୍ଷେତ୍ର ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିବେ ବୋଲି ସୂଚନା ଦେଇଛନ୍ତି । ତେବେ ବାଲୁଗାଁ ଶ୍ରମ ଅଧିକାରୀ ସନ୍ତୋଷ ମହାନ୍ତିଙ୍କ ଫୋନ୍ ନ ଲାଗିବାରୁ ତାଙ୍କ ମତାମତ ମିଳି ପାରି ନ ଥିବା ଜଣାପଡ଼ିଛି।



ବିପଜ୍ଜନକ ଭାବେ କାମ କରୁଥିବା ଜଣେ ଶ୍ରମିକ।

## ରାଶନ କାର୍ଡ ମାଗିଲେ ବାତ୍ୟା ବିପନ୍ନ

**ଖୋର୍ଦ୍ଧା ଅଫିସ,୧୯।୬**

ଜିଲାପାଳଙ୍କ କାର୍ଯ୍ୟାଳୟରେ ବୁଧବାର ଚିଲିକା ବ୍ଲକର ୧୦ଟି ପଞ୍ଚାୟତର ୨୦୦ରୁ ଉର୍ଦ୍ଧ୍ୱ ମହିଳା ବିକ୍ଷୋଭ କରିଥିଲେ। ସମ୍ପୃକ୍ତ ମହିଳାମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ବାରଣ୍ଡାକୁ ଘେରି ବସିଥିଲେ। ଦାବି ଥିଲା ଫନୀ ବାତ୍ୟାରେ କ୍ଷତିଗ୍ରସ୍ତ ହେଲୁ, କ୍ଷତିପୂରଣ ମିଳିଲାନି। ଦାବି, ଆପତ୍ତି, ଅଭିଯୋଗ ପରେ କିଛି ଆନ୍ଦୋଳନରତ ପରିବାର କେବଳ ୫୦ କେଜି ଚାଉଳ ପାଇଛନ୍ତି। ଅନ୍ୟମାନେ ଏ ଯାବତ ଅଣଦେଖା ହୋଇ ରହିଛନ୍ତି। ପୂର୍ବରୁ ରାଶନ କାର୍ଡ ଦେବାକୁ ବାରମ୍ବାର ଅଭିଯୋଗ, ପ୍ରତିବାଦ, ଆନ୍ଦୋଳନ କରାଗଲା। ତଥାପି ସୁଫଳ ମିଳିଲାନି। ବାତ୍ୟାରେ ଘର ଭଙ୍ଗିଲା ପରେ ବି ଅଣଦେଖା। ଏଣୁ ବାତ୍ୟାର କ୍ଷୟକ୍ଷତି ସହ ରାଶନ କାର୍ଡ ଯୋଗାଇ ଦେବା ଦାବିରେ ବିକ୍ଷୋଭ ହୋଇଥିଲା। ଏହି ବିକ୍ଷୋଭରେ କୋମଣ୍ଡଳ, ନଇରୀ, ବଉଳାବନ୍ଧ, ହରିପୁର, ହାଟବରଡି, ମାନସିଂହପୁର, ଜରିପଡା, ଜୟନ୍ତୀପୁରର ପରି ୧୦ଟି ପଞ୍ଚାୟତର ମହିଳା ସାମିଲ ଥିଲେ। ଜରିପଡାର ରଇବାରୀ ବେହେରା, ନଇରୀର ସାବିତ୍ରୀ ବେହେରା, ସାନ ନଇରୀର ସୁନୟନା ବେହେରା କୁହନ୍ତି, ବାତ୍ୟା ଘର ଭାଙ୍ଗିଲା ଅଥଚ ସହାୟତା ମିଳିଲାନି। ଘର ନ ଭାଙ୍ଗି ରାଶନ କାର୍ଡ ଥିବା ଲୋକ ଫଇଦା ନେଲେ। ମୁଖମନ୍ତ୍ରୀଙ୍କ କାର୍ଯ୍ୟାଳୟ ସମେତ ଅତିରିକ୍ତ ଜିଲାପାଳ ଓ ଜିଲାପାଳଙ୍କ କାର୍ଯ୍ୟାଳୟକୁ ବାରମ୍ବାର ଆସିବା ପରେ ବି କ୍ଷତିଗ୍ରସ୍ତ ବାତ୍ୟା ବିପନ୍ନ ଦୟନୀୟ ଭାବେ କାଳାତିପାତ କରୁଛନ୍ତି। ପ୍ରଥମେ ରାଶନ କାର୍ଡରୁ ବଞ୍ଚିତ କରାଗଲା। ପରେ ଫନୀ କ୍ଷତିଗ୍ରସ୍ତଙ୍କୁ ବି ଅଣଦେଖା କରାଯାଇଛି। ଆନ୍ଦୋଳନକାରୀମାନେ ଦାବି ପୂରଣ ନ ହେଲେ ଆନ୍ଦୋଳନରୁ ହଟିବେ ନାହିଁ କହି ବୁଧବାର ତୀବ୍ର ପ୍ରତିବାଦକୁ କରିଥିଲେ।



ବାତ୍ୟା କ୍ଷତିଗ୍ରସ୍ତ ଚିଲିକା ଅଞ୍ଚଳର ୧୦ ପଞ୍ଚାୟତର ମହିଳାମାନେ ଜିଲାପାଳଙ୍କୁ ଭେଟିବାକୁ ଆସିଛନ୍ତି ।



"ରାଷ୍ଟ୍ରର ପ୍ରତ୍ୟେକ ବ୍ୟକ୍ତି ଶ୍ରଦ୍ଧା, ନିଷ୍ଠା ତଥା ଦୃଢ଼ ଆତ୍ମବିଶ୍ୱାସ ବଳରେ ରାଷ୍ଟ୍ରକୁ ନିଶ୍ଚୟ ସମୁନ୍ନତ କରାଇପାରିବେ।
-ମଦନମୋହନ ମାଲବ୍ୟ



## ସଂକ୍ଷେପରେ

### ଲିଙ୍କ୍ ନ ଥିବାରୁ ବ୍ୟାଙ୍କ ସେବା ବ୍ୟାହତ

**କଣାସ,୧୯।୬(ଡି.ଏନ୍.ଏ.):** ଡେଲାଙ୍ଗ ବ୍ଲକର ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ କଲ୍ୟାଣପୁର, ଘୋରଡିଆ ଓ ଇନ୍ଦିପୁର ଶାଖାରେ ୩ସପ୍ତାହ ହେଲା ଲିଙ୍କ୍ ନାହିଁ। ଫଳରେ ଜମାକରୀ ଓ ଚାଷୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କଲ୍ୟାଣପୁର ଠାରୁ ୬ କି.ମି ଦୂରରେ ଥିବା ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ କଣାସ ଶାଖାରେ ଲିଙ୍କ ଥିଲା ବେଳେ ଏଠାରେ ନ ଥିବାରୁ ଗ୍ରାହକଙ୍କୁ ବ୍ୟଥିତ କରିଛି। ବାତ୍ୟା 'ଫନୀ'ର ଏକ ସପ୍ତାହ ପରେ ଗ୍ରାମ୍ୟ ବ୍ୟାଙ୍କ୍‌କୁ ଲିଙ୍କ୍ ଆସିଥିଲା। ସାମୟିକ ଭାବେ ଦୁଇ ସପ୍ତାହ ଚାଲିବା ପରେ ୩ ସପ୍ତାହ ହେବ ସମ୍ପୂର୍ଣ୍ଣ ଅଚଳ ରହିଛି। ଗ୍ରାମ୍ୟ ବ୍ୟାଙ୍କର ଲିଙ୍କ୍ ଅଚଳ ସହ ବିଦ୍ୟୁତ୍ ସେବାର ପୁନରୁଦ୍ଧାର ହୋଇନାହିଁ। ଫଳରେ ଅପରାହ୍ଣ ୨ଟା ପରେ ବ୍ୟାଙ୍କ ବନ୍ଦ ହୋଇଯାଉଛି। ଏଥି ସହ ଏସ୍‌ବିଆଇ, ୟୁକୋ ଓ ଆନ୍ଧ୍ର ବ୍ୟାଙ୍କ ଡେଲାଙ୍ଗ ଶାଖାରେ ପ୍ରତିଦିନ ସାମୟିକ ଲିଙ୍କ୍ କଟିଯାଉଛି । କାରବାର ପାଇଁ ଗ୍ରାହକ ମାନେ ଘଣ୍ଟା ଘଣ୍ଟା ଧରି ଛିଡା ହେବାକୁ ପଡୁଛି। ଲିଙ୍କ୍ ନ ଥିବାରୁ କାଳିଆ ସହାୟତା, ବାତ୍ୟା ଘର ଭଙ୍ଗା ସହାୟତା ସହ ଅନ୍ୟାନ୍ୟ ସରକାରୀ ସହାୟତା ହିତାଧିକାରୀଙ୍କ ଜମା ଖାତାକୁ ଆସିପାରୁ ନାହିଁ। ତୁରନ୍ତ ଏହାର ସମାଧାନ ପାଇଁ ବ୍ୟାଙ୍କ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

### ଜେଲ ଗଲେ ଦୁଇ ଅଭିଯୁକ୍ତ

**ଖୋର୍ଦ୍ଧା ଅଫିସ,୧୯।୬:** ଖୋର୍ଦ୍ଧା ଆଦର୍ଶ ଥାନା ବଘେଇଟାଙ୍ଗୀ ତାଡକୀ ପାହାଡରୁ ଚୋରି ହୋଇଥିବା ଆହୁଜା ଆମ୍ପ୍ଲିଫାୟାର ଘଟଣାରେ ପୋଲିସ ରାମଚନ୍ଦ୍ରପୁରର ଅଶୋକ ନାୟକ(୨୪) ଓ ଅମୂଲ୍ୟ ବେହେରା(୨୬)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ଉଭୟ ଅଭିଯୁକ୍ତଙ୍କୁ ଖୋର୍ଦ୍ଧା ଜେଲକୁ ପଠାଇ ଦିଆ ଯାଇଛି। ମିଳିଥିବା ସୂଚନା ଅନୁସାରେ, ରଜଯାତ୍ରା ବେଳେ ଲାଇଟ ଆଣ୍ଡ ସାଉଣ୍ଡ ଟେଣ୍ଟ ହାଉସ୍‌ର ଆହୁଜା ଆମ୍ପ୍ଲିଫାୟାର ଚୋରି ହୋଇଥିଲା। ସ୍ଥାନୀୟ ଲୋକ ଚୋରି ଉପକରଣ ଜବତ କରିଥିବାବେଳେ ୨ ଅଭିଯୁକ୍ତଙ୍କୁ ଧରି ପୋଲିସ ଜିମା ଦେଇଥିଲେ।

### ବୋମା ପକାଇ ପୋଡି ଦେଲେ ଏକ୍ସାଭେଟର

**ଖୋର୍ଦ୍ଧା ଅଫିସ,୧୯।୬:** ଖୋର୍ଦ୍ଧା ସଦର ଥାନାର ତାପଙ୍ଗ ଛକ ନିକଟରେ ଥିବା ଏନକେଏସ୍ କ୍ରଶର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏକ ଏକ୍ସାଭେଟରକୁ ମଙ୍ଗଳବାର ରାତିରେ ପୋଡି ଦିଆଯାଇଛି। ବୋମା ପକାଇ ଏହାକୁ ପୋଡି ଦିଆଯାଇଛି। ତେବେ ଘଟଣାସ୍ଥଳରେ ୨ଟି ଅଫୁଟା ବୋମା ପଡି ରହିଛି। ଏ ସମ୍ପର୍କରେ ଅଭିଯୋଗ ହୋଇ ନ ଥିବାବେଳେ ପୋଲିସର ତଦନ୍ତ ମଧ କରାଯାଇନାହିଁ। ତେବେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଲାଗି ରହିଛି।

■ ସୋସିଆଲ ମିଡ଼ିଆରେ ପରିତ୍ୟକ୍ତ ବାତ୍ୟା ଆଶ୍ରୟସ୍ଥଳୀ ଚିତ୍ର

# ମରାମତି ନିର୍ଦ୍ଦେଶ ଦେଲେ ଏଡିଏମ୍

**ପୁରୀ ଅଫିସ,୧୯।୬**

ଉପକୂଳବର୍ତ୍ତୀ ପୁରୀ ଜିଲା ପ୍ରାୟ ପ୍ରତିବର୍ଷ ପ୍ରାକୃତିକ ବିପର୍ଯ୍ୟୟର ସାମ୍ନା କରିଥାଏ। କେତେବେଳେ ବନ୍ୟା ତ ପୁଣି କେବେ ବାତ୍ୟା ଆସି ଜିଲାବାସୀଙ୍କ ଆର୍ଥିକ ମାନଦଣ୍ଡକୁ ଦୋହଲାଇ ଦିଏ। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଅନେକ ଧନହାନୀ ଘଟିବାର ନଜିର ରହିଛି। ଏହି ସମୟରେ ଲୋକଙ୍କୁ ସୁରକ୍ଷିତ ଭାବେ ଆଶ୍ରୟ ଦେବା ଲାଗି ଜିଲାରେ ପ୍ରାୟ ୧୭୦ଟି ଆଶ୍ରୟସ୍ଥଳ ନିର୍ମାଣ କରାଯାଇଛି। ଏଥିମଧ୍ୟରେ କେତେକ ବହୁମୁଖୀ ଆଶ୍ରୟସ୍ଥଳ ବିଭିନ୍ନ ବିଦ୍ୟାଳୟ ପରିସରରେ ତିଆରି ହୋଇଛି। ବନ୍ୟା, ବାତ୍ୟା ସମୟକୁ ବାଦ୍ ଦେଲେ ଏଠାରେ ପିଲାଙ୍କ ପାଠ ପଢିବାର ବ୍ୟବସ୍ଥା କରାଯାଇଛି। ପୁରୀ ସହରସ୍ଥ ବିଶ୍ୱମ୍ଭର ବିଦ୍ୟାପୀଠ ପରିସରରେ ଏକ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରାଯାଇଥିଲା। ଉଦ୍ଦେଶ୍ୟ ଥିଲା ଅନ୍ୟ ସମୟରେ ଏଠାରେ ପିଲାମାନେ ପାଠ ପଢିପାରିବେ। ମାତ୍ର ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଉକ୍ତ କୋଠା ଏବେ ପରିତ୍ୟକ୍ତ ହୋଇପଡ଼ିଛି। ବାତ୍ୟାବେଳେ ଏଠାରେ ଲୋକେ ଆଶ୍ରୟ ନେଉନାହାନ୍ତି କି ପିଲାଙ୍କ ପାଠପଢା କାମରେ ଲାଗୁନାହିଁ। ଏହି ପରିତ୍ୟକ୍ତ ବାତ୍ୟା ଆଶ୍ରୟସ୍ଥଳୀର ଚିତ୍ର ବୁଧବାର ସୋସିଆଲ ମିଡ଼ିଆରେ ଘୁରି ବୁଲିଥିଲା। ଏହା ଜିଲାପାଳ ବଲୱନ୍ତ ସିଂ ଏବଂ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶଙ୍କ ନଜରକୁ ଆସିଥିଲା। ଅତିରିକ୍ତ ଜିଲାପାଳ (ଏଡିଏମ୍) ତୁରନ୍ତ ଘଟଣାସ୍ଥଳ ପରିଦର୍ଶନ କରି ଆର୍ ଆଣ୍ଡ ବି ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟରଙ୍କୁ ଆବଶ୍ୟକ ମରାମତି ପାଇଁ ନିର୍ଦ୍ଦେଶ ଦେଇଛନ୍ତି।



ପରିତ୍ୟକ୍ତ ଅବସ୍ଥାରେ ଥିବା ବାତ୍ୟା ଆଶ୍ରୟସ୍ଥଳୀ।

ପାଠପଢା ଓ ଆଶ୍ରୟସ୍ଥଳ ଲାଗି ବିଶ୍ୱମ୍ଭର ବିଦ୍ୟାପୀଠ ତିଆରି କରାଯାଇଥିଲା। ୨୦୦୪ ଡିସେମ୍ବର ୧୧ରେ ତତ୍କାଳୀନ ବାଚସ୍ପତି ମହେଶ୍ୱର ମହାନ୍ତି ଏହାକୁ ଉଦ୍‌ଘାଟନ କରିଥିଲେ। କିଛିବର୍ଷ ଏଠାରେ ସ୍କୁଲ ଚାଲିଥିଲା। ହେଲେ ଏହାର ରକ୍ଷଣାବେକ୍ଷଣ କରା ନ ଯିବାରୁ ପରିତ୍ୟକ୍ତ ହୋଇପଡ଼ିଲା। କୋଠାର ଝରକା, କବାଟ ଭାଙ୍ଗିଯାଇଛି। ଘରଗୁଡ଼ିକରେ ଅଳିଆ ଆବର୍ଜନା ଜମିଛି। ସମ୍ମୁଖ ଭାଗ ଅନାବନା ଗଛଲତାରେ ଭର୍ତ୍ତି। ଗତବର୍ଷ ସ୍ୱେଚ୍ଛାସେବୀ ସଙ୍ଗଠନ ହୋପ୍ ଇଜ୍ ଲାଇଫ୍ ପକ୍ଷରୁ ଗଛଲତା ଗୁଡ଼ିକୁ କାଟି ସଫା କରାଯାଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ଏଥିପ୍ରତି କେହି ଯତ୍ନବାନ ହୋଇ ନ ଥିଲେ। ଫଳରେ ପୁଣି ଗଛଲତା ମାଡ଼ିଯାଇ କୋଠାଟି ଅଲୋଡ଼ା ହୋଇପଡିଛି। ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳ କହିଛନ୍ତି, ଘଟଣା ନଜରକୁ ଆସିବା ପରେ ଘଟଣାସ୍ଥଳ ପରିଦର୍ଶନ କରିଥିଲି। କୋଠା କିଛି କ୍ଷତି ହୋଇନାହିଁ। ଝରକା, କବାଟ ଯାହା କିଛି ଭାଙ୍ଗିଯାଇଛି। ଆର୍ ଆଣ୍ଡ ବି ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟରଙ୍କୁ ଡାକି ସେଗୁଡ଼ିକୁ ମରାମତି କରିବାକୁ କହିଛି।

# ଫନୀରେ ମରିଛନ୍ତି ୨୬ଲକ୍ଷ ଗୃହପାଳିତ ପକ୍ଷୀ

## ପିପିଲି ବ୍ଲକରେ ସର୍ବାଧିକ ୧୫ଲକ୍ଷ

**ପୁରୀ ଅଫିସ,୧୯।୬**

ପୁରୀ ଜିଲାରେ ବାତ୍ୟା ଫନୀରେ ବହୁ ସଂଖ୍ୟକ ପଶୁପକ୍ଷୀଙ୍କ ମୃତ୍ୟୁ ଘଟିଛି। ପ୍ରଶାସନ ପକ୍ଷରୁ କରାଯାଇଥିବା ଆକଳନ ଅନୁଯାୟୀ ଜିଲାରେ ୨୬,୬୮,୨୨୪ ଗୃହପାଳିତ ପକ୍ଷୀ (କୁକୁଡା, ବତକ ଇତ୍ୟାଦି)ଙ୍କ ମୃତ୍ୟୁ ହୋଇଛି। ଏଥିମଧ୍ୟରୁ ପିପିଲି ବ୍ଲକରେ ସର୍ବାଧିକ ୧୫,୦୦,୩୫୫ ଗୃହପାଳିତ ପକ୍ଷୀ ମରିଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଗତ ୧୨ତାରିଖରେ ଜିଲା ପୁନରୁଦ୍ଧାର ଓ ଥଇଥାନ କାର୍ଯ୍ୟର ସମୀକ୍ଷା କରିଛନ୍ତି ଜାତୀୟ ଦୁର୍ବିପାକ ପରିଚାଳନା କର୍ତ୍ତୃପକ୍ଷ (ଏନ୍‌ଡିଏମ୍‌ଏ)ଙ୍କ ଏକ ପ୍ରତିନିଧି ଦଳ। ଏହି ଅବସରରେ ଜିଲା ପ୍ରଶାସନ ପକ୍ଷରୁ ସେମାନଙ୍କୁ ଘର କ୍ଷୟକ୍ଷତି ସମ୍ପର୍କରେ ରିପୋର୍ଟ ଦିଆଯାଇଥିଲା। ଉକ୍ତ ରିପୋର୍ଟ ଅନୁଯାୟୀ, ଜିଲାରେ ମୋଟ ୨୬,୭୧,୯୨୯ ଗୃହପାଳିତ ପଶୁପକ୍ଷୀଙ୍କ ମୃତ୍ୟୁ ଘଟିଥିଲା। ଏଥିମଧ୍ୟରେ ୧୭୯୬ଟି ମଇଁଷି ଓ ଗାଈ, ୧୪୦୦ ମେଣ୍ଢା ଓ ଛେଳି, ୧୦୩ ବଳଦ, ଓଟ ଓ ଘୋଡ଼ା, ୪୦୬ଟି ବାଛୁରୀ ଏବଂ ୨୬,୬୮,୨୨୪ ଗୃହପାଳିତ ପକ୍ଷୀଙ୍କ ମୃତ୍ୟୁ ହୋଇଥିଲା। ରିପୋର୍ଟକୁ ଦେଖିଲେ ପିପିଲି ବ୍ଲକରେ ସର୍ବାଧିକ ୧୫ଲକ୍ଷ ୩୫୫ କୁକୁଡା ଏବଂ ବତକଙ୍କ ଜୀବନ ଯାଇଛି। ସେହିପରି ଅନ୍ୟାନ୍ୟ ବ୍ଲକ ଯଥା କାକଟପୁରରେ ୨୦୦, କୃଷ୍ଣପ୍ରସାଦରେ ୩୦ହଜାର ୩୬, ଡେଲାଙ୍ଗରେ ୩ଲକ୍ଷ ୬୭ ହଜାର ୮୧୪, ଅସ୍ତରଙ୍ଗରେ ୨୫୫, ସତ୍ୟବାଦୀରେ ୧ଲକ୍ଷ ୪୬ହଜାର ୮୬୨, ପୁରୀ ସଦରରେ ୮ ହଜାର, କଣାସରେ ୩୨ହଜାର ୩୫୫, ଗୋପରେ ୪୪ହଜାର ୮୫୯, ବ୍ରହ୍ମଗିରିରେ ୫,୮୨୫, ନିମାପଡ଼ା ବ୍ଲକରେ ୫ଲକ୍ଷ ୩୧ହଜାର ୬୮୩ ଗୃହପାଳିତ ପକ୍ଷୀଙ୍କ ପ୍ରାଣହାନୀ ଘଟିଛି। ଏମାନଙ୍କ ମଧ୍ୟରେ କାଁ ଭାଁ ବତକ ମରିଥିଲେ ମଧ ସର୍ବାଧିକ କୁକୁଡ଼ାଙ୍କ ମୃତ୍ୟୁ ହୋଇଛି। କିନ୍ତୁ ସରକାରଙ୍କ ପକ୍ଷରୁ କୁକୁଡ଼ା ଚାଷୀଙ୍କ ଲାଗି ଯେଉଁ ସହାୟତା ଘୋଷଣା କରାଯାଇଛି ତାହାକୁ ନେଇ ଅନେକ କୁକୁଡ଼ା ଚାଷୀ ହତାଶ ହୋଇପଡ଼ିଛନ୍ତି ।

# ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପ୍ରଶିକ୍ଷଣ

**ଗୋପ/କୋଣାର୍କ,୧୯।୬(ଡି.ଏନ୍.ଏ.)**

ଗୋପ ଅଗ୍ନିଶମ ବିଭାଗ ପକ୍ଷରୁ ପ୍ରାକୃତିକ ବିପର୍ଯ୍ୟୟ ବେଳେ ଜନସାଧାରଣ କିପରି ଧନଜୀବନ ବଞ୍ଚାଇ ପାରିବେ ସେ ନେଇ ବୁଧବାର ବନ୍ତଳୀଗ୍ରାମ, ଭୂଆଁ, ଇଞ୍ଝୋଳ, ବଣିଆସାହିରେ ମକ୍‌ଡ୍ରିଲ୍‌ରେ ପ୍ରଶିକ୍ଷଣ ଦିଆଯାଇଥିଲା। ଏଥିରେ ସ୍ଥାନୀୟ ୱାର୍ଡସଭ୍ୟ, ସରପଞ୍ଚ, ଜନସାଧାରଣ, ଅଙ୍ଗନୱାଡ଼ି କର୍ମୀମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଅଗ୍ନିଶମ ବିଭାଗ ପକ୍ଷରୁ ସୁକାନ୍ତ ଜେନା, ବିଶ୍ୱଜିତ୍ ସାହୁ, ବିକ୍ରମ ସାହୁ, ସତ୍ୟନାରାୟଣ ସିଂ, ପ୍ରସନ୍ନ ଦାସଙ୍କ ସମେତ ବିଭିନ୍ନ କର୍ମୀମାନେ ଉପସ୍ଥିତ ଥିଲେ। ବଣିଆସାହି ସରପଞ୍ଚ ସୁଲୋଚନା ଶଗଡ଼ିଆଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ୱାର୍ଡସଭ୍ୟମାନେ ରହି ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ସେହିପରି କୋଣାର୍କ ଥାନା ଅଧୀନ କାଦୁଆ ନୁଆଗାଁ ପଞ୍ଚାୟତର ଧନିତ୍ରୀ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ଠାରେ ମକ୍‌ଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବାତ୍ୟା ଆଶ୍ରୟସ୍ଥଳୀର ଉପସଭାପତି ପ୍ରଫୁଲ୍ଲ ବେହେରାଙ୍କ ସଭାପତିତ୍ୱରେ କାକଟପୁର ବ୍ଲକ ନୋଡାଲ ଅଫିସର ସୁଧାକର ମଲ୍ଲିକ, ଓଏସଡମାର ଗୋଷ୍ଠୀ ସଂଯୋଜକ ପ୍ରକାଶ କୁମାର ବେହେରା, ଅଙ୍ଗନୱାଡି କର୍ମୀ ଲଳିତା କୁମାରୀ ଦେଇ ପ୍ରମୁଖ ଯୋଗଦେଇ ପ୍ରାକୃତିକ ବିପର୍ଯ୍ୟୟ ବେଳେ ଜନସାଧାରଣ କିପରି ଧନଜୀବନ ବଞ୍ଚାଇ ପାରିବେ ସେ ବିଷୟରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ୭୦ରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳା ସଭ୍ୟାସଭ୍ୟ ଓ ଗ୍ରାମବାସୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଆଶ୍ରୟସ୍ଥଳୀର ସମ୍ପାଦକ ଭାଗୀରଥି ସ୍ୱାଇଁ ପରିଚାଳନା କରିଥିଲେ।

■ ବିଦ୍ୟାଳୟ ସ୍ଥାନାନ୍ତରକୁ ବିରୋଧ

# ଜିଲାପାଳଙ୍କୁ ଫେରାଦ ହେଲେ ବାରବାଟୀ ବାସିନ୍ଦା



ଜିଲାପାଳଙ୍କୁ ଅଭିଯୋଗ ଜଣାଇବାକୁ ଆସିଥିବା ବାରବାଟୀ ଗ୍ରାମର ବାସିନ୍ଦା।

**ଖୋର୍ଦ୍ଧା ଅଫିସ,୧୯।୬**

ବୋଲଗଡ ବ୍ଲକ ବାରବାଟୀ ଗାଁର ବାଙ୍କୋଇଦେଶ ପ୍ରାଥମିକ ବିଦ୍ୟାଳୟକୁ ସ୍ଥାନାନ୍ତର ପ୍ରକ୍ରିୟାକୁ ଗ୍ରାମବାସୀ ବିରୋଧ କରିଛନ୍ତି। ପ୍ରତିବାଦରେ ବୁଧବାର ଜିଲାପାଳ ଓ ବେଗୁନିଆ ବିଧାୟକଙ୍କୁ ଅବଗତ କରାଇ ବିଦ୍ୟାଳୟ ସ୍ଥାନାନ୍ତର ପ୍ରକ୍ରିୟାକୁ ବାତିଲ କରିବାକୁ ନିବେଦନ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ଦୁଇ ବିଦ୍ୟାଳୟ ମଧ୍ୟରେ ଦୂରତା ୨ କିମି। ବାରବାଟୀ ଗାଁଟି ଏକ ବନ୍ୟା ପ୍ଲାବିତ ଅଞ୍ଚଳ। ସାମାନ୍ୟ ବର୍ଷାରେ ବାରବାଟୀକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଏ। ବର୍ଷା ୪ ମାସ ଗାଁଟି ବିଚ୍ଛିନ୍ନ ହୋଇ ରୁହେ। ବଡଲୋକମାନେ ଯାତାୟାତ କରିବା କଷ୍ଟକର ହୋଇପଡେ। ଛୋଟ ପିଲାମାନେ ୨ କିମି ଯିବା ସମ୍ଭବ ନୁହେଁ ବୋଲି କହିଛନ୍ତି। ଅନ୍ୟପକ୍ଷେ କଳାପଥର ରାଜସୁନାଖଳା ସଡକ ବାରବାଟୀ ଦେଇ ଯାଇଛି। ଏହି ରାସ୍ତାରେ ଅଧିକାଂଶ ସମୟ ଭାରିଯାନ ଯାତାୟାତ କରେ। ଯାହାକି ଛାତ୍ରୀଛାତ୍ରଙ୍କୁ ଯିବାରେ ଅନ୍ତରାୟ ସୃଷ୍ଟି କରିବ। ରାଜ୍ୟ ସରକାର ଶିକ୍ଷାକୁ ଗୁରୁତ୍ୱ ଦେଉଥିବାବେଳେ ବାରବାଟୀ ବିଦ୍ୟାଳୟ ସ୍ଥାନାନ୍ତର କଲେ ଛାତ୍ରୀଛାତ୍ର ଅଶିକ୍ଷିତ ହୋଇ ରହିଯିବେ ବୋଲି ଦାବି ଉପସ୍ଥାପନ କରିଛନ୍ତି।

## ଟଙ୍କା ନ ପାଇ ଫେରିଲେ ରାଶନ କାର୍ଡ ହିତାଧିକାରୀ

**ଗୋପ,୧୯।୬(ଡି.ଏନ୍.ଏ.)**

ଗୋପ ବ୍ଲକର ୩୧ପଞ୍ଚାୟତର ୩୬ହଜାର ୩୨୩ ରାଶନ କାର୍ଡ ହିତାଧିକାରୀ ପାଇବାକୁ ଥିବା ୧ହଜାର ଟଙ୍କା ନ ପାଇ ଫେରିଥିବା ବୁଧବାର ଅଭିଯୋଗ ହୋଇଛି। ପ୍ରକାଶ ଯେ, ସାମୁଦ୍ରିକ ଝଡ଼ ଫନୀରେ କ୍ଷତିଗ୍ରସ୍ତ ହୋଇଥିବା ରାଶନ କାର୍ଡ଼ ହିତାଧିକାରୀଙ୍କୁ ସରକାର ୫୦କେଜି ଚାଉଳ ସହ ୨ହଜାର ଟଙ୍କା ଦେବା ଲାଗି ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ଅନୁଯାୟୀ ଗୋପ ବ୍ଲକ୍‌ରେ ଥିବା ୩୬ହଜାର ୩୨୩ଜଣ ହିତାଧିକାରୀଙ୍କୁ ଚାଉଳ ଓ ଟଙ୍କା ଦିଆଯାଇଥିଲା। ମାତ୍ର ପରେ ରାଜ୍ୟ ସରକାର ପୁନର୍ବାର ପୁରୀ ଜିଲା ସମସ୍ତ ରାଶନକାର୍ଡ଼ ହିତାଧିକାରୀଙ୍କୁ ଆଉ ୧ହଜାର ଟଙ୍କା ଲେଖାଏଁ ଦେବା ଲାଗି ନିର୍ଦ୍ଦେଶ ଦେଇଥିଲେ। ଏହି ୧ହଜାର ଟଙ୍କା ଅନ୍ୟ ବ୍ଲକ୍‌ମାନଙ୍କରେ ବଣ୍ଟନ କରାଯାଇଥିବାବେଳେ ଗୋପ ବ୍ଲକରେ ବଣ୍ଟନ କରାଯାଇ ନ ଥିଲା। ବୁଧବାର ସମସ୍ତ ହିତାଧିକାରୀଙ୍କୁ ଟଙ୍କା ବଣ୍ଟନ କରାଯିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେବା ପରେ ବିଡିଓ ସମସ୍ତ ପଞ୍ଚାୟତରେ ଟଙ୍କା ବଣ୍ଟନ କରିବା ଲାଗି ସମସ୍ତ ପ୍ରସ୍ତୁତି ଶେଷ କରିଥିଲେ। ବ୍ଲକର ନିର୍ଦ୍ଦେଶ ଅନୁସାରେ ସମସ୍ତ ପଞ୍ଚାୟତର ରାଶନ କାର୍ଡ଼ ହିତାଧିକାରୀ ଟଙ୍କା ଲାଗି ଯାଇଥିବାବେଳେ ୪ରୁ ୫ଘଣ୍ଟା ଧରି ଅପେକ୍ଷା କରି ଖରାରେ ଫେରିଥିଲେ। ଏ ସମ୍ପର୍କରେ ବିଡିଓ ଦୀପ୍ତିରାଣୀ ଦାସ କୁହନ୍ତି, ଅଧିକାଂଶ ପଞ୍ଚାୟତରେ ଶିକ୍ଷକମାନେ ଏହି ଟଙ୍କା ବଣ୍ଟନ ଦାୟିତ୍ୱରେ ଥିବାରୁ ସେମାନେ ନ ଆସିବା ଯୋଗୁ ଟଙ୍କା ବଣ୍ଟନ କରାଯାଇନାହିଁ। ଗୁରୁବାର ସମସ୍ତ ରାଶନ କାର୍ଡ଼ ହିତାଧିକାରୀଙ୍କୁ ଟଙ୍କା ବଣ୍ଟନ କରାଯିବ ବୋଲି ସେ କହିଥିଲେ।

# ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀଙ୍କ ସୂର୍ଯ୍ୟ ମନ୍ଦିର ପରିଦର୍ଶନ



ସୂର୍ଯ୍ୟମନ୍ଦିର ବୁଲି ଦେଖୁଛନ୍ତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଏବଂ ଅନ୍ୟ ଅଧିକାରୀ।

**କୋଣାର୍କ,୧୯।୬(ଡି.ଏନ୍.ଏ.)**

ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ବୁଧବାର ଅପରାହ୍ଣରେ କୋଣାର୍କ ସୂର୍ଯ୍ୟ ମନ୍ଦିର ପରିଦର୍ଶନ କରିଛନ୍ତି। ମନ୍ତ୍ରୀ ପାଣିଗ୍ରାହୀ କୋଣାର୍କ ଯାତ୍ରିନିବାସଠାରେ ପହଞ୍ଚିବା ପରେ କୋଣାର୍କ ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ପରେ ମନ୍ତ୍ରୀ ପାଣିଗ୍ରାହୀ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିଥିଲେ। ସରକାରୀ ସ୍ୱିକୃତିପ୍ରାପ୍ତ ଗାଇଡ୍ ସୂର୍ଯ୍ୟମଣି ମଲ୍ଲ ମନ୍ତ୍ରୀଙ୍କୁ ସୂର୍ଯ୍ୟମନ୍ଦିରର ଐତିହ୍ୟ, ସଂସ୍କୃତି ଓ କିମ୍ବଦନ୍ତି ସମ୍ବନ୍ଧରେ ଅବଗତ କରାଇଥିଲେ। ଏହି ଗସ୍ତ ସମୟରେ କୋଣାର୍କ ପର୍ଯ୍ୟଟନ ଅଧିକାରୀ ପ୍ରଧାନ, କୋଣାର୍କ ଥାନା ଏଏସଆଇ ଶ୍ରୀଧର ମଲ୍ଲିକ ଉପସ୍ଥିତ ଥିଲେ। ଏହି ଗସ୍ତ ସମୟରେ କୋଣାର୍କ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡିକରାଯାଇଥିଲା।

# କୃଷ୍ଣପ୍ରସାଦରେ ରିଲିଫ ବଣ୍ଟନ

**ପୁରୀ ଅଫିସ,୧୯।୬**

ବାତ୍ୟାରେ ପୁରୀ ଜିଲାର କୃଷ୍ଣପ୍ରସାଦ ବ୍ଲକରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ମସୋମବାର ଏହି ବ୍ଲକ ଅନ୍ତର୍ଗତ ନୂଆପଡ଼ା ପଞ୍ଚାୟତର ଖଟିସାହି ଗାଁରେ ବିପନ୍ନଙ୍କୁ ରିଲିଫ୍ ବଣ୍ଟନ କରାଯାଇଛି। ମିଶନ ଓଡ଼ିଶା ପକ୍ଷରୁ ସୌର ଲଣ୍ଠନ ଏବଂ ଭାରତ ବିକାଶ ପରିଷଦ ପକ୍ଷରୁ ମଶାରି, ଡିବି ଏବଂ ବିସ୍କୁଟ ବଣ୍ଟାଯାଇଛି। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସହାୟତାରେ ପ୍ରାୟ ୨୫୦ ପରିବାରକୁ ଏହି ସାମଗ୍ରୀ ଦିଆଯାଇଛି ।



ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିବା ଅତିଥିବୃନ୍ଦ।

# କୋଣାର୍କରେ ରୋବୋଟିକ୍ସ ପ୍ରଶିକ୍ଷଣ ଶିବିର

**କୋଣାର୍କ,୧୯।୬(ଡି.ଏନ୍.ଏ.)**

କୋଣାର୍କସ୍ଥିତ ଭେଙ୍କଟେଶ୍ୱର ବିଦ୍ୟାଳୟ ପରିସରରେ ଏଫଆଇଡିଆର ଭୁବନେଶ୍ୱର ତରଫରୁ ୫ ଦିନିଆ ରୋବୋଟିକ୍ସ ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଏଫଆଇଡିଆର କୋଣାର୍କର ସଂଯୋଜକ ରାମକୃଷ୍ଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କାଲିଫର୍ନିଆରୁ ଆସିଥିବା ପ୍ରଶିକ୍ଷକ ରିସଭ ସିଂ, ଅନ୍ୟତମ ଅତିଥି ଭାବେ ରାଜ ସିଂ, ସରିତା ମହାପାତ୍ର, ନେହେରୁ ଯୁବକେନ୍ଦ୍ର ପୁରୀର ଯୁବ ସଂଯୋଜକ ଜୟଶଙ୍କର ଯୋଶୀ, ଏଫଆଇଡିଆରର ସମ୍ପାଦକ ଦେବୀ ପ୍ରସନ୍ନ ପଟ୍ଟନାୟକ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। କୋଣାର୍କ ଓ ଗୋପ ଅଞ୍ଚଳର ବଛାବଛା ୨୫ଜଣ ଛାତ୍ରୀଛାତ୍ର ଏଥିରେ ପ୍ରଶିକ୍ଷଣ ଗ୍ରହଣ କରୁଛନ୍ତି। ଏହି ଶିବିର ଆସନ୍ତା ୨୧ତାରିଖରେ ଉଦ୍‌ଯାପିତ ହେବ। ପ୍ରଥମ ଦିନର ପ୍ରଶିକ୍ଷଣ ବହୁତ ମନଛୁଆଁ ଥିଲା ବୋଲି ଛାତ୍ର ଶଶିକାନ୍ତ ଜେନା କହିଛନ୍ତି। ଏହି କାର୍ଯ୍ୟକ୍ରମକୁ କାଞ୍ଚନବାଳା ପଟ୍ଟନାୟକ, ରବିକୁମାର, ସୁନୀଲ କୁମାର ନାୟକ, ଶୁଭ୍ରାଂଶୁ ସେଠୀ, ପ୍ରଦୀପ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ପ୍ରଶିକ୍ଷକ ରିସଭଙ୍କୁ କୋଣାର୍କର ରବୀନ୍ଦ୍ରନାଥ ବାହିନୀପତି, ବିନୟ ଭୂଷଣ ମହାନ୍ତି, ଗୁଣନିଧି ମୁଦୁଲି, ଦିଲୀପ କୁମାର ନାୟକ, ବିଚିତ୍ର କୁମାର ମହାପାତ୍ର ପ୍ରମୁଖ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ମାନିତ କରିଥିଲେ।

■ ବିପର୍ଯ୍ୟୟ ପରିଚାଳନା ନେଇ ମକ୍ ଡ୍ରିଲ

# ଉଦ୍ଧାର କୌଶଳ ଦେଖାଇଲେ ଅଗ୍ନିଶମ କର୍ମଚାରୀ

**ପୁରୀ ଅଫିସ, ୧୯।୬**

ପ୍ରାକୃତିକ ବିପର୍ଯ୍ୟୟ ସମୟରେ କିପରି ରକ୍ଷା ପାଇହେବ ଏବଂ ଜରୁରିକାଳୀନ ପରିସ୍ଥିତିର ମୁକାବିଲା କରିହେବ ସେ ନେଇ ବୁଧବାର ବିଶ୍ୱମ୍ଭର ବିଦ୍ୟାପୀଠ ପରିସରରେ ଜିଲାସ୍ତରୀୟ ମକ୍ ଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିପର୍ଯ୍ୟୟ ସମୟରେ ନିଜେ ବଞ୍ଚି ଅନ୍ୟକୁ ବଞ୍ଚାଇବା ସମ୍ପର୍କରେ ପୁରୀ ଅଗ୍ନିଶମ କର୍ମଚାରୀ ଏହି ମକ୍ ଡ୍ରିଲ ଦେଖାଇଥିଲେ। ବନ୍ୟା, ବାତ୍ୟା, ସୁନାମୀ ସମୟରେ ହେଉ ଅବା କୌଣସି ଉଚ୍ଚ ଅଟ୍ଟାଳିକାରେ ଅଗ୍ନିକାଣ୍ଡ ଘଟିଲେ କିପରି ଲୋକଙ୍କୁ ଉଦ୍ଧାର କରାଯାଇପାରିବ, ତାହାର କୌଶଳ ପ୍ରଦର୍ଶନ କରିଥିଲେ। କର୍ମଚାରୀମାନେ ବିଦ୍ୟାଳୟର ଏନ୍‌ସିସି କ୍ୟାଡେଟ୍ ଛାତ୍ରଙ୍କୁ କାନ୍ଧରେ ପକାଇ ଉଚ୍ଚକୋଠାରୁ ଶିଡ଼ି ମାଧ୍ୟମରେ ତଳକୁ ଆଣିଥିଲେ। ରଶି ସାହାଯ୍ୟରେ ଲୋକଙ୍କୁ କିପରି ସୁରକ୍ଷିତ ଭାବେ ତଳକୁ ଅଣାଯାଇପାରିବ ତାହା ମଧ ପ୍ରଦର୍ଶନ କରିଥିଲେ। ଏଥିସହ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଉଦ୍ଧାର କାର୍ଯ୍ୟ ଲାଗି ବ୍ୟବହୃତ ହେଉଥିବା ବିଭିନ୍ନ ଉପକରଣ ଦେଖାଇ ସେଗୁଡ଼ିକର କାର୍ଯ୍ୟକାରିତା ସମ୍ପର୍କରେ ବୁଝାଇଥିଲେ। ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ଏହି ମକ୍ ଡ୍ରିଲ ଅବସରରେ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଉପଜିଲାପାଳ ଭବତାରଣ ସାହୁ, ଅତିରିକ୍ତ ଏସ୍‌ପି ଗାଗାରିନ୍ ମହାନ୍ତି, ବ୍ଲକ ଶିକ୍ଷା ଅଧିକାରୀ ମମତା ମିଶ୍ର, ଜିଲା ଜରୁରିକାଳୀନ ଅଧିକାରୀ ଇତିଶ୍ରୀ ନାୟକ, ସହକାରୀ ଅଗ୍ନିଶମ ଅଧିକାରୀ ମନୋଜ ମହାପାତ୍ର, ଓସ୍‌ଡମା ଜିଲା ପ୍ରକଳ୍ପ ଅଧିକାରୀ ସୁକାନ୍ତ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ସଭା ହୋଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ ଅଧ୍ୟକ୍ଷତା କରିଥିଲେ। ଅତିଥିମାନେ ପ୍ରାକୃତିକ ବିପର୍ଯ୍ୟର କିପରି ମୁକାବିଲା କରିହେବ ଏବଂ ଏହି ସମୟରେ କି ପ୍ରକାର ସତର୍କତା ଅବଲମ୍ବନ କରିବା ଉଚିତ ସେ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ପ୍ରାକୃତିକ ବିପର୍ଯ୍ୟୟର ପ୍ରାକ୍ ସୂଚନା ମିଳିବା ପରେ ପ୍ରଶାସନ ପକ୍ଷରୁ ଯେଉଁ ପଦକ୍ଷେପ ନିଆଯାଉଛି ସେଥିରେ ଲୋକେ ସହଯୋଗ କରିବା ଦରକାର। ସୁରକ୍ଷା ଦୃଷ୍ଟିରୁ ନିରାପଦ ସ୍ଥାନକୁ ଚାଲିଆସିବା ଉଚିତ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସୂଚନାଥାଉ କି, ବୁଧବାର ପୁରୀ ଜିଲାର ୧୭୦ଟି ବନ୍ୟା ଓ ବାତ୍ୟା ଆଶ୍ରୟସ୍ଥଳୀ ପରିସରରେ ଏହିଭଳି ମକ୍ ଡ୍ରିଲ କରାଯାଇଛି।



ମକ୍‌ଡ୍ରିଲ ପ୍ରଦର୍ଶନ କରାଯାଉଛି।